RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-191 ◆BHUBANESWAR ◆FRIDAY ◆5 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୧ ◆ଭୁବନେଶ୍ୱର ◆ଶୁକ୍ରବାର ◆୫ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ରାଜ୍ୟବାସୀଙ୍କ ଜୀବନରେ ରୂପାନ୍ତରଣ ଆଣିବ ଜଳ ସମ୍ପଦର ବିକାଶ

୪୪୧ କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି

ସ୍ୱଚ୍ଛତା, ପାରଦର୍ଶିତା ଓ ପ୍ରତିବଦ୍ଧତା ହେଉ ଜନସେବାର ମୂଳମନ୍ତ୍ର: ମୁଖ୍ୟମନ୍ତ୍ରୀ

ମୋଟ ନିଯୁକ୍ତ ଯନ୍ତ୍ରୀଙ୍କ ମଧ୍ୟରୁ ୫୦ ପ୍ରତିଶତ ମହିଳା

ଲୋକଙ୍କ ଆଶା ପୂରଣ ପାଇଁ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ ଆହ୍ୱାନ

■ **ଭୁବନେଶ୍ୱର, ୪।୧ (ସମିସ):** ରାଜ୍ୟର ବିକାଶରେ ଜଳ ସମ୍ପଦ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଏହି ବିଭାଗକୁ ଆହୁରି ଦକ୍ଷ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ଆଜି ଏକ ସଙ୍ଗରେ ୪୪୧ ଜଣ କନିଷ୍ଠ ଯନ୍ତ୍ରୀ (ସିଭିଲ୍)ଙ୍କୁ ନିଯୁକ୍ତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ମୋଟ ନିଯୁକ୍ତ ଯନ୍ତ୍ରୀଙ୍କ ମଧ୍ୟରୁ ୫୦% ହେଉଛନ୍ତି ମହିଳା ଯନ୍ତ୍ରୀ। ଲୋକସେବା ଭବନରେ ଆୟୋଜିତ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବ ନିଯୁକ୍ତ କନିଷ୍ଠ ଯନ୍ତ୍ରୀମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ ସହ '୫-ଟି' ଉପକ୍ରମ ଆଧାରରେ ଜନସାଧାରଣଙ୍କ ସେବା କରିବା ଲାଗି ଆହ୍ୱାନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନୂତନ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ରାଜ୍ୟର ପ୍ରମୁଖ ଜଳସେଚନ ପ୍ରକଳ୍ପଗୁଡିକ ତ୍ୱରାନ୍ୱିତ କରାଯାଉଛି। ଏପରିସ୍ଥଳେ ନୂଆ କରି କାର୍ଯ୍ୟରେ ଯୋଗ ଦେଇଥିବା ଯନ୍ତ୍ରୀମାନେ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଅଭିଜ୍ଞତା ଅର୍ଜନ କରିବା ସହିତ ପ୍ରତିକୂଳ ପରିସ୍ଥିତିର ସଫଳ ମୁକାବିଲା କରିବା ଆବଶ୍ୟକ। ଯେହେତୁ ଆପଣମାନେ ସରକାରୀ ଚାକିରୀରେ ଯୋଗ ଦେଇଛନ୍ତି, ନିଷ୍ଠା, ପାରଦର୍ଶିତା ଓ ପ୍ରତିବଦ୍ଧତାର ସହ ରାଜ୍ୟବାସୀଙ୍କ ସେବା କରିବା ଆପଣମାନଙ୍କର ମୂଳ କର୍ତ୍ତବ୍ୟ । ଆମର ପ୍ରତ୍ୟେକ କାର୍ଯ୍ୟର ସିଧାସଳଖ ପ୍ରଭାବ ଓଡ଼ିଶାବାସୀଙ୍କ ଜୀବନ ଜୀବିକା ଉପରେ ପଡିଥାଏ। ଲୋକଙ୍କ ଆଶା ଓ ଆକାଂକ୍ଷା ପ୍ରତି ଆମେ ସର୍ବଦା ସମ୍ବେଦନଶୀଳ ରହିବା ସହ ଜନସେବାରେ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିବା ଉଚିତ। ଜଳ ସମ୍ପଦ ବିଭାଗ ଓଡ଼ିଶା ସରକାରଙ୍କର ଏକ ପ୍ରମୁଖ ବିଭାଗ। ବିଭିନ୍ନ ବିକାଶ କାର୍ଯ୍ୟ ଏହି ବିଭାଗ ଉପରେ ନ୍ୟସ୍ତ କରାଯାଇଛି, ଯାହା ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ଜୀବନକୁ ସ୍ପର୍ଶ ▶ପୃଷ୍ଠା-୧୪

ସଶକ୍ତ ଓଡ଼ିଶା ଗଠନ ମୁଖ୍ୟମନ୍ତ୍ରୀଙ୍କ ଏକମାତ୍ର ସ୍ୱପ୍ନ: '୫-ଟି' ଅଧ୍ୟକ୍ଷ

୮ ମାସରେ ସୁନ୍ଦରଗଡ଼କୁ ୯୭୦ କୋଟି

- ମା'ମାନେ ଆଗେଇ ଆସିଲେ ଦୌଡ଼ିବ ଓଡ଼ିଶା: ପାଣ୍ଡିଆନ
- ୧୫ ବର୍ଷର ରାଜଗାଙ୍ଗପୁର ରେଳ ଓଭରବ୍ରିଜ ସମସ୍ୟା ସମାଧାନ
- ପ୍ରକଳ୍ପ ନିମନ୍ତେ ୪୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ
- ବେଦବ୍ୟାସର ରୂପାନ୍ତରଣ ପାଇଁ ୧୪.୫୦ କୋଟି ମଞ୍ଜୁର
- ଜନ ପ୍ରସ୍ତାବ ଆଧାରରେ ୨ ବ୍ଲକରେ ୩ ନୂଆ ଡିଗ୍ରୀ କଲେଜ
- ବଣେଇଁରେ ଡାଏଲେସିସ ସେଣ୍ଟର ପାଇଁ ୧.୮୧ କୋଟି

■ **ସୁନ୍ଦରଗଡ଼/ରାଉରକେଲା,୪।୧(ସମିସ):** ମୁଖ୍ୟମନ୍ତ୍ରୀ କଥା କମ୍ କହନ୍ତି, କାମ ବେଶୀ କରନ୍ତି। ମୁଁ ବି ଭାଷଣ ଦେବାକୁ ଆସିନି, କାମ କରିବାକୁ ଆସିଛି। ଆପଣମାନେ ଦେଇଥିବା ଦାୟିତ୍ୱକୁ କାର୍ଯ୍ୟକାରୀ କରିବାକୁ ଅଛି। ଆପଣମାନଙ୍କ ଦାବି ସମ୍ପର୍କରେ ୧୦ ଦିନ ଭିତରେ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ। ନିଜ ସୁନ୍ଦରଗଡ ଜିଲ୍ଲା ଗସ୍ତ ଦ୍ୱିତୀୟ ଦିନରେ '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରାଜଗାଙ୍ଗପୁରର ଜାମପାଲି ପଡ଼ିଆଠାରେ ଆୟୋଜିତ ଏକ ବିରାଟ ଜନ ସମାଗମରେ ସ୍ଥାନୀୟ ଜନସାଧାରଣଙ୍କୁ ଦେଇଛନ୍ତି ଏହି ଆଶ୍ୱାସନା। ଏହା ସହ ଦ୍ୱିତୀୟଦିନ ସୁନ୍ଦରଗଡ଼ ଗସ୍ତ ଅବସରରେ ଶ୍ରୀ ପାଣ୍ଡିଆନ ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡ଼ିକର ସମୀକ୍ଷା ସହ ସୁନିଦରଗଡ, ରାଜଗାଙ୍ଗପୁର, ନୂଆଗାଁ ଓ ବଣାଇ ବ୍ଲକରେ ଆୟୋଜିତ ସମାବେଶରେ ଲୋକଙ୍କ ଆପତ୍ତି, ଅଭିଯୋଗ ଗ୍ରହଣ କରିଛନ୍ତି।

ସୁନ୍ଦରଗଡ଼ ଜିଲ୍ଲା ଗସ୍ତର ୨ୟ ଦିନରେ ଶ୍ରୀ ପାଣ୍ଡିଆନ ଗୁରୁବାର ସୁନ୍ଦରଗଡ଼ଠାରେ ସମଲେଇ ମନ୍ଦିର ▶ପୃଷ୍ଠା-୧୪

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ହେବ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର

ବର୍ଷକ ମଧ୍ୟରେ ନିର୍ମାଣ ହେବ ପ୍ରେକ୍ଷାଳୟ
ଆଗାମୀ ପିଢ଼ିକୁ ମାର୍ଗ ଦେଖାଇବ ଗବେଷଣା

■ **ଭୁବନେଶ୍ୱର, ୪।୧ (ସମିସ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ରହିଛି। ୧୯୯୯ ମସିହାରେ ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିଥିଲେ। ଏହା ତାଙ୍କର ସ୍ୱପ୍ନର ପ୍ରକଳ୍ପ। ବିଶ୍ୱବିଦ୍ୟାଳୟର କାୟାକଳ୍ପ ପରିବର୍ତ୍ତନ କରିବା ପାଇଁ ଆସନ୍ତା ଶନିବାର ବୈଠକ ବସିବ। ବୈଠକରେ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ଶୈକ୍ଷିକ ବାତାବରଣ ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯିବ। ବିଶ୍ୱବିଦ୍ୟାଳୟର ରୌପ୍ୟ ▶ପୃଷ୍ଠା-୧୪

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

ପିଏଚ୍‌ଡି ପରିବାବାଲା

'ଏମ୍‌ବିଏ ଚାଏବାଲା', 'ବି-ଟେକ୍ ଚାଏବାଲା' ପରେ ଏବେ ଚର୍ଚ୍ଚାରେ ଅଛନ୍ତି 'ପିଏଚ୍‌ଡି ପରିବାବାଲା'। ଏ କାହାଣୀ ହେଉଛି ପଞ୍ଜାବ ନିବାସୀ ଡ. ସନ୍ଦୀପ ସିଂହଙ୍କର। ସେ ଚାରିଟି ବିଷୟରେ ମାଷ୍ଟର ଡିଗ୍ରୀ କରିଥିବାବେଳେ ଗୋଟିଏ ବିଷୟରେ ପିଏଚ୍‌ଡି ବି କରିଛନ୍ତି। ସନ୍ଦୀପ ପରିବା ବିକ୍ରି କରିବା ପୂର୍ବରୁ ୧୧ ବର୍ଷ ପର୍ଯ୍ୟନ୍ତ ସେ ପ୍ରଥମେ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଆଇନ ବିଭାଗରେ ଚୁକ୍ତିଭିତ୍ତିକ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ। ଏହି ଚାକିରିରେ ଦରମା କାଟ୍ ଏବଂ ଦରମା ଠିକ୍ ସମୟରେ ନ ମିଳିବାରୁ ସନ୍ଦୀପଙ୍କୁ ବହୁ ସମସ୍ୟା ଦେଇ ଗତି କରିବାକୁ ପଡ଼ିଲା। ଫଳରେ ସେ ଚାକିରି ଛାଡ଼ିବା ନିଷ୍ପତ୍ତି ନେଲେ । ପରିବାର ପ୍ରତିପୋଷଣ ପାଇଁ ସେ ପରିବା ବିକ୍ରି କରିବା ନିଷ୍ପତ୍ତି ନେଲେ। ସେ ଏବେ କେବଳ ପରିବା ବିକ୍ରି କରୁ ନାହାନ୍ତି, ତା'ସହ ନିଜେ ମଧ୍ୟ ବି.ଏଲ୍‌ବି ପଢ଼ା ଜାରି ରଖିଛନ୍ତି। ଦିନ ଯାକ ପରିବା ବିକ୍ରି କରିବା ପରେ ରାତିରେ ସେ ଆଇନ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା କହିଛନ୍ତି। ଏହାବାଦ୍ ସେ ଜୀବନ ତମାମ ପଢ଼ା ଜାରି ରଖିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏବେ ସେ ଘର ଘର ବୁଲି ଠେଲାରେ ପରିବା ବିକ୍ରି କରୁଛନ୍ତି। ସେ ତାଙ୍କ ଠେଲାଗାଡ଼ିରେ ଏକ ଫଳକ ଲଗାଇଛନ୍ତି। ଯେଉଁଥିରେ ପଞ୍ଜାବୀ ଓ ଇଂରାଜୀରେ 'ପିଏଚ୍‌ଡି ପରିବାବାଲା' ଲେଖାଯାଇଛି ଏବଂ ଏହି ଫଳକ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ପ୍ରଫେସର ଚାକିରି ତୁଳନାରେ ପରିବା ବିକ୍ରି କରି ସେ ଅଧିକ ରୋଜଗାର କରୁଥିବା କହିଛନ୍ତି। ଅନ୍ୟପଟେ ପରିବା ବିକ୍ରିରୁ ଯେତିକି ଆୟ କରୁଛନ୍ତି, ସେଥିରୁ ଅର୍ଥ ସଞ୍ଚୟ କରି ନିଜର ଏକ କୋଚିଂ ସେଣ୍ଟର ଖୋଲିବାକୁ ଲକ୍ଷ୍ୟ ରଖିଛନ୍ତି।

ବିଶ୍ୱ ପକ୍ଷୀ ଦିବସ

ଭାରତୀୟ ସଂସ୍କୃତି ଓ ଜନଜୀବନରେ ପକ୍ଷୀର ସ୍ଥାନ ସ୍ୱତନ୍ତ୍ର। ବେଦ, ପୁରାଣଠାରୁ ଆରମ୍ଭ କରି ଆଧୁନିକ ସାହିତ୍ୟରେ ସବୁଠି ପକ୍ଷୀ ସମ୍ପର୍କରେ ବର୍ଣ୍ଣନା ରହିଛି। ପରିତାପର ବିଷୟ ସାରା ବିଶ୍ୱରେ ପକ୍ଷୀମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ପକ୍ଷୀଙ୍କ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାନୁଆରୀ ୫ ତାରିଖକୁ 'ବିଶ୍ୱ ପକ୍ଷୀ ଦିବସ' ଭାବେ ପାଳନ କରାଯାଏ। ବିଶ୍ୱରେ ଏପରି କୌଣସି ସ୍ଥାନ ନାହିଁ, ଯେଉଁଠି ପକ୍ଷୀ ଦେଖିବାକୁ ମିଳନ୍ତି ନାହିଁ। କେତେକ ପକ୍ଷୀଙ୍କ ଆଗମନରେ ଆମେ ପାଣିପାଗର ପରିବର୍ତ୍ତନ ବିଷୟରେ ସୂଚନା ପାଇଥାଉ। କିନ୍ତୁ କମ୍ପ୍ୟୁଟର ଓ ମୋବାଇଲ୍‌ରେ ବ୍ୟସ୍ତ ମଣିଷ ଏବେ ଅନେକ ପକ୍ଷୀଙ୍କ ନାମ ପାସୋରି ଦେଲାଣି। ପ୍ରାକୃତିକ ବାସସ୍ଥାନ କ୍ଷୟ, ଅବାଧ ପକ୍ଷୀ ଶିକାର ଯୋଗୁଁ ପକ୍ଷୀ ସଂଖ୍ୟା ହ୍ରାସ ପାଇଥିବାବେଳେ ଏବେ ଜଳବାୟୁ ପରିବର୍ତ୍ତନ ଏଥିପ୍ରତି ପ୍ରତ୍ୟକ୍ଷ ବିପଦ ଭାବେ ଉଭା ହୋଇଛି। ଉପକାରୀ ପକ୍ଷୀ, ଶାଗୁଣା ଓ ଘରଚଟିଆ ବଂଶ ହ୍ରାସ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କଲେଣି। ଏହି ପରିପେକ୍ଷୀରେ ପକ୍ଷୀଜଗତର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା 'ବିଶ୍ୱ ପକ୍ଷୀ ଦିବସ' ପାଳନର ଉଦ୍ଦେଶ୍ୟ। ପ୍ରତିବର୍ଷ ଏହି ସମୟରେ ଆମ ରାଜ୍ୟର ମରାଳ ମାଳିନୀ 'ଚିଲିକା'ରେ ପକ୍ଷୀ ଗଣନା ଆରମ୍ଭ ହୋଇଥାଏ।

ଗୋଲ୍‌ଡେନ୍ ରକ୍

ବିଶ୍ୱରେ ପ୍ରତ୍ୟେକ ସ୍ଥାନର ଏମିତି କିଛି ରହସ୍ୟମୟ କଥା ରହିଛି ଯାହାର ରହସ୍ୟ ଉନ୍ମୋଚନ କରିବାରେ ବୈଜ୍ଞାନିକମାନେ ମଧ୍ୟ ସଫଳ ହୋଇ ନାହାନ୍ତି। ଏହିକ୍ରମରେ ମିଆଁମାର, ମୋନ୍ ରାଜ୍ୟରେ ୨୫ ଫୁଟ ଉଚ୍ଚରେ ରହିଥିବା ଏକ ସୁନେଲୀ ରଙ୍ଗର ପଥରର ସ୍ୱତନ୍ତ୍ରତା ରହିଛି। ଏହି ପଥରଟି ଆଉ ଏକ ପଥରର ଢାଲ ହୋଇ ରହିଛି। ତେବେ ଏହି ପଥରର ସନ୍ତୁଳନକୁ ଲୋକେ ଭଗବାନ ବୁଦ୍ଧଙ୍କର ଚମତ୍କାର ବୋଲି କୁହନ୍ତି। ଏହା 'ଗୋଲ୍‌ଡେନ୍ ରକ୍' ନାମେ ଜଣାଶୁଣା। ପ୍ରକୃତରେ ପଥରଟି ସୁନାରେ ନିର୍ମିତ ନୁହେଁ। ପଥର ଉପରେ ବୌଦ୍ଧ ଧର୍ମାବଲମ୍ବୀ ଲୋକେ ସୁନାର ପତ୍ର ଚିପ୍‌କାଉଥିବାରୁ ଏହାର ରଙ୍ଗ ଏପରି ଦେଖାଯାଉଛି। ଏହା ମିଆଁମାରର ପ୍ରସିଦ୍ଧ ବୌଦ୍ଧ ତୀର୍ଥସ୍ଥଳ। ଏହି ପଥର ପାଖକୁ ଯିଏ ବର୍ଷରେ ତିନି ଥର ଯାଏ ତାର ସବୁ ଦୁଃଖକଷ୍ଟ ଦୂର ହୋଇଯାଏ ବୋଲି କୁହାଯାଏ। ଏବେ ଏହି ଗୋଲଡେନ୍ ରକ୍‌ର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେଉଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ' ରେ ଏହି ଗୋଲଡେନ୍ ରକ୍‌ର ଭିଡିଓ @stunningworlds ନାମକ ଜଣେ ୟୁଜର୍ ସେୟାର୍ କରିଛନ୍ତି। ଭୂମିଠାରୁ ପ୍ରାୟ ୧୧ଶହ ମିଟର ଉଚ୍ଚରେ ରହିଛି ଏହି ଭାରୀ ସୁବର୍ଣ୍ଣ ପଥର । ଏହି ପଥର ଗୋଟିଏ ଖାଲ ଉପରେ ରହିଛି । ଏହି ପଥର ଭଗବାନ ବୁଦ୍ଧଙ୍କ କେଶ ଉପରେ ରହିଛି ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି । ଯାହାକୁ ଏକାଦଶ ଶତାବ୍ଦୀରେ ଜଣେ ବୌଦ୍ଧ ଭିକ୍ଷୁ ଏକ ଖାଲରେ ରଖିଥିଲେ । ସେବେଠାରୁ ଏହି ପଥର କୌଣସି ସ୍ଥାନକୁ ଘୁଞ୍ଚିନାହିଁ । କି କେହି ଏହାକୁ ଘୁଞ୍ଚାଇ ପାରିନାହାନ୍ତି । କୁହାଯାଏ, କେବଳ ଏହି ପଥରକୁ ଜଣେ ମହିଳା ଘୁଞ୍ଚାଇପାରିବେ । ତେଣୁ ଏହାକୁ ଛୁଇଁବାକୁ ମହିଳାମାନଙ୍କୁ ଅନୁମତି ଦିଆଯାଇନାହିଁ। ସେଥିପାଇଁ ମହିଳାମାନଙ୍କୁ ଏହି ପଥରକୁ ଦୂରରୁ ଦେଖିବାକୁ ନିୟମ ରହିଛି।

ମାର୍ଚ୍ଚ ୩୧ରେ 'କଲ୍‌କି ୨୮୯୮ ଏଡି'ର ଟ୍ରେଲର୍

ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଏବେ ତାଙ୍କ ଫିଲ୍ମ 'ସାଲାର୍' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏଥିରେ ପ୍ରଭାସଙ୍କ ଆକ୍ସନ୍ ଅବତାର ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। 'ଆଦିପୁରୁଷ' ଫ୍ଲପ୍ ହେବା ପରେ ପ୍ରଭାସ 'ସାଲାର୍'କୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ପ୍ରଭାସଙ୍କ ପ୍ରଶଂସକମାନେ ତାଙ୍କର ଆଗାମୀ ପ୍ରୋଜେକ୍ଟ 'କଲ୍‌କି ୨୮୯୮ ଏଡି'କୁ ଅପେକ୍ଷା କରିଛନ୍ତି। ନାଗ ଅଶ୍ୱିନ୍ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏହି ଫିଲ୍ମ ଦୁଇଟି ପାର୍ଟରେ ରିଲିଜ୍ ହେବ। ଇତିମଧ୍ୟରେ ଫିଲ୍ମର ନିର୍ଦ୍ଦେଶକ ଏହାର ପ୍ରଥମ ପାର୍ଟର ଟ୍ରେଲର୍ କେବେ ଆସିବ ତାହା ଉପରୁ ପରଦା ଉଠାଇଛନ୍ତି। ନିକଟରେ ନାଗ ଅଶ୍ୱିନ୍ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାର ଟ୍ରେଲର୍ ଆଜିଠୁ ୯୩ ଦିନ ପରେ ଆସିବ ବୋଲି କହିଛନ୍ତି। ଏଥିରୁ ଏହାର ଟ୍ରେଲର୍ ମାର୍ଚ୍ଚ ୩୧ରେ ଆସିବ ବୋଲି ଅନୁମାନ କରାଯାଉଛି। ଏଥିରେ ପ୍ରଭାସଙ୍କ ସହ ବିଗ୍ ବି ଅମିତାଭ, ଦୀପିକା ପାଦୁକୋନ୍ ଆଦି ଅଭିନୟ କରୁଛନ୍ତି।

କୁକୁର ସହିତ ଯୋଗ

ଯୋଗ କେବଳ ମଣିଷକୁ ଶାରୀରିକ ଭାବେ ଫିଟ୍ ରଖି ନ ଥାଏ, ବରଂ ମାନସିକ ସ୍ତରରେ ସୁସ୍ଥ ରଖିବାରେ ସହାୟକ ହୁଏ। ଏହି କ୍ରମରେ ଲୋକେ ବିଭିନ୍ନ ପ୍ରକାର ଯୋଗ ସହିତ ପରିଚିତ ଥିବା ବେଳେ କୁକୁର ସହିତ ଯୋଗ କରିବା କଥା ବୋଧହୁଏ କେହି କେବେ ଶୁଣି ନ ଥିବେ। ପ୍ୟାରିସ୍‌ରେ କୁକୁର ସହିତ ଯୋଗ କରିବାର ନୂଆ ଧାରା ଆରମ୍ଭ ହୋଇଛି। ଯାହାକୁ ସେଠାକାର ଲୋକେ ବେଶ୍ ପସନ୍ଦ କରୁଛନ୍ତି। ଏହି ଯୋଗ ସହିତ ଲୋକଙ୍କୁ ପରିଚିତ କରାଇଛନ୍ତି ଏଲା ରୁବିନସ୍କି। ଏହା ହେଉଛି ଏମିତି ଏକ ଯୋଗ, ଯେଉଁଥିରେ ଯୋଗ ସହିତ କୁକୁର ବି ସାମିଲ ଥାଏ। ତେବେ ମ୍ୟାଟ୍‌ରେ ଲୋକେ ଯୋଗ କରୁଥିବା ବେଳେ ସେମାନଙ୍କ ପାଖରେ କୁକୁର ବୁଲୁଥିବା ଦେଖିବାକୁ ମିଳେ। ଛୋଟ ଅପାର୍ଟମେଣ୍ଟରେ ରହୁଥିବା ତଥା ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରୁଥିବା ଲୋକଙ୍କ ପାଇଁ ଏହି ଯୋଗ ବେଶ୍ ଲାଭକାରୀ ବୋଲି ଏଲା କହିଛନ୍ତି। ସେହିପରି ଅନେକ ଜଣଙ୍କ ଘରେ କୁକୁର ଥିଲେ ମଧ୍ୟ ସେମାନଙ୍କୁ ବାହାରକୁ ବୁଲାଇ ନେବା ପାଇଁ ମଧ୍ୟ ସେମାନଙ୍କ ପାଖରେ ସମୟ ନ ଥାଏ। ଏଣୁ ଏପ୍ରକାର ଯୋଗ କ୍ଲାସ୍‌ରେ ଯେଉଁମାନେ କୁକୁର ସହିତ କିଛି ସମୟ ଅତିବାହିତ କରି ଖୁସି ତଥା ଆଶ୍ୱସ୍ତି ଅନୁଭବ କରିବାକୁ ଚାହାନ୍ତି, ସେମାନଙ୍କୁ ସେହି ସୁଯୋଗ ମିଳିଥାଏ। ଏହି ଯୋଗ କ୍ଲାସ୍‌ରେ ୨୦ ମିନିଟ୍ ଯୋଗ କରାଯାଉଥିବା ବେଳେ ୪୦ ମିନିଟ୍ କୁକୁର ସହ ସମୟ ଅତିବାହିତ କରିବା ପାଇ ସୁଯୋଗ ମିଳେ। କୁକୁର ସହ ଖେଳିବା ଦ୍ୱାରା ଉଦ୍‌ବେଗ, ଅବସାଦ ହ୍ରାସ ପାଏ ଏବଂ ମନ ଖୁସି ରହିଥାଏ। ଏଣୁ ଏ ଦୃଷ୍ଟିରୁ କୁକୁରକୁ କୋଳାଗ୍ରତି କରି ଲୋକେ ଆଶ୍ୱସ୍ତ ଅନୁଭବ କରୁଛନ୍ତି। ଅନ୍ୟପଟେ ଏଲା ଯୋଗ କ୍ଲାସ୍ ପାଇଁ ଭଡ଼ାରେ କୁକୁରଙ୍କୁ ଆଣନ୍ତି। ସେମାନେ କିଛି ସମୟ ଏଠାରେ ରହିବା ପରେ ରାତିରେ ଘରକୁ ଯାଆନ୍ତି। ସେହିପରି ଏଲା ସ୍ପେନରେ ଗୋଟିଏ କୁକୁର ଯୋଗ କେନ୍ଦ୍ର ଖୋଲିଥିବା ବେଳେ ଏହି ବର୍ଷ ଫ୍ରାନ୍ସର ବିଭିନ୍ନ ସ୍ଥାନରେ ଏପ୍ରକାର ଯୋଗ କେନ୍ଦ୍ର ଖୋଲିବା ଲକ୍ଷ୍ୟ ସେ ରଖିଛନ୍ତି।

ସୁସ୍ଥ ରହିବ ମସ୍ତିଷ୍କ କରନ୍ତୁ ଏହି କାମ

ମସ୍ତିଷ୍କ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ତେଣୁ ଏହାକୁ ସୁସ୍ଥ ରଖିବା ଉପରେ ଧ୍ୟାନ ଦେବା ଉଚିତ। କିନ୍ତୁ ଏପରି କିଛି ଅଭ୍ୟାସ ଅଛି, ଯାହା ମସ୍ତିଷ୍କକୁ ଦୁର୍ବଳ କରିଦିଏ ଏବଂ ଏହାକୁ ସ୍ଥିର କରିଦିଏ। ତେବେ କିଛି ନିୟମ ପାଳନ କରି ମସ୍ତିଷ୍କକୁ ସଦା ସୁସ୍ଥ ରଖିହେବ, ଆସନ୍ତୁ ଜାଣିବା ସେଗୁଡ଼ିକ ସମ୍ପର୍କରେ...

- ମସ୍ତିଷ୍କକୁ ସୁସ୍ଥ ରଖିବା ସହ ସ୍ମରଣ ଶକ୍ତି ବଢ଼ାଇବା ପାଇଁ ଭଲ ଖାଦ୍ୟ ଖାଇବା ଜରୁରି। ସବୁବେଳେ ଫଳ ଓ ତଟକା ପନିପରିବା ଖାଇବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଏହାବାଦ୍ ସବୁବେଳେ କିଛି ନା କିଛି ଶିଖିବା ମନୋଭାବ ରହିବା ଦରକାର।
- ମସ୍ତିଷ୍କକୁ ତୀକ୍ଷ୍ଣ କରିବା ପାଇଁ ଭରପୂର ନିଦ୍ରା ନେବା ଜରୁରି। ଜଣେ ନିଦରେ ଭଲ ଭାବେ ଶୋଇଲେ ମସ୍ତିଷ୍କ ଭଲ ଭାବେ କାମ କରିଥାଏ।
- ମଣିଷ ଚାପଗ୍ରସ୍ତ ନ ରହିବା ପାଇଁ ବୁଲାବୁଲି ମଧ୍ୟ କରିବା ଜରୁରି।
- ଏହାବାଦ୍ ନିୟମିତ ଯୋଗ ବ୍ୟାୟାମ କରିବା ଜରୁରି। ଏହାଦ୍ୱାରା ମସ୍ତିଷ୍କ ସୁସ୍ଥ ରହିବ ଓ ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ।
- ରାଗିବା ମସ୍ତିଷ୍କ ପାଇଁ କ୍ଷତିକାରକ ହୋଇଥାଏ। ଯଦି ଆପଣ ଛୋଟ ଛୋଟ ଜିନିଷରେ ରାଗିଯାଉଛନ୍ତି, ଏହା ମାନସିକ କ୍ଷମତାକୁ ହ୍ରାସ କରିପାରେ ।
- ମସ୍ତିଷ୍କକୁ ସୁସ୍ଥ ରଖିବା ପାଇଁ ଖାଦ୍ୟରେ ବ୍ରୋକୋଲି, ଆଲମଣ୍ଡ, ଅଖରୋଟ, ଗ୍ରୀନ୍ ଟି, କଖାରୁ ମଞ୍ଜି, ଡାର୍କ ଚକୋଲେଟ୍, ଡାଲିମ୍ବ ଆଦି ଖାଇବା ଆବଶ୍ୟକ। ଏଗୁଡ଼ିକରେ ଏମିତି ଗୁଣ ଅଛି, ଯାହା ମସ୍ତିଷ୍କ ଏବଂ ସ୍ମୃତି ଶକ୍ତି ପାଇଁ ବେଶ୍ ଭଲ ହୋଇଥାଏ।

'ଶୂନ୍ୟ ଖର୍ଚ୍ଚ' ଚ୍ୟାଲେଞ୍ଜ୍

ସମ୍ପ୍ରତି ବିଭିନ୍ନ ପ୍ରକାର ଟ୍ରେଣ୍ଡ ସହ ଭିନ୍ନ ଭିନ୍ନ ପ୍ରକାର ଚ୍ୟାଲେଞ୍ଜ ମଧ୍ୟ ସାମ୍ନାକୁ ଆସୁଛି। ଏହି କ୍ରମରେ ଏବେ ଅର୍ଥ ସଞ୍ଚୟ କରିବାକୁ ନେଇ 'ଜିରୋ ସ୍ପେଣ୍ଡ' ବା 'ଶୂନ୍ୟ ଖର୍ଚ୍ଚ' ଚ୍ୟାଲେଞ୍ଜ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ୨୮ ବର୍ଷୀୟା ମାଟିଲ୍‌ଡା ରେଲିଫରସ୍ ନାମ୍ନୀ ଜଣେ ମହିଳା ଏହି ଶୂନ୍ୟ ଖର୍ଚ୍ଚ ଚ୍ୟାଲେଞ୍ଜକୁ ଆପଣାଇ ମାସକୁ ୧.୫ ଲକ୍ଷ ଟଙ୍କା ସଞ୍ଚୟ କରିବାକୁ ସକ୍ଷମ ହୋଇପାରିଛନ୍ତି। ଏହି ଚ୍ୟାଲେଞ୍ଜ ଅନୁସାରେ, ସେ ନିଜ ଇଚ୍ଛାନୁସାରେ ଟଙ୍କାଟିଏ ବି ଅଧିକ ଗୋଟିଏ ମାସରେ ଖର୍ଚ୍ଚ କରି ନ ଥିବା କହିଛନ୍ତି। ନଭେମ୍ବର ମାସ ଯାକ ସେ କେବଳ ଖାଦ୍ୟ ଓ ବିଲ୍ ପାଇଁ ଯାହା ଟଙ୍କା ଖର୍ଚ୍ଚ କରିଥିଲେ। ସେ ଏହାବାଦ୍ ପୋଷାକ, ସାଙ୍ଗସାଥୀ ତଥା ବୁଲାବୁଲି ପାଇଁ ଟଙ୍କାଟିଏ ଅତିରିକ୍ତ ଖର୍ଚ୍ଚ କରି ନ ଥିବା କହିଛନ୍ତି। ଏହି ଚ୍ୟାଲେଞ୍ଜ ମାଧ୍ୟମରେ ସେ ଗୋଟିଏ ଫୁଡ୍ ସପ୍‌ରୁ ମାସକ ପାଇଁ ୧୦ ହଜାର ଟଙ୍କାର ଖାଦ୍ୟ ଅର୍ଡର ଦେଇଥିଲେ। ସେହିପରି ଏହି ଟ୍ରେଣ୍ଡକୁ ନେଇ ତାଙ୍କ ନିୟମ ଥିଲା, ସେ କେବଳ ଟଙ୍କା ବିଲ୍ ପଇଠ ପାଇଁ ଖର୍ଚ୍ଚ କରିବେ। ଏହାବାଦ୍ ନିଜ ପୋଷା କୁକୁରର ଅଚାନକ କିଛି ଆବଶ୍ୟକତା ପଡ଼ିଲେ ମାଟିଲ୍‌ଡା ଯାହା ଖର୍ଚ୍ଚ କରିବା କଥା କହନ୍ତି। ଏହି ଚ୍ୟାଲେଞ୍ଜ ଆଦୌ କଷ୍ଟକର ନ ଥିବା ସେ କହିଛନ୍ତି। ସେହିପରି ଖାଦ୍ୟ ଖାଇ ଯେଭଳି ବଳକା ଖାଦ୍ୟକୁ ଫ୍ରିଜ୍‌ରେ ରଖି ଖାଇପାରିବେ, ସେ ଦିଗରେ ମଧ୍ୟ ସେ ଦୃଷ୍ଟି ଦେଇଥାନ୍ତି। ମାଟିଲ୍‌ଡା ମାସକୁ ପୋଷାକ, ଖାଦ୍ୟ, ଘରଭଡ଼ା ପାଇଁ ପ୍ରଥମେ ୧,୮୦୦ ପାଉଣ୍ଡ ଖର୍ଚ୍ଚ କରୁଥିବା ବେଳେ 'ଶୂନ୍ୟ ଖର୍ଚ୍ଚ' ଚ୍ୟାଲେଞ୍ଜ ମାସରେ ତାହା ୧,୧୫୦ ପାଉଣ୍ଡକୁ ହ୍ରାସ ପାଇଲା। ସେ ଏପରି କରି ଏବେ ଖୁସି ଅନୁଭବ କରୁଥିବା କଥା କହିଛନ୍ତି।

ଆଜିର ରାଶିଫଳ

ମେଷ: ଆଶା କରିଥିବା ଦିଗରୁ ଧନପ୍ରାପ୍ତି ହେବ। ବିଦ୍ୟାର୍ଥୀମାନେ ପରୀକ୍ଷାରେ ସକାରାତ୍ମକ ଫଳ ପାଇବେ। ଅଫିସ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି। ପ୍ରେମୀ ଯୁଗଳଙ୍କ ପାଇଁ ଦିନଟି ଭଲ ରହିବ। ଆୟରେ ବୃଦ୍ଧି ଘଟିବ।

ବୃଷ: ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବାଦ ବିବାଦ ସ୍ଥିତିରୁ ଦୂରେଇ ରୁହନ୍ତୁ। ନିଜ ବୁଦ୍ଧି ଅନୁସାରେ କାର୍ଯ୍ୟ କରନ୍ତୁ। ଜୀବନସାଥୀଙ୍କର ସହଯୋଗ ପାଇବେ। ନୂତନ ଜମି କ୍ରୟ କରିପାରନ୍ତି।

ମିଥୁନ: କୌଣସି ଜରୁରି କାର୍ଯ୍ୟ ପୂରଣ ହୋଇପାରେ। ନୂତନ ବ୍ୟବସାୟ ପାଇଁ ମନବଳାଇବେ। ମହିଳାମାନଙ୍କ ପାଇଁ ଦିନଟି ମହତ୍ତ୍ୱପୂର୍ଣ୍ଣ ରହିବ। ବନ୍ଧୁମାନଙ୍କ ସହଯୋଗ ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

କର୍କଟ: ପରିବାରରେ ହସ ଖୁସିରେ ସମୟ ବିତାଇବେ। ସମ୍ପର୍କରେ ଭୁଲ୍ ବୁଝାମଣା ହୋଇପାରେ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗ ପାଇବେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

ସିଂହ: ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରି ମାନବିକତାର ପରିଚୟ ଦେବେ। ବ୍ୟବସାୟରେ ଅଭିବୃଦ୍ଧି ଦେଖାଦେବ। ଅର୍ଥନୈତିକ ସ୍ଥିତି ସୁଦୃଢ଼ ହେବ। ଦୂରଯାତ୍ରା କରିବାରୁ ନିବୃତ୍ତ ରୁହନ୍ତୁ ।

କନ୍ୟା: ଭବିଷ୍ୟତ ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ପୁରୁଣା ସମ୍ପର୍କରେ ଘନିଷ୍ଠତା ବଢ଼ିବ। ବ୍ୟବସାୟରେ ବିକାଶ ଦେଖାଦେବ। ମନରେ ସକାରାତ୍ମକ ଚିନ୍ତାଧାରା ଆସିବ। ନୂତନ ନିଯୁକ୍ତି ସୁଯୋଗ ରହିଛି।

ତୁଳା: ଦୀର୍ଘଦିନର ସ୍ୱପ୍ନ ପୂରଣ କରିବା ପାଇଁ ଦୃଢ଼ ନିଷ୍ପତ୍ତି ନେବେ। ବିଦ୍ୟାର୍ଥୀଙ୍କୁ ଅତ୍ୟଧିକ ପରିଶ୍ରମ କରିବାକୁ ପଡ଼ିବ। ପୁରୁଣା ନିବେଶରୁ ଲାଭବାନ ହେବେ। ଆୟ ଅନୁସାରେ ଖର୍ଚ୍ଚ କରନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

ବିଛା: ଦିନଟି ସବୁ ଦୃଷ୍ଟିରୁ ଭଲ ରହିବ। କର୍ମକ୍ଷେତ୍ରରେ ଭଲ ଫଳ ମିଳିବ। ବ୍ୟବସାୟରେ ଆଶାଠାରୁ ଅଧିକ ସଫଳତା ପାଇବେ। ନୂତନ ଚିନ୍ତାଧାରା ନେଇ କାର୍ଯ୍ୟ କରିବେ। ପରିବାର ମଧ୍ୟରେ ଉତ୍ତମ ବୁଝାମଣା ରହିବ।

ଧନୁ: କୋର୍ଟକଚେରୀ ମାମଲାରେ ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ ପାଇପାରନ୍ତି। ପରିବାରବର୍ଗଙ୍କ ସ୍ୱପ୍ନ ସାକାରା ପାଇଁ କଠିନ ପରିଶ୍ରମ କରିବେ। ସନ୍ତାନ ପାଇଁ ଚିନ୍ତିତ ରହିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

ମକର: ମହିଳାମାନଙ୍କୁ ଗୁରୁ ଦାୟିତ୍ୱ ମିଳିବ। ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବା ଭଲ। ଆୟ ବୃଦ୍ଧି ପାଇଁ ଉତ୍ତମ ମାର୍ଗ ମିଳିବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ପିଲାମାନେ ଖେଳକୁଦରେ ବ୍ୟସ୍ତ ରହିବେ।

କୁମ୍ଭ: ଆୟ ତୁଳନାରେ ବ୍ୟୟ ବୃଦ୍ଧି ହେବ। ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ କରିବେ। ଅଧିକ ମାନସିକ ଚାପରେ ରହିପାରନ୍ତି। ସାବଧାନତାର ସହ କାର୍ଯ୍ୟ କରନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

ମୀନ: ପରିଶ୍ରମରୁ ଉତ୍ତମ ଫଳ ପାଇବେ। ମହିଳାମାନେ ପରିବାର ପାଇଁ ଚିନ୍ତିତ ରହିବେ। ସମସ୍ତଙ୍କ ସହ ଭଲ ସମ୍ପର୍କ ରଖିବାକୁ ଚେଷ୍ଟା କରିବେ। ଜୀବନସାଥୀଙ୍କ ସହିତ ଭଲ ମୁହୂର୍ତ୍ତ ବିତାଇବାର ସୁଯୋଗ ପାଇବେ।

ଆଜିର ଇତିହାସ

- ୧୭୩୧- ମସ୍କ

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-191 ◆BHUBANESWAR ◆FRIDAY ◆5 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୧ ◆ଭୁବନେଶ୍ୱର ◆ଶୁକ୍ରବାର ◆୫ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ଓଡ଼ିଶାରେ ଜେଏନ୍.୧ ଭାରିଆଣ୍ଟ ଚିହ୍ନଟ

ଭୁବନେଶ୍ୱର,୪।୧(ସମିସ): ଓଡ଼ିଶାରେ ଦୁଇ ଜଣ କୋଭିଡ୍ ସଂକ୍ରମିତଙ୍କଠାରେ କରୋନାର ନୂଆ ଉପପ୍ରଜାତି ଜେଏନ୍.୧ ଭୂତାଣୁ ଚିହ୍ନଟ ହୋଇଛି। ସେମାନଙ୍କ ଜିନୋମ୍ ସିକ୍ୱେନ୍ସିଂ ରିପୋର୍ଟରୁ ନୂଆ ଭାରିଆଣ୍ଟ ଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ଜେଏନ୍.୧ ଭୂତାଣୁରେ ଆକ୍ରାନ୍ତ ଦୁଇ ଜଣଙ୍କ ମଧ୍ୟରୁ ଜଣେ ଭୁବନେଶ୍ୱରର ହୋଇଥିବା ବେଳେ ଅନ୍ୟ ଜଣେ ସୁନ୍ଦରଗଡ଼ର ବାସିନ୍ଦା ବୋଲି ଜଣାପଡ଼ିଛି। ଭୁବନେଶ୍ୱରର ଆକ୍ରାନ୍ତ ମହିଳାଜଣଙ୍କ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ସୁନ୍ଦରଗଡ଼ର ଆକ୍ରାନ୍ତ ଜଣକ ଗୃହ ସଙ୍ଗରୋଧରେ ଅଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି, ଗୁରୁବାର ସକାଳ ସୁଦ୍ଧା ରାଜ୍ୟରେ ୨୮ ଜଣ କୋଭିଡ୍ ସଂକ୍ରମିତ ଥିଲେ। ପରବର୍ତ୍ତୀ ସମୟରେ ଅନୁଗୋଳରୁ ଜଣେ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କୌଣସି ପରିସ୍ଥିତିର ମୁକାବିଲା ପାଇଁ ଡାକ୍ତରଖାନାଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ଗତ ୨୪ ଘଣ୍ଟା ଭିତରେ ଦେଶରେ ୭ ଜଣ ସଂକ୍ରମିତଙ୍କ ପ୍ରାଣ ଯାଇଛି। ତେଣୁ ଲୋକ ସତର୍କ ହେବା ଜରୁରୀ। ନିଜ ସହିତ ପରିବାର ସଦସ୍ୟଙ୍କ ସୁରକ୍ଷା ପାଇଁ କୋଭିଡ୍ ନିୟମ ମାନିବା ଆବଶ୍ୟକ ବୋଲି ଡାକ୍ତର ମହାପାତ୍ର କହିଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ଆଉ ୧୨ଦିନ

ଯୋଗଦେବେ ଦେଶରୁ ୬୦ ମନ୍ଦିରର କର୍ମକର୍ତ୍ତା, ୬୫୦ ଅତିଥି

ପୁରୀ, ୪।୧(ସମିସ): ଆଉ ମାତ୍ର ୧୨ ଦିନ ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ। ସେଥିପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଲୋକାର୍ପଣ ଉତ୍ସବରେ ଦେଶ ବିଦେଶରୁ ଅତିଥି ଯୋଗଦେଉଥିବାରୁ ସମସ୍ତ କାର୍ଯ୍ୟକ୍ରମ ଯେପରି ଶୃଙ୍ଖଳିତ ଏବଂ ଆକର୍ଷଣୀୟ ହେବ ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଗୁରୁବାର ଗୁରୁବାର ଶ୍ରୀନହରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବୈଠକରେ ଯେଉଁସବୁ ଆଲୋଚନା ଏବଂ ଦାୟିତ୍ୱ ଦିଆଯାଇଥିଲା ତାହା କେତେଦୂର କାର୍ଯ୍ୟକାରୀ ହୋଇଛି ତା' ଉପରେ ବିଶେଷ ଭାବେ ତର୍ଜମା କରାଯାଇଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଆସନ୍ତା ୧୨ ତାରିଖରୁ ଯଜ୍ଞ ପ୍ରକ୍ରିୟା ଆରମ୍ଭ

ହେବ। ତିନିଦିନ ଧରି ଭବ୍ୟ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯିବ।୧୭ ତାରିଖରେ ଦେଶର ପ୍ରମୁଖ ୬୦ଟି ମନ୍ଦିରର କର୍ମକର୍ତ୍ତା ଯୋଗଦେବେ।ଅତିଥିଙ୍କୁ ସ୍ୱତନ୍ତ୍ର ଭାବେ ଆତିଥେୟତା ଯୋଗାଇ ଦିଆଯିବ। ଲୋକାର୍ପଣ ଉତ୍ସବରେ କିଏ କେଉଁଠି ବସିବେ ଏବଂ ସେମାନଙ୍କ ରହଣି ଉପରେ ମଧ୍ୟ ଆଲୋଚନା ହୋଇଛି। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେବାୟତ ଟିମ୍ ସହ ଯାଇଥିବା ବରିଷ୍ଠ ଓଏଏସ୍ ଅଧିକାରୀ ଅଭ୍ୟର୍ଥନା ଦାୟିତ୍ୱରେ ରହିବେ। ସେହିପରି ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ପରିଚାଳନା କମିଟି ସଦସ୍ୟମାନେ ଗୋବର୍ଦ୍ଧନ ମଠରେ ଭେଟି ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରିବେ ବୋଲି ନିଷ୍ପତ୍ତି ହୋଇଛି।

ଆସନ୍ତା ୧୨ ତାରିଖ ସନ୍ଧ୍ୟାରେ ଶ୍ରୀନହରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ଗୁଆ ଟେକା ଯାଇ ଯଜ୍ଞ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବ।ଶ୍ରୀମନ୍ଦିର ରାଜପୁରୋହିତଙ୍କ ପରାମର୍ଶକ୍ରମେ ଗଜପତି ଦିବ୍ୟସିଂହ ଦେବଙ୍କ ରାଶି ଓ ନକ୍ଷତ୍ରକୁ ନେଇ ଯଜ୍ଞ ହେବ।୧୫ ତାରିଖ ସକାଳ ୭ଟାରେ ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଅଙ୍କୁରାରୋପଣ କରାଯିବ।୧୭ ତାରିଖ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ।ପରିକ୍ରମା ଲୋକାର୍ପଣରେ ଯୋଗ ଦେବାକୁ ଆସିଥିବା ଅତିଥି କିଭଳି ସୁନ୍ଦର ଅନୁଭୂତି ନେଇ ଫେରିବେ ସେଥିପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। ସେହିପରି ଯଜ୍ଞ ଆରମ୍ଭରୁ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତି କାନ୍ତି ଯେଭଳି ଶୃଙ୍ଖଳିତ ହେବ ଓ ସାଧାରଣ ଭକ୍ତଙ୍କ ଦର୍ଶନରେ ▶ପୃଷ୍ଠା-୧୦

ହଟିଲା ଚକବନ୍ଦୀ ଅଙ୍କୁଶ

ଜମି ବିକ୍ରି, ବଣ୍ଟନ ଓ ହସ୍ତାନ୍ତରରେ ରହିବନି ସମସ୍ୟା

ଭୁବନେଶ୍ୱର,୪।୧(ସମିସ): ଚକବନ୍ଦୀ ଜମି ବିକ୍ରୟ, ହସ୍ତାନ୍ତର ଓ ବଣ୍ଟନ ଉପରେ ଲାଗିଥିବା ପ୍ରତିବନ୍ଧକ ହଟିଛି। ଏ ସମ୍ପର୍କରେ ବିଧାନସଭାରେ ପାରିତ ହୋଇଥିବା ଅଧିନିୟମ ସମ୍ପର୍କରେ ଆଜି ରାଜସ୍ୱ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ଫଳରେ ଓଡ଼ିଶାର

- **'୫-ଟି' ଅଧ୍ୟକ୍ଷଙ୍କୁ ଲୋକେ ଦେଇଥିଲେ ପ୍ରସ୍ତାବ, କାର୍ଯ୍ୟକାରୀ କଲେ ମୁଖ୍ୟମନ୍ତ୍ରୀ**
- **ଉପକୃତ ହେବେ ୮ ହଜାର ଗ୍ରାମର ଲକ୍ଷାଧିକ ଜମି ମାଲିକ**

ପ୍ରାୟ ଆଠ ହଜାର ଗ୍ରାମର ଲକ୍ଷାଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଲାଭବାନ ହେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବିଭିନ୍ନ ଜିଲ୍ଲା ଗସ୍ତ କରିଥିଲେ। ଏହି ଅବସରରେ ଚକ ଜମି ଉପରେ ଲାଗିଥିବା ଅଙ୍କୁଶ ହଟାଇବା ପାଇଁ ଶ୍ରୀ ପାଣ୍ଡିଆନଙ୍କୁ ଜନସାଧାରଣ ନିବେଦନ କରିଥିଲେ। ଜନତାଙ୍କ ପ୍ରସ୍ତାବ ଆଧାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କର ବହୁତ ବଡ଼ ସମସ୍ୟା ଦୂର କରିଛନ୍ତି।

ଲୋକଙ୍କ ପ୍ରସ୍ତାବ ଆଧାରରେ ଚକ ଜମିର ବ୍ରିକିବଟା, ହସ୍ତାନ୍ତର ଉପରୁ ପ୍ରତିବନ୍ଧକ ହଟାଇବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଥିଲେ। ଏହି ସମସ୍ୟାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଗଠିତ ରାଜସ୍ୱ ଟାସ୍କଫୋର୍ସରେ ବିଭିନ୍ନ ଦିଗକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପରେ ଉକ୍ତ ଅଧିନିୟମକୁ ସଂଶୋଧନ କରିବା ପାଇଁ ରାଜ୍ୟ ସରକାରଙ୍କୁ ବିଭାଗ ପ୍ରସ୍ତାବ ଦେଇଥିଲା। ଏହି ଅନୁସାରେ ଓଡ଼ିଶା ବିଧାନସଭାରେ ସଂଶୋଧିତ ଅଧିନିୟମ ପାରିତ କରାଯାଇଥିଲା। ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଫଳରେ ଚକ ଜମିର ବିକ୍ରି, ହସ୍ତାନ୍ତର ଓ ବଣ୍ଟନରେ ଥିବା ସମସ୍ୟା ଦୂର ହୋଇଛି। ସେହିପରି ପୂର୍ବରୁ ଚକବନ୍ଦୀ ନିୟମ ଉଲ୍ଲଙ୍ଘନ କରି ବିକ୍ରୟ ହସ୍ତାନ୍ତର ଓ ବଣ୍ଟନ କରାଯାଇ ଥିବା ଜମି ଏବେ ବୈଧ ଭାବେ ବିବେଚନା କରାଯିବ।

ଓଡ଼ିଶା ଚକବନ୍ଦୀ ଓ ଭୂମିର ବିଭକ୍ତିକରଣ ନିବାରଣ ଅଧିନିୟମ, ୧୯୭୨ ଚକ ଜମିର ଖଣ୍ଡବିଖଣ୍ଡନକୁ ରୋକିଥାଏ। ଉକ୍ତ ଆଇନ ଉଲ୍ଲଙ୍ଘନ କରି କରାଯାଇଥିବା ଯେକୌଣସି ଜମି ହସ୍ତାନ୍ତରୀକରଣ କିମ୍ବା ବଣ୍ଟନ ବେଆଇନ ଥିଲା। ଏହି ପ୍ରତିବନ୍ଧକ ଲୋକମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିଲା। ନିଜର ଜମି ଥାଇ ମଧ୍ୟ ଆବଶ୍ୟକତା ସମୟରେ ସେମାନେ ଜମି ବିକ୍ରି କରିପାରୁ ନଥିଲେ କିମ୍ବା ପରସ୍ପର ମଧ୍ୟରେ ବଣ୍ଟନ କରିପାରୁନଥିଲେ। ବାହାଘର, ପାଠପଢ଼ା, ବ୍ୟବସାୟ କିମ୍ବା ଅନ୍ୟ କୌଣସି ବ୍ୟୟବହୁଳ କାର୍ଯ୍ୟ ପାଇଁ ଅର୍ଥ ଦରକାର ପଡ଼ିଲେ ଜମି ଖଣ୍ଡେ ବିକ୍ରି କରିପାରୁ ନଥିଲେ। ଅପରପକ୍ଷେ ଏହି ପ୍ରତିବନ୍ଧିତ ଜମି ରେକର୍ଡଗୁଡ଼ିକର ସଂଶୋଧନରେ ପ୍ରତିବନ୍ଧକ ସୃଷ୍ଟି ସହ ଜମି ଦଖଲ ନିମନ୍ତେ ଭବିଷ୍ୟତରେ ମକଦ୍ଦମା ସୃଷ୍ଟି କରୁଥିଲା।

କଣ୍ଟେନର୍-ତେଲ ଟ୍ୟାଙ୍କର୍ ଦୁର୍ଘଟଣା

ଜୀବନ୍ତ ଜଳିଗଲେ ଦୁଇ ଚାଳକ

ବାରିପଦା/ବିଶୋଇ,୪।୧(ସମିସ): ବାଙ୍ଗିରିପୋଷି ନିକଟ ଦ୍ୱାରଶୁଣି ଘାଟିରେ ସଡ଼କ ଦୁର୍ଘଟଣା ଥମିବାର ନାଁ ଧରୁନାହିଁ। ଏହି ଘାଟି ପୁଣି ୨ଜଣଙ୍କ ଜୀବନ ନେଇଛି। ଆଜି ସକାଳେ ଏକ କଣ୍ଟେନର୍ ଓ ତେଲ ଟ୍ୟାଙ୍କର୍ ମଧ୍ୟରେ ଧକ୍କା ହେବାରୁ ଉଭୟ ଗାଡ଼ିର ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକଦ୍ୱୟଙ୍କ ପରିଚୟ ମିଳିପାରିନାହିଁ। ଖବର ପାଇ ବାରିପଦା ସଦର ଏସ୍‌ଡିପିଓ ସୁଜିତ ପ୍ରଧାନଙ୍କ ନେତୃତ୍ୱରେ ବାଙ୍ଗିରିପୋଷି

ପୁଣି ଜୀବନ ନେଲା ଦ୍ୱାରଶୁଣି ଘାଟି

ପୁଲିସ ଓ ବିଶୋଇ, ସାରସକଣା ଏବଂ ବାଙ୍ଗରିପୋଷିର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ସହ ଉଦ୍ଧାର କାର୍ଯ୍ୟ କରିଥିଲେ।ସୂଚନା ଅନୁସାରେ, ଗୁରୁବାର ସକାଳ ୬ଟାରେ ଏକ କଣ୍ଟେନର୍ ମୁମ୍ବାଇରୁ କୋଲକାତା ଅଭିମୁଖେ ଯାଉଥିବା ବେଳେ ଦ୍ୱାରଶୁଣି ଘାଟିରେ ପଛରୁ ଆସୁଥିବା ଅନ୍ୟ ଏକ ତେଲ ଟ୍ୟାଙ୍କର୍ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ି ଘାଟି ରାସ୍ତା ତଳକୁ ଖସି ପଡ଼ିଥିଲା। ▶ପୃଷ୍ଠା-୧୦

ଚିଲିକାରେ ବଢ଼ିଲେ ପକ୍ଷୀ

ଏବର୍ଷ ଆସିଛନ୍ତି ୧୧ଲକ୍ଷ ୩୭ହଜାର ୭୫୯

ଖୋର୍ଦ୍ଧା/ବାଲୁଗାଁ, ୪।୧(ସମିସ): ବାଲୁଗାଁ ବନ୍ୟପ୍ରାଣୀ ବିଭାଗ, ଚିଲ୍ଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ମିଳିତ ଆନୁକୂଲ୍ୟରେ ଚିଲିକାରେ ପକ୍ଷୀ ଗଣନା ଗୁରୁବାର ଶେଷ ହୋଇଛି। ବିଭାଗ ପକ୍ଷରୁ ପ୍ରକାଶିତ ଗଣନା ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ୧୮୭ପ୍ରଜାତିର ୧୧ ଲକ୍ଷ ୩୭ହଜାର ୭୫୯ପକ୍ଷୀଙ୍କ ସମାଗମ ହୋଇଛି। ତନ୍ମଧ୍ୟରେ ୧୦୮ ପ୍ରଜାତିର ୧୦ ଲକ୍ଷ ୯୮ହଜାର ୮୧୩ଟି ବିଦେଶାଗତ ପକ୍ଷୀ ଥିବା ବେଳେ ସ୍ଥାନୀୟ

- **ନଳବଣରେ ବଢ଼ିଲେ ୪ହଜାର ୪ଶହ ପକ୍ଷୀ**
- **୧୦ବର୍ଷ ପରେ ପୁଣି ଦିଶିଲା ପାଲାସ୍‌ଫିସ ଇଗଲ**

ଅଞ୍ଚଳର ୭୯ପ୍ରଜାତିର ୩୮ହଜାର ୯ଶହ ୪୬ଟି ପକ୍ଷୀ ରହିଛନ୍ତି। ଗତବର୍ଷ ୧୮୪ ପ୍ରଜାତିର ୧୧ ଲକ୍ଷ ୩୧ ହଜାର ୯୨୯ ପକ୍ଷୀ ଆସିଥିଲେ। ତନ୍ମଧ୍ୟରୁ ୧୦୫ ପ୍ରଜାତିର ୧୦ ଲକ୍ଷ ୯୩ହଜାର ୪୯ଟି ବିଦେଶୀ ପକ୍ଷୀ ଏବଂ ୭୯ ପ୍ରଜାତିର ୩୮ ହଜାର ୮ଶହ ୮୦ଟି ସ୍ଥାନୀୟ ପକ୍ଷୀ ସାମିଲ ଥିଲେ। ତେବେ ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ୫ହଜାର ୮୩୦ଟି ଅଧିକ ପକ୍ଷୀ ଆସିଛନ୍ତି। ପକ୍ଷୀଙ୍କ ଅଭୟାରଣ୍ୟ ନଳବଣରେ କେବଳ ୩ଲକ୍ଷ ୪୭ହଜାର ୨୮୦ପକ୍ଷୀଙ୍କର ଆଗମନ ହୋଇଛି। ପୂର୍ବବର୍ଷ ନଳବଣରେ ୩ଲକ୍ଷ ୪୨ହଜାର ୮୯୭ପକ୍ଷୀ ରହିଥିଲେ। ଯାହା ନଳବଣରେ ଚଳିତବର୍ଷ ଅଧିକ ପକ୍ଷୀ ଦୃଷ୍ଟିଗୋଚର ହୋଇଥିବା ଜଣାଯାଇଛି। ଚଳିତବର୍ଷ ନଳବଣରେ ପ୍ରାୟ ୪ହଜାର ୩୮୩ପକ୍ଷୀ ଅଧିକ ଆସିଛନ୍ତି। ତେବେ ସର୍ବାଧିକ ପକ୍ଷୀ ନଳବଣରେ ଦେଖାଯାଇଥିବା ବେଳେ ସର୍ବନିମ୍ନ ପକ୍ଷୀ ଟାଙ୍ଗୀ ରେଞ୍ଜ ନଇରୀ ଅଞ୍ଚଳରେ ଦେଖିବାକୁ ମିଳିଛି।

କର୍ତ୍ତବ୍ୟପଥରେ ଝଲସିବ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ

- **ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଲା ଓଡ଼ିଶାର ପ୍ରଜ୍ଞାପନ ମେଢ଼**
- **ରଘୁରାଜପୁର ଶିଳ୍ପୀ ଗ୍ରାମରେ ନାରୀ ସଶକ୍ତୀକରଣ ମଡେଲ**

ଭୁବନେଶ୍ୱର, ୪।୧(ସମିସ): ସମଗ୍ର ଦେଶ ପୁଣିଥରେ ଓଡ଼ିଶା କଳା-ସଂସ୍କୃତି, ଐତିହ୍ୟର ଝଲକ ଦେଖିବ। ଆସନ୍ତା ଗଣତନ୍ତ୍ର ଦିବସ ଅବସରରେ ଦିଲ୍ଲୀ କର୍ତ୍ତବ୍ୟପଥରେ ଅନୁଷ୍ଠିତ ହେବାକୁ ଥିବା ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ। କେନ୍ଦ୍ର ସରକାର ଏନେଇ ଯେଉଁ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିଛନ୍ତି ସେଥିରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସ୍ଥାନ ପାଇଛି। ଏନେଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଓଡ଼ିଶା ସମେତ ମୋଟ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଛି।

ବିକଶିତ ଭାରତ ପ୍ରସଙ୍ଗକୁ ନେଇ ଓଡ଼ିଶା ପକ୍ଷରୁ ୪ଟି ଡିଜାଇନ ଦିଆଯାଇଥିଲା। ଏଥିରେ ରଘୁରାଜପୁର ଗାଁର ଡିଜାଇନକୁ କେନ୍ଦ୍ର ମୋହର ମାରିଥିବାବେଳେ ଏହି ଅବସରରେ ସମ୍ବଲପୁରୀ ନୃତ୍ୟ ପରିବେଷଣ ପାଇଁ ଅନୁମତି ମିଳିଛି। ଶିଳ୍ପୀଗ୍ରାମ ରଘୁରାଜପୁରରେ କିପରି ଅନାବଶ୍ୟକ ସାମଗ୍ରୀରୁ ବିଭିନ୍ନ କଳାକୃତି ପ୍ରସ୍ତୁତ କରି ଶିଳ୍ପୀ ପରିଚିତ ହୋଇଛନ୍ତି ଏବଂ ରଘୁରାଜପୁର କିଭଳି ବିକଶିତ, ସାରା ବିଶ୍ୱରେ କଳା ପାଇଁ ଆଦୃତ ହୋଇପାରିଛି ତାହା ଏଥିରେ ଦର୍ଶାଯାଇଛି। ବିଶେଷକରି ନାରୀ ଶକ୍ତି ଏଠାରେ ଅଧିକ ସକ୍ରିୟ ରହି କିପରି ବିଭିନ୍ନ କଳା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ତାହା ମଧ୍ୟ ଏଥିରେ ସ୍ଥାନ ପାଇବ। ବିଶିଷ୍ଟ ଶିଳ୍ପୀ ଗଜେନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାକୁ ଶିଳ୍ପୀ କୀର୍ତ୍ତିକିଶୋର ମହାରଣା ପ୍ରସ୍ତୁତ କରିବେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତତ୍ତ୍ୱାବଧାନରେ ପ୍ରଜ୍ଞାପନ ମେଢ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ମେଢ଼ର ସମ୍ମୁଖ ଭାଗରେ କନ୍ଦର୍ପ ▶ପୃଷ୍ଠା-୧୦

ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି

ଗାନ୍ଧୀ ଦର୍ଶନର ଅନ୍ତ ନାହିଁ: ଜଷ୍ଟିସ୍ ଲଳିତ

ଭୁବନେଶ୍ୱର, ୪।୧(ସମିସ): ଗାନ୍ଧୀ ଦର୍ଶନ ଅମର। ଏହାର ଅନ୍ତ ନାହିଁ। ଗାନ୍ଧୀଙ୍କ ବିଚାରଧାରାର ମୂଳମନ୍ତ୍ର ହେଉଛି ସମାନତା। ଯାହା ଭାରତୀୟ ସମ୍ବିଧାନର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଉଭା ହୋଇଛି। ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ଜୟଦେବ ଭବନରେ ଅନୁଷ୍ଠିତ 'ଚତୁର୍ଦ୍ଦଶ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତା 'କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ ଉଦୟ ଉମେଶ ଲଳିତ ଏହା କହିଛନ୍ତି। ଜଷ୍ଟିସ୍ ଲଳିତ 'ଆମ ସ୍ୱପ୍ନର ଭାରତରେ ମହାତ୍ମା ଗାନ୍ଧୀ' ଶୀର୍ଷକ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ ସେ ସମ୍ବିଧାନରେ ଗାନ୍ଧୀଦର୍ଶନର ପ୍ରତିଫଳନ ସମ୍ପର୍କରେ ଆଲୋଚନା କରିଥିଲେ।

ଗୁଜରାଟ ଗାନ୍ଧୀ ବିଦ୍ୟାପୀଠର ପୂର୍ବତନ କୁଳପତି ପ୍ରଫେସର୍ ଡଃ ସୁଦର୍ଶନ ଆୟଙ୍ଗର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ ବିଭିନ୍ନ ବିରୋଧାଭାସ ସତ୍ତ୍ୱେ ଗାନ୍ଧୀଙ୍କ ବିଚାରଧାରା ସହ ଏବେ ବି ଏ ଦେଶର ଯୁବପିଢ଼ି ଜଡ଼ିତ ଅଛନ୍ତି। ଏହା ବେଶ୍ ଆଶ୍ୱସ୍ତିକର ବିଷୟ। ତତ୍କାଳୀନ ଓଡ଼ିଶାର ସାମାଜିକ ସ୍ଥିତି ଓ ଦୁର୍ଦ୍ଦଶା ସମ୍ପର୍କରେ ଗାନ୍ଧୀଜୀଙ୍କ ଚିନ୍ତନ ଉପରେ ସେ ଆଲୋଚନା କରିବା ସହ ଗାନ୍ଧୀଜୀ ଗୁରୁତ୍ୱ ଦେଉଥିବା ତିନି କଥା ରଚନାତ୍ମକ କାର୍ଯ୍ୟ, ସତ୍ୟାଗ୍ରହ ଏବଂ ଗ୍ରାମସଭାର ମହତ୍ତ୍ୱ ଉପରେ ସମସ୍ତେ ଚିନ୍ତା କରିବା ଉଚିତ ବୋଲି କହିଥିଲେ।

ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର୍ ଡକ୍ଟର ଯତୀନ ନାୟକ ପ୍ରମୁଖ ବକ୍ତା ଭାବେ ଯୋଗଦେଇ ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ଜୀବନୀ ସମ୍ପର୍କରେ ▶ପୃଷ୍ଠା-୧୦


DSPL-508
ODISHA
INDIA'S BEST KEPT SECRET.
ଆମ ଓଡ଼ିଶା ନବୀନ ଓଡ଼ିଶା
ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା
ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ
ବାଲେଶ୍ୱର, ଭଦ୍ରକ, କେଉଁଝର, ମୟୁରଭଞ୍ଜ
ଏବଂ ଯାଜପୁର ଜିଲ୍ଲାର ବରିଷ୍ଠ ନାଗରିକଙ୍କ ପାଇଁ
ଉଜ୍ଜୈନ-ଓମ୍‌କାରେଶ୍ୱର ଅଭିମୁଖୀ
"ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା" ଟ୍ରେନ
ବାଲେଶ୍ୱର ରେଳ ଷ୍ଟେସନ୍ ଠାରୁ
୫ ଜାନୁଆରୀ ୨୦୨୪ ରେ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଶୁଭାରମ୍ଭ
OIPR-37001/13/0049/2324
ପର୍ଯ୍ୟ

ଇନରହୁଇଲ୍ କ୍ଲବ୍ ପକ୍ଷରୁ କମ୍ବଳ ବଣ୍ଟନ

ଯାଜପୁର ଟାଉନ, ୪।୧୧(ସମିସ): ଯାଜପୁର ସହରର ପ୍ରତିଷ୍ଠିତ ଇନରହୁଇଲ କ୍ଲବ ପକ୍ଷରୁ ଯାଜପୁର ବ୍ଲକ ଅନ୍ତର୍ଗତ ନାଥସାହି ପଞ୍ଚାୟତର ମଦନ ମୋହନ ମନ୍ଦିରରେ ଅସହାୟ ଓ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏବେ ଶୀତର ପ୍ରକୋପ ଅଧିକ ଥିବାରୁ ଅସହାୟ ଓ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମକୁ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଇନରହୁଇଲ କ୍ଲବ ସଭାପତି ପ୍ରେମଲତା ପଣ୍ଡା, ସମ୍ପାଦକ ସତ୍ୟଭାମା ପତି, ବରିଷ୍ଠ ସଭ୍ୟ ମନୋରମା ବିଶ୍ୱାଳ ଓ ତୁଷାରକାନ୍ତି ନାୟକ ପ୍ରମୁଖ ଭାଗ ନେଇଥିଲେ। ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୈକୁଣ୍ଠନାଥ ସାହୁ ଇନରହୁଇଲ କ୍ଲବ ସଦସ୍ୟଙ୍କୁ ସାହାଯ୍ୟ କରିଥିଲେ।

ଶ୍ରାଦ୍ଧ ଦିବସରେ ଯଜ୍ଞ ଓ ମାଗଣା ସ୍ୱାସ୍ଥ୍ୟ ଶିବିର

ବଡଚଣା, ୪।୧(ସମିସ): ଛତିଆ ସୋଲରସ୍ଥିତ ଯମୁନା ଉଦାସ ଆଶ୍ରମ ପକ୍ଷରୁ ଉଦାସ ପନ୍ଥାର ଆଦିକର୍ତ୍ତା ଗୁରୁଦେବ ସନ୍ଥ ଠାକୁର ଉଦାସ ଯମୁଦା ଦାସଙ୍କ ୩୪ତମ ଶ୍ରାଦ୍ଧ ବାର୍ଷିକ ଆଧ୍ୟାତ୍ମିକ ରିତିନୀତିରେ ଆଶ୍ରମ ପରିସରରେ ପାଳିତ ହୋଇଯାଇଛି। ଯମୁନା ଦାସଙ୍କ ପରମ ସେବକ ଭକ୍ତ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଝାଡେଶ୍ୱର ପୀଠରେ ଦୁଇ ଦିନ ଧରି ବ୍ରହ୍ମ ଏକାକ୍ଷର ବିଶ୍ୱଶାନ୍ତି ମହାଯଜ୍ଞ ହେବା ସହ ନବବର୍ଷ ତିଥିରେ ଉଦାସ ଆଶ୍ରମରେ ଗୁରୁଦେବଙ୍କ ଶ୍ରାଦ୍ଧ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଆଶ୍ରମ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ ଓ ବହୁ ସ୍ଥାନୀୟ ଜନସାଧାରଣ ଏହି ଶିବିରରେ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରାଇଥିଲେ। ରୋଗୀମାନଙ୍କୁ ଆଶ୍ରମ ପକ୍ଷରୁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ଯଜ୍ଞକୁ ପଣ୍ଡିତ ଖଗେଶ୍ୱର ରଥ, ନୀଳମଣି ପଣ୍ଡା, ଗୟାଧର ପଣ୍ଡା, ଅକ୍ଷୟ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଶ୍ରାଦ୍ଧ ଉତ୍ସବକୁ ଆଶ୍ରମର ମୁଖ୍ୟ ସେବକ ଦିବ୍ୟ ଲୋଚନ ଦାସ ସଞ୍ଚାଳନା କରିଥିଲେ। ସ୍ୱାସ୍ଥ୍ୟଶିବିରରେ ଡାକ୍ତର ରମାକାନ୍ତ ବାରିକ, ଦେବେନ୍ଦ୍ର ନାଥ ସେଠୀ, ବିନାୟକ ବେହେରା, ମନୋଜ ମଙ୍ଗରାଜ, ଭାରତୀ ମଦୁଲି ପ୍ରମୁଖ ରୋଗୀମାନଙ୍କର ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରିଥିଲେ।

ପ୍ରତୀକ୍ଷାର ଅନ୍ତ ଘଟିଲା

୬ ମାସ ମଧ୍ୟରେ ଚାଲୁହେବ ମେସ୍କୋ କାରଖାନା

ଦାନଗଦି, ୪।୧(ସମିସ)

ଦୀର୍ଘ ୪ ବର୍ଷ ଧରି ବନ୍ଦ ରହିଥିବା ମେସ୍କୋ ଷ୍ଟିଲ କାରଖାନା ଏବେ ଚାଲୁ ହେବା ନେଇ ଆଶା ସଞ୍ଚାର ହୋଇଛି। ମେସ୍କୋ କାରଖାନା ଚାଲୁ ହେବା ନେଇ ଆଜି ୟୁନିୟନ କର୍ମକର୍ତ୍ତା, କାରଖାନା କର୍ତ୍ତୃପକ୍ଷ ଓ ପ୍ରଶାସନ ଅଧିକାରୀ ମାନଙ୍କ ମଧ୍ୟରେ ଏକ ବୈଠକ କଳିଙ୍ଗନଗର ଏଡିଏମ ଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କାରଖାନା ଚାଲୁ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ସମ୍ମତି ପ୍ରକାଶ କରିଛନ୍ତି। ମେସ୍କୋ କାରଖାନାର ସମସ୍ତ କର୍ମଚାରୀଙ୍କୁ ଡିସେମ୍ବର ୨୦୨୩ ଠାରୁ ମାସିକ ୮୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।ଏହା ମାସର ଦ୍ୱିତୀୟ ସପ୍ତାହ ଭିତରେ ଦେବାପାଇଁ କର୍ତ୍ତୃପକ୍ଷ ସହମତି ଦେଇଛନ୍ତି। ବାକିଥିବା ଟଙ୍କା ଜୁଲାଇ ୨୦୧୯ ରୁ ଫେବୃୟାରୀ ୨୦୨୦ ର ପି ଏଫ୍ ଅର୍ଥ ମାର୍ଚ୍ଚ ୩୧, ୨୦୨୪ ମଧ୍ୟରେ ତିନୋଟି କିସ୍ତିରେ କମ୍ପାନୀ ଜମା କରିବ। ୪ ରୁ ୬ ମାସ ମଧ୍ୟରେ ପ୍ଲାଣ୍ଟ ଚାଲୁ ହୋଇଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଅବଗତ କରାଇଛନ୍ତି। ମେ ୨୦୨୨ ରୁ ପି ଏଫ ଜମା କରିବା ପାଇଁ ୟୁନିଅନ ତରଫରୁ ଦାବି ରଖାଯାଇଥିଲା। କଳିଙ୍ଗନଗର ଏଡିଏମ ଙ୍କ ନିର୍ଦ୍ଦେଶ ମୁତାବକ ଏକ କମିଟି କରି ପିଏଫ ଅଧିକାରୀଙ୍କୁ ଦେଖା କରିବା ପରେ ଏହା ଉପରେ ନିଷ୍ପତ୍ତି ନେବା ପାଇଁ ଜଣାଇଛନ୍ତି। ଆଗାମୀ ଦିନରେ ଦ୍ୱିତୀୟ ରେଲୱେ ସାଇଡ ଚାଲୁ ହେଲେ କର୍ମଚାରୀଙ୍କୁ ବେଶିକ ଡି ଏ ଦେବାପାଇଁ ୟୁନିଅନ ଦାବି କରିଛି। ଦ୍ୱିତୀୟ ରେଲୱେ ସାଇଡ ଆରମ୍ଭ ହେବା ପୂର୍ବରୁ ଏ ନେଇ ଏକ ମିଳିତ ବୈଠକରେ ନିଷ୍ପତ୍ତି ନିଆ ହେବ ବୋଲି ସ୍ଥିର ହୋଇଛି। ଏହି ବୈଠକରେ ପ୍ରଶାସନିକ ଅଧିକାରୀ ତଥା ଏଡିଏମ କଳିଙ୍ଗନଗର ନବକୃଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କଳିଙ୍ଗନଗର, ଏସ୍ ଟପ୍ପୋ, ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁ, କାରଖାନା ଅଧିକାରୀ ଙ୍କ ମଧ୍ୟରେ ଅସିତ୍ କୁମାର ରାୟ (ଜେନେରାଲ ମ୍ୟାନେଜର), ସିପ୍ରାଞ୍ଜଳି ସ୍ୱାଇଁ (ଡିଜିଏମ, ଏଚ ଆର), ୟୁନିଅନ କର୍ମକର୍ତ୍ତାଙ୍କ ମଧ୍ୟରେ ମହମ୍ମଦ ଜାହେଦ୍ (ସଭାପତି), ନରେନ୍ଦ୍ର କୁମାର ସାମଲ(ସାଧାରଣ ସମ୍ପାଦକ), ଆଖାର ଅହମଦ ଖାଁ (ସା.ସମ୍ପାଦକ. ସେଣ୍ଟ୍ରାଲ), ପ୍ରକାଶ ଜେନା, ଓମ୍ ପ୍ରକାଶ ସାହୁ, ସେକ ମୁସ୍ତାକ, ଅରବିନ୍ଦ ସିଂହ, ସେକ ଯୁଲଫିକାର, ଅଶୋକ ସାହୁ, ବିଶ୍ୱନାଥ ପାତ୍ର, ଉଗ୍ରସେନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ମଜଦୁର୍ ୟୁନିଅନ୍ ଦାବି ଆଗରେ ମୁଣ୍ଡ ନୂଆଁଇଲେ ମେସ୍କୋ କର୍ତ୍ତୃପକ୍ଷ

ଶୋଚନୀୟ ବନ୍ଦାଳ-ଏଣ୍ଡରପଦା ରାସ୍ତା

ରେଳ ବିଭାଗ ଓଭରବ୍ରିଜ୍ କାମ ତ୍ୱରାନ୍ୱିତ ଦାବି

ବଡଚଣା, ୪।୧(ସମିସ)

ଦୀର୍ଘ ଦିନ ହେବ ଶୋଚନୀୟ ହୋଇପଡ଼ିଛି ବନ୍ଦାଳ-ଏଣ୍ଡରପଦା ରାସ୍ତା। ଖାଲ ଖମାରେ ପରିପୂର୍ଣ୍ଣ ଏହି ରାସ୍ତା ମରାମତି ପାଇଁ ସ୍ଥାନୀୟ ଅଞ୍ଚଳରେ ଲୋକେ ସରକାରଙ୍କ ପାଖରେ ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ତେବେ ଏହି ଚଳଚଞ୍ଚଳ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଙ୍କ ପ୍ରତି ରଞ୍ଜନ ଘଡେଇଙ୍କ ପାଖକୁ ଚିଠି ଲେଖିବା ସହିତ ଏହି ରାସ୍ତାର କପାଷ୍ଟିକିରୀ ରେଲୱେ ଲେବୁଲ କ୍ରସିଂ ନିକଟରେ ନିର୍ମାଣ ହେବାକୁ ଥିବା ଓଭରବ୍ରିଜ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମଧ୍ୟ ଶ୍ରୀ ମହାପାତ୍ର ମନ୍ତ୍ରୀ ଶ୍ରୀ ଘଡେଇଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ତେବେ ଏହି ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ ପାଇଁ ସରକାର ଗତ ୨୦୨୦/୨୧ ରେ ୧୦ କୋଟି ଟଙ୍କା ମଞ୍ଜୁରୀ କରିଥିଲେ। ଟେଣ୍ଡର ପ୍ରକ୍ରିୟାରେ ସେତେବେଳେ ଠିକାଦାର ଚୟନ କରାଯାଇଥିଲା। ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ ପାଇଁ ବନ୍ଦାଳ ଠାରୁ ଉପୁଳା ପର୍ଯ୍ୟନ୍ତ ଜଣେ ଠିକାଦାର ଓ ଉପୁଳା ଠାରୁ ଗଜିଖାଲ ପର୍ଯ୍ୟନ୍ତ ଅନ୍ୟ ଜଣେ ଠିକାଦାରଙ୍କୁ ନିଯୁକ୍ତି ମିଳିଥିଲା।

ହେଲେ ଉପୁଳା ଠାରୁ ଗଜିଖାଲ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସଠିକ ସମୟରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ବନ୍ଦାଳ ଠାରୁ ଉପୁଳା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟକୁ ସମ୍ପୃକ୍ତ ଠିକାଦାର ଅଧାପନ୍ତରିଆ ଭାବେ ପକାଇ ଛୁ ମାରିଥିଲେ। ସେହିଦିନ ଠାରୁ ଏହି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ି ରହିଛି। ଏହି ରାସ୍ତା ଉପରେ ଦୈନିକ ନିର୍ଭର କରୁଥିବା ଜନ ସାଧାରଣ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ବହୁବାର ବିଭାଗୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖରେ ଦାବି କରିବା ସହିତ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ମଧ୍ୟ ଦେଇଥିଲେ। ପରେ ଏନେଇ ବିଭାଗ ପକ୍ଷରୁ ନୂତନ ଟେଣ୍ଡର ଡକାଯାଇ ନୂତନ ଠିକାଦାର ନିଯୁକ୍ତି ଦିଆଯାଇଛି। ହେଲେ ରାସ୍ତା ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇ ପାରିଲା ନାହିଁ। ତେଣୁ ଏଭଳି ଏକ ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

ଦୁର୍ଘଟଣାରୁ ବର୍ତ୍ତିଲେ ଯୁବକ

ଛତିଆ, ୪।୧ (ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ୧୬ ନଂ ଜାତୀୟ ରାଜପଥର ଭଟିଆ ଛକ କାକରା ମାର୍କେଟ୍‌ରେ ଗୁରୁବାର ସକାଳୁ ଏକ ଦୁର୍ଘଟଣା ଘଟି ଜଣେ ଯୁବକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ଗୌତମ ସାହୁ ଭୁବନେଶ୍ୱରରୁ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ଉକ୍ତ ଛକ ନିକଟରେ ବେଆଇନ ଭାବେ ଏକାଧିକ ଗାଡ଼ି ରାସ୍ତା ଉପରେ ରହିଥିବାବେଳେ ବାଇକ୍ ଚାଳକଙ୍କ ଆଗକୁ ଏକ କୁକୁର ପଶି ଆସି ବାଇକ୍ ସହିତ ଧକ୍କା ହୋଇଥିଲା। ଫଳରେ ଯୁବକ ଜଣଙ୍କ ରାସ୍ତା ଉପରେ ଛିଡ଼ା ହୋଇଥିବା ଏକ କାର୍‌ରେ ମାଡ ହୋଇ ରାଜପଥ ଉପରକୁ ଛିଟିକି ପଡ଼ିଥିଲେ। ପଛରୁ ଆସୁଥିବା ଏକ ଟ୍ରକ୍‌ଟି ଉକ୍ତ ବାଇକ୍ ଆରୋହୀଙ୍କ ନିକଟରେ ହିଁ ତୁରନ୍ତ ବ୍ରେକ୍ ମାରି ଗାଡ଼ିକୁ ଅଟକାଇ ଯୁବକଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା ପାଇଯାଇଥିଲେ। ଆହତ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିବା ଜଣାପଡ଼ିଛି। ଉକ୍ତ ଛକରେ ବେଆଇନ୍ ପାର୍କିଂ ପାଇଁ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଥିବା ସତ୍ତ୍ୱେ ରାଜପଥ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯିବା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସ୍ୱାମୀ ଜେଲ୍‌ରେ ଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ

ପାଣିକୋଇଲି, ୪।୧(ସମିସ): ପ୍ରେମ ବିବାହ ପରେ ଏକ ସନ୍ତାନର ଜନନୀ ସ୍ୱାମୀର ନିର୍ଯାତନା ସହି ନପାରି ଶେଷରେ ବିଷ ପିଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛି। ଏନେଇ ପାଣିକୋଇଲି ପୁଲିସ ସ୍ୱାମୀକୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ଭଦ୍ରକ ଅଞ୍ଚଳର ସଞ୍ଜୟ ମଲିକଙ୍କ ଝିଅ କାମିନୀ ଗତ ୨ ବର୍ଷ ତଳେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ଖସାଗଡ଼ିଆ ଗ୍ରାମର ସନାତନ ଭୋଇଙ୍କ ପୁଅ ଶ୍ରୀକାନ୍ତକୁ ପ୍ରେମ ବିବାହ କରିଥିଲା। କିଛି ଦିନ ବାହାରେ ରହିବା ପରେ ଶ୍ରୀକାନ୍ତ ସ୍ତ୍ରୀ ସହ ଘରକୁ ଫେରିଥିଲା। ଘରେ ପରିବାର ଠାରୁ ଅଲଗା ହୋଇ ଶ୍ରୀକାନ୍ତ ସ୍ତ୍ରୀ ସହ ରହୁଥିବା ବେଳେ ତାର ଏକ ବର୍ଷର ଏକ ଝିଅ ରହିଛି। ହେଲେ ଶ୍ରୀକାନ୍ତ ତାକୁ ନିର୍ଯାତନା ଦେଉଥିବାରୁ କାମିନୀ ଶେଷରେ ବାଧ୍ୟ ହୋଇ ବିଷ ଖାଇଦେଇଥିଲା। ତାଙ୍କୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସା କରାଯାଉଥିଲା। ନିର୍ଯାତନା ନେଇ କାମିନୀର ବାପା ସଞ୍ଜୟ ମଲିକ ପାଣିକୋଇଲି ଥାନାରେ ଅଭିଯୋଗ କରିବା ସହ ତାର ଝିଅ ନିର୍ଯାତନା ସହି ନପାରି ବିଷ ପିଇବାକୁ ବାଧ୍ୟ ହୋଇଛି ବୋଲି ଅଭିଯୋଗ କରିଥିଲେ। ପାଣିକୋଇଲି ଥାନାରେ ଏ ନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଶ୍ରୀକାନ୍ତକୁ ଗିରଫ କରି ଅଦାଲତ ଚାଲାଣ କରାଯାଇଥିଲା। ମାତ୍ର ଆଜି ଚିକିତ୍ସିତ ଅବସ୍ଥାରେ ଭୁନେଶ୍ୱରରେ କାମିନୀର ମୃତ୍ୟୁ ଘଟିଥିଲା।

ଦୁର୍ଘଟଣାରେ ବାପପୁଅ ଗୁରୁତର

ସୁକିନ୍ଦା, ୪।୧(ସମିସ): ୫୩ଜଂ ଜାତୀୟ ରାଜପଥର ସୁକିନ୍ଦା ଛକ ନିକଟ ରେଙ୍ଗାଲି ପୋଲ ନିକଟରେ ଦୁର୍ଘଟଣା ଘଟି ବାପପୁଅ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଯାଜପୁର ଟାଉନ୍ ଏନସି କଲେଜ ପାଖ ବାଣପୁର ଅଞ୍ଚଳର ବଳରାମ ସାହୁ (୫୬) ଓ ତାଙ୍କ ପୁଅ କ୍ଷୀରୋଦ ସାହୁ (୨୫) ଗୁରୁବାର ବାଇକ୍ ଯୋଗେ ଅନୁଗୋଳରୁ ଫେରୁଥିବା ସମୟରେ ସୁକିନ୍ଦା ଛକ ନିକଟ ରେଙ୍ଗାଲି ପୋଲ ନିକଟ ରାସ୍ତା ଅବରୋଧ ସ୍ଥାନରେ ୧୦ ଫୁଟ ତଳକୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଦୁର୍ଘଟଣାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଜାତୀୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା କାରଣରୁ ସେହି ସ୍ଥାନରେ ରାସ୍ତା ଅବରୋଧ କରାଯାଇଛି। କିନ୍ତୁ ସେହି ସ୍ଥାନରେ ଆବଶ୍ୟକ ସୂଚନା ଫଳକ ଲଗାଯାଇନାହିଁ। ସେଠାରେ ଥିବା ଇଣ୍ଡିକେଟର ଲାଇଟ୍ ଅଚଳ ହୋଇପଡ଼ିଥିବା କାରଣରୁ ସମସ୍ତ ଦୁର୍ଘଟଣା ସନ୍ଧ୍ୟା ପରେ ହେଉଥିବା ଦେଖିବାକୁ ମିଳିଛି। ସେହି ସ୍ଥାନରେ ଦୈନିକ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନ କରିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ପ୍ରକାଶ ପାଇଛି।

ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

କୟାଁଗୋଲା ୪।୧(ସମିସ): ଆଜି ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତ ଦକ୍ଷିଣବନ୍ଧ ଉତ୍କଳ ଗୌରବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଲୋକ କୁମାର ଗିରି ଙ୍କ ସଭାପତିତ୍ୱ ରେ ସଭା ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ଦାଶ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ଗିରୀ କ୍ରୀଡା ପତାକା ଉତ୍ତୋଳନ କରିବା ସହ ମସାଲ ରେ ପ୍ରଦୀପ ପ୍ରଜ୍ଜଳନ କରିଥିଲେ। ବାର୍ଷିକ କ୍ରୀଡା ତିନି ଦିନ ଧରି ଅନୁଷ୍ଠିତ ହେବା ସହ ଆଜି ପ୍ରଥମ ଦିନ ରେ ଛାତ୍ରଛାତ୍ରୀ ଙ୍କ ମଧ୍ୟ ରେ ସ୍କିପି, ସର୍ଟ ପୁଟ, ଲଙ୍ଗଜମ୍ପ, ହାଇଜମ୍ପ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। କ୍ରୀଡା ଶିକ୍ଷକ ସରୱର ହୋସେନ ଖାନ, କ୍ରୀଡା ଶିକ୍ଷୟତ୍ରୀ କ୍ଷିରାବ୍ଧି ତନୟା ଦ୍ୱିବେଦୀ କ୍ରୀଡା ପ୍ରତିଯୋଗିତା ରେ ସହଯୋଗ କରିଥିଲେ। ଶିକ୍ଷକ ଜ୍ଞାନେନ୍ଦ୍ର କୁମାର ନାୟକ, ଜୟଶ୍ରୀ ପରିଡ଼ା, ମନୋଜ ମୁର୍ମୁ, ଶ୍ରୁତି ରଞ୍ଜନ ନାଏକ, ସୁଷମା ନାଏକ, ଶ୍ରୁତିରେଖା ମହାନ୍ତି, ଅନ୍ନପୂର୍ଣ୍ଣା ଦାସ, ବିଦ୍ୟାଳୟ କର୍ମଚାରୀ ହେମନ୍ତ କୁମାର ଜେନା, ପ୍ରକାଶ ଚନ୍ଦ୍ର ପଣ୍ଡା, କୃପାସିନ୍ଧୁ ମଲ୍ଲିକ ସହଯୋଗ କରିଥିଲେ।

ଅଲେଇଶୁଣୀଙ୍କ ମକର ମେଳା ପ୍ରସ୍ତୁତି ବୈଠକ

ପାଣିକୋଇଲି, ୪।୧(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ଓ ଜହ୍ନା ପଞ୍ଚାୟତର ଗଣପର୍ବ ମା' ଅଲେଇଶୁଣୀଙ୍କ ପୀଠରେ ଆସନ୍ତା ମକର ସଂକ୍ରାନ୍ତିଠାରୁ ପାଞ୍ଚଦିନ ବ୍ୟାପି ମେଳା ଓ ମହୋତ୍ସବ ବହୁ ଆଡ଼ମ୍ବରରେ ପାଳନ କରାଯିବ। ଇତ୍ୟ ଅବସରରେ ଅଲେଇଶୁଣୀ ମେଳାର ସଭାପତି ସମାଜସେବୀ ପ୍ରାତିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଆୟୋଜିତ ହୋଇଆସୁଥିବା ଉକ୍ତ ମେଳାରେ ପଡ଼ୋଶୀ ପାଣିକୋଇଲି, ପଥରପଦା ଓ ବଡ଼ବିରୁହାଁ ପଞ୍ଚାୟତର ବହୁ ଜନସାଧାରଣଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷ ମେଳାକୁ ଆକର୍ଷଣୀୟ କରାଯିବାକୁ ଆଲୋଚନା ହୋଇଥିଲା। କମିଟିର ସମ୍ପାଦକ ପ୍ରଦୀପ ଖଣ୍ଡାଇ ଗତବର୍ଷର ବିବରଣୀ ପାଠ କରିଥିବାବେଳେ ଜହ୍ନା ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ସାହୁଙ୍କ ଆନ୍ତରିକ ଉଦ୍ୟମରେ ରାଜ୍ୟ ସରକାର ମା'ଙ୍କ ପୀଠର ବିକାଶ ନିମନ୍ତେ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିବାରୁ ସରପଞ୍ଚଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତବର୍ଷ ପାଞ୍ଚଦିନ ବ୍ୟାପି ଅଖଣ୍ଡ ମହାଯଜ୍ଞ, ମୀନାବଜର ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି କମିଟିର ବରିଷ୍ଠ ସଦସ୍ୟ ଚନ୍ଦ୍ରକାନ୍ତ ଖଣ୍ଡାଇ ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ସୋମନାଥ ସାହୁ, ଗୋପାଳଚନ୍ଦ୍ର ଦାଶ, ସୁଶାନ୍ତ ମହାପାତ୍ର, ରବୀନ୍ଦ୍ର କୁମାର ସେଠୀ, ଶତ୍ରୁଘ୍ନ ସାହୁ, କୀର୍ତ୍ତନ ବିହାରୀ ମହାପାତ୍ର, ଅଇଁଠୁ ନାୟକ, ରବି ବେହେରା, ମନୋଜ ନାୟକ, ସତ୍ୟବ୍ରତ

● ସବୁଠି ମଣ୍ଡି ଖୋଲିନି

ଧାନ ବିକିଲେଣି ୧୬୮ ଚାଷୀ

ଭଦ୍ରକ,୪।୧(ସମିସ): ଭଦ୍ରକ ଜିଲ୍ଲାରେ ଚଳିତ ବର୍ଷ ଗତ ଡିସେମ୍ବର ୨୯ତାରିଖରୁ ଧାନମଣ୍ଡି ଖୋଲିଛି। ତେବେ ଏଯାଏଁ ସବୁ ଧାନମଣ୍ଡି ଗୁଡିକ ଶୁଭାରମ୍ଭ ହୋଇନଥିବା ଜଣାଯାଇଛି । ଜିଲ୍ଲା ଯୋଗାଣ ବିଭାଗ ସୂଚନାନୁଯାୟୀ, ଜିଲ୍ଲାରେ ଧାନକ୍ରୟ ପାଇଁ ମଣ୍ଡି ଖୋଲିବାର ୬ଦିନ ମଧ୍ୟରେ ୧୬୮ ପଞ୍ଜିକୃତ ଚାଷୀଙ୍କ ଠାରୁ ୭ହଜାର ୭୪୭କ୍ୱିଟାଂଲ ଧାନ କ୍ରୟ କରାଯାଇଛି। ତେବେ ଏହି କିଣା ଯାଇଥିବା ଧାନ କେଉଁ ମଣ୍ଡି ମାନଙ୍କରୁ କ୍ରୟ କରାଯାଇଛି ଏହି ତଥ୍ୟ ଯୋଗାଣ ବିଭାଗ ସ୍ପଷ୍ଟ କରୁନି। ସେହିଭଳି ମଣ୍ଡି ଖୋଲିବାର ୪ଦିନ ପରେ କେଉଁ ମଣ୍ଡି କେତେ ଧାନ ସଂଗ୍ରହ କରିବ ଓ ମିଲର ମାନେ କେଉଁ ମଣ୍ଡିରୁ କେତେ ଧାନ ଉଠାଇବେ ଏନେଇ ଯୋଗାଣ ବିଭାଗ ପକ୍ଷରୁ ବିଳମ୍ବରେ ଟାର୍ଗେଟ ଦିଆଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜିଲ୍ଲାରେ ଚଳିତ ଖରିଫ ଧାନକ୍ରୟରେ ସାମଲ ହୋଇଥିବା ମୋଟ ୩୮ଜଣ ମିଲରଙ୍କ ମଧ୍ୟରୁ ଆଜି ସୁଦ୍ଧା ମାତ୍ର ୨୦ଟି ମିଲରଙ୍କ ସହ ଧାନ ସଂଗ୍ରହ ଲାଗି ଏଗ୍ରିମେଣ୍ଟ ସରିଛି। ଏହି ସବୁ ମିଲରମାନେ ଜିଲ୍ଲାର ବୋଲି ଜଣାଯାଇଛି। ତେବେ ଅନ୍ୟ ୧୭ଜଣ ବାହାର ମିଲର ଓ ଜିଲ୍ଲାର ଜଣେ ମିଲରଙ୍କ ଏଗ୍ରିମେଣ୍ଟ କାର୍ଯ୍ୟ ଏଯାଏଁ ସରିନି। ଅନ୍ୟପକ୍ଷରେ ଧାନ ସଂଗ୍ରହ କରିବାରେ ଏଭଳି ଅବ୍ୟବସ୍ଥାର ସୁଯୋଗ ନେଉଛନ୍ତି ଆନ୍ଧ୍ର ଓ ବେଙ୍ଗଲର ଧାନ ବେପାରୀମାନେ। ବଡ଼ ବଡ଼ ଟ୍ରକ୍ ଲଗାଇ ଗାଁ ଗହଳିରୁ ଚାଷୀମାନଙ୍କ ଠାରୁ କ୍ୱିଣ୍ଟାଲ ପିଛା ସରକାରୀ ଦର ୨୧ଶହ ଟଙ୍କାରୁ କମ୍ ୧୬ଶହରୁ ୧୭ଟଙ୍କା ଚାଷୀଙ୍କୁ ଦେଇ ଘର ଦୁଆର ମୁହଁରୁ ନେଇଯାଉଥିବା ବିଭିନ୍ନ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କୁ ପଚାରିବାରୁ ସେ ଆଜି ଧାନକ୍ରୟ ପରିମାଣର ସୂଚନା ଆସନ୍ତା କାଲି ସକାଳେ ମିଳିବ ବୋଲି କହିବା ସହ କେଉଁ ମଣ୍ଡିରୁ କେତେ ଧାନ କ୍ରୟ କରାଯାଇଛି ଏହାର ସୂଚନା ପ୍ରକାଶ କରି ପାରିନଥିଲେ। ପ୍ରକାଶଯୋଗ୍ୟ, ଭଦ୍ରକ ଜିଲ୍ଲାରେ ଚଳିତ ଖରିଫ ଧାନ ସଂଗ୍ରହରେ ସାମିଲ ଥିବା ମୋଟ ୩୮ଜଣ ଜିଲ୍ଲା ଓ ଅନ୍ୟ ଜିଲ୍ଲାର ମିଲରଙ୍କ ମଧ୍ୟରୁ ଜିଲ୍ଲାର ୨୦ଟି ମିଲରଙ୍କ ସହ ଏଗ୍ରିମେଣ୍ଟ ସରିଥିବା ଯୋଗାଣ ବିଭାଗ ସୂତ୍ରରୁ ଜଣାଯାଇଛି। ଏ ବର୍ଷ ଭଦ୍ରକ ଜିଲ୍ଲାରେ ୨୩ଲକ୍ଷ ୫୨ହଜାର ୩୫୨କ୍ୱିଣ୍ଟାଲ ୯୪କେଜି ଖରିଫ ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ଜିଲ୍ଲାର ୮୩ହଜାର ୮୭୬ ପଞ୍ଜିକୃତ ଚାଷୀ ଥିବା ବେଳେ ଧାନକିଣାରେ ୧୦୧ଟି ପ୍ୟାକ୍ସ ବା ସମବାୟ ସମିତି ୫୪ମହିଳା ଗୋଷ୍ଠୀ ଓ ୩୮ମିଲର୍ସ ଧାନ କିଣା କାର୍ଯ୍ୟରେ ନିୟୋଜିତ ଅଛନ୍ତି।

● ୭୭୪୭ କ୍ୱିଣ୍ଟାଲ କିଣା ହୋଇଛି
● ୧୮ ମିଲରଙ୍କ ସହ ଏଗ୍ରିମେଣ୍ଟ ସରିନି

ଭଦ୍ରକ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ

କଳା ସଂସ୍କୃତିକୁ ବଜାୟ ରଖିବା ସମସ୍ତଙ୍କ ଦାୟିତ୍ୱ

ଭଦ୍ରକ,୪।୧(ସମିସ)

ଭଦ୍ରକ କଳା, ସଂସ୍କୃତିର ମାଟି। ଏହି ପରମ୍ପରାକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ। ଗତ ୭ ବର୍ଷ ଧରି ଯେଉଁମାନେ ସାଂସ୍କୃତିକ ମହୋତ୍ସବ ଜରିଆରେ ଏହି ଫରମ୍ପରାକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରି ଚାଲିଛନ୍ତି। ସେମାନେ ଧନ୍ୟବାଦର ପାତ୍ର ବୋଲି ଅଷ୍ଟମ ଭଦ୍ରକ ସାଂସ୍କୃତିକ ମହୋତ୍ସବକୁ ଉଦଘାଟନ କରି ଭଦ୍ରକ ବିଧାୟକ ସଞ୍ଜିବ ମଲ୍ଲିକ କହିଛନ୍ତି। ଐତିହାସିକ ଗାନ୍ଧୀ ପଡ଼ିଆ ଠାରେ ସଞ୍ଜୀବ ହିରୋ ପ୍ରାୟୋଜିତ ଅଷ୍ଟମ ଭଦ୍ରକ ସାଂସ୍କୃତିକ ମହୋତ୍ସବ କମିଟିର ସଭାପତି ବରିଷ୍ଠ ସାମ୍ବାଦିକ ରବି ନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ମଲ୍ଲିକ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବନେତା ରାକେଶ ପଣ୍ଡା, କାଉନସିଲର ସେକ ସଇଦ, ଯୁବନେତା ସୂର୍ଯନାରାୟଣ ଦାସ ଯୋଗଦେଇଥିଲେ। କମିଟିର ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି ସ୍ୱାଗତ ଭାଷଣ, ଉପ-ସଭାପତି ମନାରମା ରାୟ, ଚଇତାଳି ଖିଲାର ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ତେଜସ୍ୱିନୀ ଦାସ, ଶ୍ରାବଣୀ କର, ସସ୍ମିତା ବଳ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି, ପ୍ରଭାତ ଜେନା, ସୀତାକାନ୍ତ ପାଢ଼ୀ, ଆବାହକ ଅବିନାଶ ପଣ୍ଡା, କାର୍ଯ୍ୟକାରୀ ସଭାପତି ଚାରୁଦତ ନାୟକ, ଜଗବନ୍ଧୁ ବେହେରା, ରାଜେଶ ଦାସ, ସଂଜୟ ଦାସ, ଶୁଭକାନ୍ତ ମଲ୍ଲିକ, ଲାଲା ପ୍ରମୋଦ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଅଭଭିଜିତ ମଜୁମଦାରଙ୍କ ମେଲୋଡି କାର୍ଯ୍ୟକ୍ରମରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଝୁମିଥିଲେ ଦର୍ଶକ।

କୃଷ୍ଣଚରଣ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା

ଆଗରପଡା,୪।୧(ସମିସ): କୃଷ୍ଣଚରଣ ବିଦ୍ୟା ମନ୍ଦିରର ତ୍ରୀଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏନେଇ ପ୍ରାରମ୍ଭରେ ଆୟୋଜିତ ସଭାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ଜେନା ସଭାପତିତ୍ୱ କରିଥିଲେ। ଏଥିରେ ମୋ ସ୍କୁଲ ଅଭିଯାନ ତଥା ଆଗରପଡ଼ା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ଦାଶ, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ଏହାର ମହତ୍ୱ ଏବଂ ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ଶିକ୍ଷକ ସୁବୋଧ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ୨୫ ୯ଜଣ ଛାତ୍ର ଦୌଡ଼, ସଟ୍‌ପୁଟ୍, ଡିସ୍‌କସ୍ ଥ୍ରୋ ଆଦି ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

ଇଟା ଫ୍ୟାକ୍ଟ୍ରି ସିଲ

ମଞ୍ଜୁରୀରୋଡ,୪।୧(ସମିସ): ବ୍ୟାଙ୍କରୁ ଋଣ ଆଣି ସୁଝି ନପାରିବାରୁ ଗୋଟିଏ ଇଟା ଫ୍ୟାକ୍ଟ୍ରିକୁ ଆଜି ସିଲ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଭଣ୍ଡାରିପୋଖରୀ ଜାତୀୟ ରାଜପଥର ଜାମିନିବିନ୍ଧା ଠାରେ କିଛି ବର୍ଷ ହେବ ଏକ ଇଟା ଫ୍ୟାକ୍ଟ୍ରି ପ୍ରତିଷ୍ଠା ହୋଇଥିଲା ଇଟା ଫ୍ୟାକ୍ଟ୍ରି ମାଲିକ ଯାଜପୁର ଠାରେ ଥିବା ଏକ ବ୍ୟାଙ୍କରୁ ପ୍ରାୟ କୋଟିଏରୁ ଅଧିକ ଟଙ୍କା ଋଣ ଆଣି ଫ୍ୟାକ୍ଟ୍ରି ଆରମ୍ଭ କରିଥିଲେ। ଇତିମଧ୍ୟରେ ଋଣର ସୁଧ ମୂଳକୁ ମିଶାଇ ୨କୋଟିରୁ ଅଧିକ ଟଙ୍କା ହୋଇଯାଇଥିବା ବେଳେ ଇଟା ଫ୍ୟାକ୍ଟ୍ରି ମଧ୍ୟ କିଛି ମାସ ହେବ ବନ୍ଦ ହୋଇଯାଇଛି । ବାରମ୍ବାର ତାଗିଦ ସତ୍ତ୍ୱେ ଫ୍ୟାକ୍ଟ୍ରି ମାଲିକ ଋଣ ପରିଶୋଧ କରୁ ନଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ନିରାଶ ହୋଇ ଆଜି ଏହାକୁ ସିଲ କରିଛନ୍ତି । ସ୍ଥାନୀୟ ଥାନା ଅଧିକାରୀ ଓ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ବ୍ୟାଙ୍କ ଫ୍ୟାକ୍ଟ୍ରିର ସମସ୍ତ ସମ୍ପତ୍ତିକୁ ଜବତ କରିଥିବା ବେଳେ ଫାଟକରେ ନୋଟିସ ମାରି ଏହାକୁ ସିଲ କରିଥିବା ଜଣାପଡ଼ିଛି।

ଅସହାୟ ଦୃଷ୍ଟିହୀନଙ୍କୁ ଶୀତ ବସ୍ତ୍ର ବଣ୍ଟନ

ଅସୁରାଳି,୪।୧(ସମିସ): ପାଳସାହି ପଞ୍ଚାୟତ ବେତାଳୀ ଗାଁର କମଳା ଦେବୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀକୁ ନିଆରା ଢଙ୍ଗରେ ପାଳନ କଲେ ତାଙ୍କର ଆତ୍ମୀୟ ସ୍ୱଜନ। ପାଳସାହି ତଥା ଆଖପାଖ ପଞ୍ଚାୟତର ଶହେରୁ ଅଧିକ ନିଃସହାୟଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ପ୍ରାଧ୍ୟପକ ଦିଲୀପ ମହାନ୍ତି, ଅଧ୍ୟାପକ ନିହାର ରଞ୍ଜନ କର, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ସାମ୍ବାଦିକ ସନ୍ତୋଷ କୁମାର ଦାସ, ତ୍ରିଲୋଚନ ଦାସ, ରମେଶ ଚନ୍ଦ୍ର ବେହେରା, ଅନିଲ ଦାସ, ପାଳସାହି ସରପଂଚ ଅଜୟ ମଲ୍ଲିକ, ସମାଜସେବୀ ଜଗନ୍ନାଥ ବାରିକ, ତାଙ୍କ ପୁଅ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ବରିଷ୍ଠ ନାଗରିକଙ୍କ ବିୟୋଗ

ମଞ୍ଜୁରୀରୋଡ,୪।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢୋ ଗ୍ରାମର ବୟୋଜ୍ୟେଷ୍ଠ ସଂକୀର୍ତ୍ତନ କଳାକାର ତଥା ବରିଷ୍ଠ ନାଗରିକ ବୈଷ୍ଣବ ଚରଣ ସାମଲ (୮୨)ଙ୍କର ଆଜି ପରଲୋକ ଘଟିଛି। ବୟସାଧିକ କାରଣ ଯୋଗୁ ସେ ଅସୁସ୍ଥ ଥାଇ ଶଯ୍ୟାଶାୟୀ ଥିବା ବେଳେ ଆଜି ମଧ୍ୟାହ୍ନରେ ତାଙ୍କର ବିୟୋଗ ଘଟିଥିବା ଜଣାପଡିଛି। ସ୍ୱର୍ଗତ ସାମଲ ଗାଁ ସଂକୀର୍ତ୍ତନ ମଣ୍ଡଳୀର ବାଦକ କଳାକାର ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସରପଞ୍ଚ ରଞ୍ଜନ ପରିଡା, ପ୍ରାକ୍ତନ ସରପଞ୍ଚ ବିରେନ୍ଦ୍ର ନାୟକ, ରହଣିଆ ସମବାୟ ସମିତି ସଭାପତି ସାଗର ଲେଙ୍କା, ରଞ୍ଜନ ବେହୁରିଆ, ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା ପ୍ରମୁଖ ପାର୍ଥିବ ଶରୀରର ଶେଷ ଦର୍ଶନ କରିଥିବା ବେଳେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

● ବିକଶିତ ଭାରତ ରଥରେ ବୁଲୁଛନ୍ତି ବିଧାୟକ

ଗାଁ ଗାଁରେ ବିରୋଧ କଲେ ସରପଞ୍ଚ

ଧାମନଗର,୪।୧(ସମିସ): ବିକଶିତ ଭାରତ ସଂକଳ୍ପ ରଥ ଏବେ ଗାଁ ଗାଁରେ ବୁଲୁଥିବା ବେଳେ ଏଥିରେ ସ୍ଥାନୀୟ ବିଧାୟକ ମଧ୍ୟ ବୁଲୁଛନ୍ତି। ଏହାକୁ ନେଇ ଗାଁ ଗାଁରେ ସରପଞ୍ଚ ମାନେ ବିରୋଧ

କରିଛନ୍ତି। ଗତ ୩ ତାରିଖ ସରେଇ ଚୁଡାକୁଟି ଗ୍ରାମପଞ୍ଚାୟତରେ ପରିକ୍ରମା ଯାତ୍ରା କାର୍ଯ୍ୟକ୍ରମ ଚୁଡାକୁଟି ପଞ୍ଚାୟତ କାର୍ଯ୍ୟାଳୟ ସ୍ଥିର ହୋଇଥିଲେ ମଧ୍ୟ ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚାୟତ କାର୍ଯ୍ୟାଳୟରେ ନ କରି ଚୁଡାକୁଟି ମେଲଣ ପଡ଼ିଆରେ କାର୍ଯ୍ୟକ୍ରମ କରାଯାଇଥିଲା। ଉପସ୍ଥିତିରେ ତାଙ୍କର ସହଯୋଗୀମାନେ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ନିଜ ନିଜ ଭିତରେ ଧସ୍ତା ଧସ୍ତି ହୋଇ ରଥର କାଚକୁ ଭାଙ୍ଗି ଦେଇଥିଲେ। ଉପସ୍ଥିତ ଥିବା ମହିଳା ଓ ପୁରୁଷ ମାନେ ଅସୁରକ୍ଷିତ ମନେ କରି ସଭାସ୍ଥଳରୁ ପରିତ୍ୟାଗ କରିଥିଲେ। ତେଣୁ ବିଧାୟକଙ୍କ ଉପସ୍ଥିତିରେ ଏତାଦୃଶ କାର୍ଯ୍ୟ ନିନ୍ଦନୀୟ। ତେଣୁ ସରପଞ୍ଚମାନେ ଏହି ସରକାରୀ କାର୍ଯ୍ୟକ୍ରମକୁ କରିବା ପାଇଁ ଅସୁରକ୍ଷିତ ମନେ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ସହ ସଭା ଓ କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ଅନୁପସ୍ଥିତ ରହିବା ଉଚିତ ବୋଲି ସରପଞ୍ଚମାନେ ଲିଖିତ ଦାବି କରିଛନ୍ତି। ଏହେଉଛି ସରକାରୀ କାର୍ଯ୍ୟକ୍ରମ। ଏଥିରେ ସ୍ଥାନୀୟ ବିଧାୟକ ଯୋଗଦେଲେ ଆମ୍ଭେ ସୁରକ୍ଷିତ ମନେ କରୁନାହୁଁ ବୋଲି ସରପଞ୍ଚ ନରେନ୍ଦ୍ର ନାରାୟଣ ନାୟକ, ଅଜୟ ମଳିକ, ମୀନା ମାଝୀ, ସୀତାକାନ୍ତ ମିଶ୍ର, ଲୋପାମୁଦ୍ରା ନାୟକ, ଜିସନାରା ବିବି, ଅନସ୍ୱୟା ସାହୁ, ଝରଣା ମାଝୀ, ମଧୁସ୍ମିତା ନାଥ, ସରସ୍ୱତୀ ସାହୁ, ରଞ୍ଜିତ ଯେନା, ସୁବାସ ଚନ୍ଦ୍ର ମହାକୁଡ଼, ସରପଞ୍ଚ କୁନ୍ତଳା ମଳିକ ପ୍ରମୁଖ ବିଡ଼ିଓ ଓ ତହସିଲଦାରଙ୍କୁ ଲିଖିତ ଭାବେ ରୋକଠୋକ ମନା କରିଛନ୍ତି।

ସୁଦର୍ଶନପୁର ପଞ୍ଚାୟତରେ ପଶି ଛାନ୍‌ଭିନ୍ କଲା ଭିଜିଲାନ୍ସ ଟିମ୍

ବାସୁଦେବପୁର,୪।୧(ସମିସ): ବାସୁଦେବପୁର ବ୍ଲକ ସୁଦର୍ଶନପୁର ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗରେ ଆଜି ଦିନ ତମାମ ଜିଲ୍ଲା ଭିଜିଲାନ୍ସ ଟିମ୍ ଛାନଭିନ କରି ଫେରି ଯାଇଛି। ବିଭିନ୍ନ ସରକାରୀ ଯୋଜନାରେ ରାସ୍ତା ପୋଖରୀ ଓ କିଛି ପ୍ରକଳ୍ପରେ ମାଟି କାମର ବ୍ୟାପକ ଦୁର୍ନିତି କରା ଯାଇଥିବା ସ୍ଥାନୀୟ ଅଞ୍ଚଳବାସୀ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରି ବିଫଳ ହେବା ପରେ ଭିଜିଲାନ୍ସ ବିଭାଗରେ ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ବିଭାଗ ଏହାକୁ ଗୁରୁତର ସହକାରେ ନେବା ସହିତ ଆଜି ଦାୟିତ୍ୱରେ ଥିବା ପଞ୍ଚାୟତ ଅଧିକାରୀଙ୍କୁ ସାଙ୍ଗରେ ନେଇ ପଞ୍ଚାୟତ କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର ତଦାରଖ କରିବା ସହିତ ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ନିକଟକୁ ଯାଇ ଛାନଭିନ କରିଥିବା ଭିଜିଲାନ୍ସ ଡିଏସ୍‌ପି ଦୁଷ୍ମନ୍ତ କୁମାର ନାୟକ ସୂଚନା ଦେଇଛନ୍ତି। ଏଥିସହିତ ପ୍ରାଥମିକ ତଦନ୍ତ କରି ଫେରି ଯାଇଥିବା ବେଳେ ପରବର୍ତ୍ତୀ ପଦେକ୍ଷପ ଖୁବଶୀଘ୍ର ନିଆଯିବ ବୋଲି ସୂଚନା ଦେଇଛନ୍ତି। ଗତବର୍ଷ ଏହି ପଞ୍ଚାୟତରେ ଏକ ପୋଖରୀରେ ଫଳକ ଲଗାଇ ଅର୍ଥ ହରିଲୁଟ କରା ଯାଇଥିବା ଘଟଣା ସାମନାକୁ ଆସିବା ପରେ ଆଲୁ ଖୋଲୁ ଖୋଲୁ ମହାଦେବ ବାହାରିବା ଭଳି ଅନେକ ସରକାରୀ ପ୍ରକଳ୍ପର ଘୋଟାଲା ପଦାକୁ ଆସିଥିଲା। ଏହାପରେ ଉକ୍ତ ପଞ୍ଚାୟତରେ ହଟଚମକ ଲାଗି ରହିବା ସହିତ ପଞ୍ଚାୟତ ଅଧିକାରୀ ଓ ବ୍ଲକ ପ୍ରଶାସନର ଭୂମିକାକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ଏହି ଘଟଣାରେ ଗାଁରେ ଚାପା ଉତ୍ତେଜନା ଲାଗି ରହିବା ସହିତ ଅଭିଯୋଗ ବ୍ଲକ ପ୍ରଶାସନ ନିକଟରେ ପହଞ୍ଚିଥିଲା। ହେଲେ ଗ୍ରାମବାସୀଙ୍କ ଅଭିଯୋଗକୁ ବ୍ଲକ ପ୍ରଶାସନ ଅଣଦେଖା କରିଥିଲା। ଗ୍ରାମବାସୀ ଏ ନେଇ ଭିଜିଲାନ୍ସ ବିଭାଗ ନିକଟରେ ଫେରାଦ ହୋଇଥିଲେ। ଭିଜିଲାନ୍ସ ବିଭାଗର ଡିଏସ୍‌ପି ଶ୍ରୀ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଦସ୍ତାବିଜ ଓ ପିଇଓଙ୍କୁ ନେଇ ପଞ୍ଚାୟତରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରି ଯାଇଛନ୍ତି। ତେବେ ପରବର୍ତ୍ତୀ ସମୟରେ ଭିଜିଲାନ୍ସର ଭୂମିକା କଣ ରହିବା ତାହା ଏବେ ଗ୍ରାମବାସୀଙ୍କ ମଧ୍ୟରେ ନାନା ପ୍ରଶ୍ନ ଉଙ୍କିମାରିଛି।

୧୪ରୁ ମହାବୀର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ମଞ୍ଜୁରୀରୋଡ,୪।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ଯଶୋଟିକିରି ଖେଳ ପଡିଆ ଠାରେ ଆସନ୍ତା ୧୪ତାରିଖ ଠାରୁ ୨୭ତମ ମହାବୀର କପ କ୍ରିକେଟ ଟୁର୍ଣ୍ଣାମେଂଟ ଆରମ୍ଭ ହେଉଛି ପ୍ରଥମ କ୍ୱାଟରଫାଇନାଲ ଫ୍ୟୁଚର ଏକାଡେମୀ ଭୁବନେଶ୍ୱର ଓ ସୋଲାର କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ୧୫ତାରିଖ ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ସୂର୍ଯ୍ୟଶିଖା ଭଦ୍ରକ ସହିତ ଆଦର୍ଶ କ୍ଲବ ବାଲେଶ୍ୱର, ୧୬ତାରିଖ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ମାଷ୍ଟର ଇଲେଭେନ ଜଗତସିଂହପୁର ସହିତ ୟୁନିକ ଭଦ୍ରକ ଏବଂ ୧୭ ତାରିଖ ଚତୁର୍ଥ କ୍ୱାର୍ଟରଫାଇନାଲ ମ୍ୟାଚ ସିଆରପିଏଫ ଭୁବନେଶ୍ୱର ସହିତ ଇଲେଭେନ ଷ୍ଟାର ଯାଜପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ୧୮ ଓ ୧୯ ତାରିଖ ଦିନ ସେମିଫାଇନାଲ ଏବଂ ୨୧ତାରିଖ ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

ଭଦ୍ରକ ମହେନ୍ଦ୍ର ଭବନରେ କଳ୍ପତରୁ ଦିବସ ପାଳିତ

ଭଦ୍ରକ,୪।୧(ସମିସ): ଶ୍ରୀରାମକୃଷ୍ଣ ପରମହଂସ ୧୮୮୬ ମସିହା ଜାନୁଆରୀ ୧ ତାରିଖରେ ତାଙ୍କର ସଂସାରୀ ଶିଷ୍ୟମାନଙ୍କ ପାଇଁ କଳ୍ପତରୁରେ ରୂପାନ୍ତରିତ ହୋଇ ସମସ୍ତଙ୍କୁ ଦିବ୍ୟ ଚେତନାରେ ପରିଣତ ହେବା ପାଇଁ ଆଶୀର୍ବାଦ କରିଥିଲେ। ତାଙ୍କ ପାଇଁ ସନ୍ନ୍ୟାସୀ ଶିଷ୍ୟ ଏବଂ ସଂସାରୀ ଶିଷ୍ୟ ସମସ୍ତେ ଥିଲେ ସମାନ। ଏହା ହିଁ ହେଉଛି କଳ୍ପତରୁ ଦିବସର ସାରମର୍ମ। ମହେନ୍ଦ୍ର ଭବନ ପରିସରରେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ କଳ୍ପତରୁ ଦିବସ ସମାରୋହରେ ସ୍ୱାମୀ ଗଣେଶ୍ୱରାନନ୍ଦ ମହୋଦୟ ଶ୍ରୀରାମକୃଷ୍ଣ ଦର୍ଶନ ଏବଂ କଳ୍ପତରୁ ଦିବସର ମହାତ୍ମ୍ୟ ସଂପର୍କରେ ଉପରୋକ୍ତ ମତ ପ୍ରଦାନ କରିଥିଲେ। ଏହି ସମାରୋହରେ ରୋଟାରୀୟାନ ଅଭିଜିତ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କଳ୍ପତରୁ ଦିବସ ସଂପର୍କରେ ମତ ରଖିଥିଲେ। ସତ୍ୟପ୍ରକାଶ ଦାସ ଏହି ଆଧ୍ୟାତ୍ମିକ ସମାରୋହ ପରିଚାଳନା କରିଥିବାବେଳେ ଆଡଭୋକେଟ୍ ମନୋରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଭଦ୍ରକ ମ୍ୟୁଜିକ କଲେଜର ଛାତ୍ରଛାତ୍ରୀମାନ

ଜୀବନରେ ଆମେ ଯାହାସବୁ ପାଇଛେ, ସେଥିପାଇଁ ଆନନ୍ଦିତ ହେବା ପରିବର୍ତ୍ତେ, ଆମ ପାଖରେ ଯାହା ନାହିଁ, ସେଥିପାଇଁ ଆମେ ଅନେକ ସମୟରେ ଦୁଃଖ କରିଥାଉ !
-"ଅସମ୍ପୂର୍ଣ୍ଣ ଟାଇଲ ଦୃଷ୍ଟିକୋଣ"

ସକାଳ
THE SAKALA

ଚିଲିକାରେ ପକ୍ଷୀଗଣନା ଆରମ୍ଭ

ଅତିଥିଙ୍କ ସୁରକ୍ଷା ଆମ ସମସ୍ତଙ୍କ କର୍ତ୍ତବ୍ୟ

ଉଭୟ ପ୍ରାକୃତିକ ଓ ମାନବିକ ପ୍ରକ୍ରିୟା ଯୋଗୁଁ ଏସିଆର ସର୍ବବୃହତ୍ ଲୁଣାପାଣି ହ୍ରଦ ଚିଲିକା ସଂକୁଚିତ ହେଉଛି । ଏହା ସତ୍ତ୍ୱେ ଚିଲିକା ତାହାର ଆକର୍ଷଣ ଜାରି ରଖିବା ସବୁଠୁ ବଡ଼ ବିଶେଷତ୍ୱ । ରାମସାର ଚୁକ୍ତି ଅନୁସାରେ ଚିଲିକା ହ୍ରଦ ୧୯୮୨ରେ ଆନ୍ତର୍ଜାତିକ ଗୁରୁତ୍ୱବହନ କରୁଥିବା ପ୍ରଥମ ଭାରତୀୟ ଆର୍ଦ୍ରଭୂମିର ମାନ୍ୟତା ପାଇଥିଲା । ଏକ ସର୍ଭେ ଅନୁସାରେ ଏହି ହ୍ରଦର ୪୫ ଶତାଂଶ ପକ୍ଷୀ ସ୍ୱାଭାବତଃ ସ୍ଥଳଚର ବା ଟେରେଷ୍ଟ୍ରିଆଲ୍, ଯାହା ଏକ ବ୍ୟତିକ୍ରମ । ଏହାଛଡ଼ା ୨୩ ଶତାଂଶ ଜଳପକ୍ଷୀ ବା ୱାଟର ଫାୱେଲ ଏବଂ ୨୩ ଶତାଂଶ ଲମ୍ବା ଗୋଡ଼ମୁକ୍ତ ୱେଡର ପକ୍ଷୀ, ଯେଉଁମାନେ ଅଳ୍ପ ପାଣିରେ ଖାଦ୍ୟ ଅନ୍ୱେଷଣରେ ବିଚରଣ କରନ୍ତି । ତେବେ ଶୀତି ଦିନେ ବିଦେଶରୁ, ବିଶେଷକରି ସାଇବେରିଆ ଅଞ୍ଚଳରୁ ବିଭିନ୍ନ ପ୍ରଜାତିର ପକ୍ଷୀ ଏଠାକୁ ଖାଦ୍ୟ ଅନ୍ୱେଷଣରେ ଆସନ୍ତି ଏବଂ ଖରାର ପ୍ରକୋପ ବଢ଼ିବାମାତ୍ରେ ପୁନର୍ବାର ନିଜ ମୂଳ ବାସସ୍ଥାନକୁ ଫେରିଯାଆନ୍ତି ।

ଋତୁ ପରିବର୍ତ୍ତନ ସହିତ ଶୀତକାଳରେ ଉତ୍ତର ଗୋଲାର୍ଦ୍ଧର ପ୍ରଚଣ୍ଡ ଥଣ୍ଡା ତଥା ବରଫପାତରୁ ରକ୍ଷା ପାଇବା ପାଇଁ କୋଟି କୋଟି ସଂଖ୍ୟାରେ ପକ୍ଷୀ ଅପେକ୍ଷାକୃତ ଉଷ୍ଣ କ୍ରାନ୍ତିମଣ୍ଡଳୀୟ ଦେଶମାନଙ୍କୁ ଆସନ୍ତି ଏବଂ ଏହା ଏକ ପ୍ରାକୃତିକ ପ୍ରକ୍ରିୟା । ନିଜର ସଂବେଦୀ ଅଙ୍ଗ ଓ ମସ୍ତିଷ୍କକୁ ବ୍ୟବହାର କରି ଏହି ପକ୍ଷୀମାନେ ପ୍ରତିବର୍ଷ ନିର୍ଦ୍ଦିଷ୍ଟ ମାର୍ଗରେ ଶୀତକାଳୀନ ପ୍ରବାସକୁ ଆସିଥା'ନ୍ତି । ସେ ପ୍ରକ୍ରିୟା ଏବେ ମଧ୍ୟ ଅବ୍ୟାହତ ରହିଛି ଏବଂ ଚିଲିକା ସେଥିରୁ ବାଦ ପଡ଼ି ନାହିଁ ।

ହୀରାକୁଦ ବନ୍ଧ ନିର୍ମାଣ ପରେ ମୁହାଁଣ ସଂକୁଚିତ ହେବା, ବେଆଇନ ଚିଙ୍ଗୁଡ଼ି ଚାଷ ଏବଂ ଜବରଦଖଲ ଭଳି କାରଣରୁ ଏବେ କିନ୍ତୁ ଚିଲିକା ସଂକୁଚିତ ହେଉଛି । ତଟୀୟ ପ୍ରବାହ (ଲିଟୋରାଲ ଡ୍ରିଫ୍ଟ) ଯୋଗୁଁ ପୋତି ହୋଇପଡୁଥିବା ମୁହାଁଣକୁ ନିୟମିତ ଖୋଳାଯାଉଛି । ବେଆଇନ ଚିଙ୍ଗୁଡ଼ି ଚାଷ ଓ ଜବରଦଖଲକୁ ସରକାରଙ୍କ ପକ୍ଷରୁ ନିୟମିତ ଉଚ୍ଛେଦ କରାଯାଉଛି । ଏହାସତ୍ତ୍ୱେ ଅର୍ଥନୈତିକ ବାଧବାଧକତା ଯୋଗୁଁ ଚିଲିକାରେ ଲୋକଙ୍କ ଅନୁପ୍ରବେଶ ଓ ହସ୍ତକ୍ଷେପ ବଢୁଛି । ହ୍ରଦ ମଧ୍ୟକୁ ମଧୁର ପାଣି ଅଧିକ ପ୍ରବେଶ ନ କରିବାରୁ ଏହାର ଲବଣାକ୍ତ ମାତ୍ରା ବୃଦ୍ଧି ପାଉଛି । ଏହାର ପ୍ରଭାବରେ ଏଠାକୁ ଆସୁଥିବା ବିଦେଶାଗତ ପକ୍ଷୀ, ସ୍ଥାନୀୟ ବିହଙ୍ଗ ଏବଂ ଜଳଚର ଜୀବଙ୍କ ଉପରେ ପଡ଼ିବା ସ୍ୱାଭାବିକ । ଏ ସବୁସତ୍ତ୍ୱେ ଚିଲିକା ଏକ ଅବାଧ, ଅରକ୍ଷିତ କ୍ଷେତ୍ର ନୁହେଁ । ଏହା ମଧ୍ୟ ଆଉ ପକ୍ଷୀ ଶିକାରୀଙ୍କ କ୍ରୀଡ଼ାଭୂମି ହୋଇ ରହିନାହିଁ । ରାଜ୍ୟ ଓ କେନ୍ଦ୍ରୀୟ ଆଇନ ଅନୁସାରେ ଏହାର ଜୀବମଣ୍ଡଳର ସୁରକ୍ଷା କାର୍ଯ୍ୟ କର୍ତ୍ତୃପକ୍ଷ କରୁଛନ୍ତି । ଚିଲିକା ବିକାଶ ପ୍ରାଧିକରଣ ମଧ୍ୟ ଏହାର ଭଲ-ମନ୍ଦ ବୁଝୁଛି ।

ଗୁରୁବାରଠାରୁ ଚିଲିକାରେ ବାର୍ଷିକ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ସେଥିପାଇଁ ଏହି ଗଣତି କାଳରେ ଚିଲିକାକୁ ପର୍ଯ୍ୟଟକମାନଙ୍କ ପାଇଁ ନିଷିଦ୍ଧ କରାଯାଇଛି । ଚିଲିକାରେ ବାର୍ଷିକ ଓ ଶୀତକାଳୀନ ମଧ୍ୟବର୍ତ୍ତୀ ପକ୍ଷୀଗଣନା ଏକ ଗତାନୁଗତିକ ବ୍ୟବସ୍ଥା । ଏଥର ୨୧ଟି ଦଳ ଏହି ଗଣନା କାର୍ଯ୍ୟ କରୁଛନ୍ତି । ପ୍ରତ୍ୟେକ ଦଳରେ ପାଞ୍ଚଜଣ ଗଣନାକାରୀ ଓ ଜଣେ ଲେଖାଏଁ ବିଶେଷଜ୍ଞ ସ୍ଥାନ ପାଇଛନ୍ତି । ନୂଆ କଥା ହେଉଛି ଗଣନାକାରୀ ଇ-ବାର୍ଡ ଆପ୍ ପ୍ରଥମ କରି ବ୍ୟବହାର କରୁଛନ୍ତି । ଗଣନାରେ ପୁରୁଣା ପଦ୍ଧତି ପରିବର୍ତ୍ତେ ନୂଆ ଟେକ୍‌ନୋଲୋଜିର ବ୍ୟବହାର କରିବାର ଉଦ୍ଦେଶ୍ୟ ହେଲା ପକ୍ଷୀଙ୍କ ସଂଖ୍ୟା ନିର୍ଭୁଲ ଭାବେ ଗଣିବା ଏବଂ ଏହାର ନଥିକରଣ (ଡକୁମେଣ୍ଟେସନ୍) ସହଜରେ କରିବା । ଗଣନାକାରୀ ସେମାନଙ୍କ ମୋବାଇଲ ଫୋନ୍‌ରେ ଏହି ଅନ୍‌ଲାଇନ୍ ଟୁଲ୍‌କିଟ୍‌କୁ ଡାଉନ୍‌ଲୋଡ କରି ପକ୍ଷୀଙ୍କ ଫଟୋକୁ ଉତ୍ତୋଳନ କରିବେ । ସୁତରାଂ ଗଣନା ନିଶ୍ଚିତ ପୂର୍ବାପେକ୍ଷା ଅଧିକ ନିର୍ଭୁଲ ହେବ । ହ୍ରଦର ପାଞ୍ଚଟି ରେଞ୍ଜ ଯଥା ଚିଲିକା, ବାଲୁଗାଁ, ସାତପଡ଼ା, ଟାଙ୍ଗୀ ଓ ରମ୍ଭାରେ ଏକକାଳୀନ ଏହି ଗଣତି ହେଉଛି ।

ଏହା ଏକ ଅଭିନବ ପ୍ରୟାସ ଏବଂ ଅତ୍ୟାଧୁନିକ ଟେକ୍‌ନୋଲୋଜିକୁ ଗଣନାରେ ଉପଯୋଗ କରିବା ନିଶ୍ଚିତ ସ୍ୱାଗତଯୋଗ୍ୟ । ଏହାଦ୍ୱାରା ଚିଲିକାକୁ ଆସୁଥିବା ନୂଆ ପ୍ରଜାତିର ବିଦେଶୀ ପକ୍ଷୀଙ୍କ ସମ୍ପର୍କରେ ଅଧିକରୁ ଅଧିକ ତଥ୍ୟ ଜାଣିହେବ । ସେହିଭଳି କେଉଁ ପ୍ରଜାତିର ପକ୍ଷୀଙ୍କ ଆଗମନ କମିଛି ବା କିଏ ଆଉ ଆସୁ ନାହାନ୍ତି, ତାହାର ବସ୍ତୁନିଷ୍ଠ ତଥ୍ୟ ମଧ୍ୟ ମିଳିବ । ଗତ ଗଣନାରେ ଚିଲିକାରେ ୧୮୪ ପ୍ରକାରର ପକ୍ଷୀଙ୍କୁ ଚିହ୍ନଟ କରାଯାଇଥିଲା ଏବଂ ଏମାନଙ୍କର ମୋଟ୍ ସଂଖ୍ୟା ଥିଲା ୧୧, ୩୧, ୯୨୯ । ପକ୍ଷୀଙ୍କ ମଧ୍ୟରେ ଥିଲେ ୭ ୯ ପ୍ରକାରର ଆବାସିକ ଚଢ଼େଇ । ସେମାନଙ୍କ ସଂଖ୍ୟା ଥିଲା ୩୮, ୮୫୯ । ବିଦେଶରୁ ଆସିଥିବା ୧୦୫ ପ୍ରଜାତିର ପକ୍ଷୀଙ୍କ ସଂଖ୍ୟା ଥିଲା ୧୦, ୯୩, ୦୪୯ ।

ମଣିଷଙ୍କ ଭଳି ପଶୁପକ୍ଷୀଙ୍କ ଗଣନା ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଏହା ଦ୍ୱାରା ପକ୍ଷୀମାନଙ୍କ ସଂଖ୍ୟା, ସ୍ଥିତି, ପ୍ରଜାତି, ପ୍ରକୃତି ଓ ମୂଳ ବାସସ୍ଥାନ ସମ୍ପର୍କରେ ଅଧିକ ବସ୍ତୁନିଷ୍ଠ ତଥ୍ୟ ମିଳିବ । ଆହୁରି ମଧ୍ୟ ଚିଲିକାର ପରିବେଶର ସ୍ଥିତି ଏହାର ଜୈବମଣ୍ଡଳର ଅବସ୍ଥା ବିଷୟରେ ଅନେକ କଥା ପକ୍ଷୀଙ୍କ ସଂଖ୍ୟା ଓ ଉପସ୍ଥିତିରୁ ଆକଳନ କରାଯାଇପାରିବ । କହିବା ବାହୁଲ୍ୟ ଯେ ଏହି ଅତିଥି ପକ୍ଷୀମାନେ ଯେଉଁଠି ଉତ୍ତମ ଖାଦ୍ୟ ଉତ୍ସ, ଅନୁକୂଳ ଓ ନିରାପଦ ପରିବେଶ ପାଆନ୍ତି, ସେଠାରେ ଅଧିକ ସଂଖ୍ୟାରେ ସମବେତ ହୁଅନ୍ତି । ଏଥରର ନୂଆ ପ୍ରକାରର ଗଣନା ଚିଲିକା ଏବଂ ଏହାର ବିଦେଶୀ ପକ୍ଷୀଙ୍କ ଗତିସ୍ଥିତି ଓ ପ୍ରକୃତି ସମ୍ପର୍କରେ ଭଲ ଭାବେ ଜାଣିବାରେ ସହାୟକ ହେବ ନିଶ୍ଚୟ । ପଶୁପକ୍ଷୀମାନଙ୍କ ବିଶେଷତ୍ୱ ହେଲା ସେମାନଙ୍କୁ ଥରେ ଯେଉଁସ୍ଥାନ ଭଲ ଲାଗିଥିବ ସେମାନେ ବାଧାବିଘ୍ନ ସତ୍ତ୍ୱେ ସେଠାକୁ ଆସିବେ ହିଁ ଆସିବେ । ଥରେ ହୁଡ଼ିଲେ ଆଉ ଆସିବେ ନାହିଁ । ଏବେ ଚିଲିକାରୁ ଅନେକ ପ୍ରଜାତିର ବିଦେଶୀ ପକ୍ଷୀ ମୁହଁ ଫେରାଇଥିବା ଅଭିଯୋଗ ହେଉଛି । ଚିଲିକାର ଅପରୂପ ସୌନ୍ଦର୍ଯ୍ୟର ଆଉ ଏକ ଅଙ୍ଗ ହେଉଛି ବିବିଧ ପକ୍ଷୀ ସମାଗମ ଓ ସେମାନଙ୍କ ଜଳକ୍ରୀଡ଼ା । ସେମାନଙ୍କ ବିନା ରୂପସୀ ଚିଲିକା ନିଶ୍ଚୟ ତାର ଆକର୍ଷଣ ହରାଇବ, ଯାହାର ପୁନଃବାହାଲ ମଣିଷର ସାଧ୍ୟ ବାହାରେ । ତେଣୁ ବେଳ ହୁଁ ସରକାର, କର୍ତ୍ତୃପକ୍ଷ ଓ ସ୍ଥାନୀୟ ଜନସାଧାରଣ ଏଥିପ୍ରତି ସଚେତନ ହୋଇ ଚିଲିକାର ସୌନ୍ଦର୍ଯ୍ୟ ରକ୍ଷା ପାଇଁ ବିଦେଶାଗତ ଅତିଥି ପକ୍ଷୀଙ୍କ ସୁରକ୍ଷାରେ ସୈନିକର ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ କରିବାକୁ ପଡ଼ିବ ।

ଗୋ-ଆଧାରିତ ଚାଷ ଓ ଗୋ-ମୟ ସଂସ୍କୃତି

ଡ. ପ୍ରଫୁଲ୍ଲ କୁମାର ସାହୁ
ଭଦ୍ରକ, ମୋ: ୬୩୭୧୬୪୨୪୬୪

ମର୍ତ୍ତ୍ୟରେ ଅମୃତ ବୋଲି ଯଦି କିଛି ଥାଏ, ତେବେ ତାହା ହେଉଛି ଦୁଗ୍ଧ ବା କ୍ଷୀର । ପୃଥିବୀରେ ଏମିତି କିଛି ଖାଦ୍ୟ ନାହିଁ, ଯାହା ଦୁଗ୍ଧର ପରିପୂରକ । ସୁସ୍ଥ ଜୀବନ ଧାରଣ ପାଇଁ ଶରୀର ଆବଶ୍ୟକ କରୁଥିବା ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଧାତବ ଲବଣ, ଭିଟାମିନ୍ ଓ ଜଳ ଆଦି ୬ଟି ଯାକ ଉପାଦାନ କେବଳ କ୍ଷୀରରେ ସୁଷମ ଭାବେ ଉବଲବ୍ଧ । ତେଣୁ କ୍ଷୀର କେବଳ ଏକ ଆଦର୍ଶ ପାନୀୟ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ଖାଦ୍ୟ । ଗବେଷକମାନଙ୍କ ମତରେ ପ୍ରାୟତଃ ଖ୍ରୀ.ପୂ. ୧୫୦୦ ରୁ ୨୦୦୦ ମଧ୍ୟରେ କ୍ଷୀରର ଉପଯୋଗିତାକୁ ଅନୁଭବ କରି ଗୋପାଳନର ଭିତ୍ତି ସ୍ଥାପନ କରିଥିଲେ ଏ ଦେଶର ଆର୍ଯ୍ୟ ଆଚାର୍ଯ୍ୟମାନେ । ମାନବ ଜାତି ପ୍ରତି ଗାଈର ଉତ୍ସର୍ଗୀକୃତ ସେବାକୁ ଉପଲବ୍ଧି କରି ତା'କୁ 'ଗୋ-ମାତା' ବୋଲି ଅଭିହିତ କରିଥିଲେ ଏବଂ କୃଷିକାର୍ଯ୍ୟକୁ ଆଧାର କରି ଗଢ଼ି ଉଠିଥିଲା ଆମ 'ଗୋ-ମୟ' ସଂସ୍କୃତି । ଲଙ୍ଗଳ ଆମ କୃଷି ସଂସ୍କୃତିର ପ୍ରତୀକ ଏବଂ ଗୋପାଳନ ସେହି ସ୍ୱର୍ଣ୍ଣିମ ସଂସ୍କୃତିର ଏକ ଅପରିହାର୍ଯ୍ୟ ଅଙ୍ଗ ।

ଶାସ୍ତ୍ର କହେ - 'ଗାବୋ ବିଶ୍ୱସ୍ୟ ମାତରଃ ।' ଅର୍ଥାତ ଗାଈ ସମଗ୍ର ବିଶ୍ୱର ମାତା । ସେଥିପାଇଁ ଗାଈକୁ କୁହାଯାଏ 'ଗୋମାତା' । ଗାଈର କ୍ଷୀର, ଦହି, ଘିଅ, ଗୋବର ଓ ଗୋମୂତ୍ର ମିଶ୍ରଣରେ ପ୍ରସ୍ତୁତ ହୁଏ 'ପଞ୍ଚଗବ୍ୟ' । କୁହାଯାଏ ଯେଉଁ ଘରେ ଗୋମାତା ପୂଜା ପାଆନ୍ତି, ସେ ପରିବାରକୁ ସହଜରେ କାବୁ କରିପାରେନି ରୋଗବ୍ୟାଧି । ଏହି ମର୍ମରେ ଉତ୍କଳମଣି ଗୋପବନ୍ଧୁ ଦାସ 'ଗୋମହାତ୍ମ୍ୟ'ରେ ଲେଖିଛନ୍ତି -

'ଗୋ ଜାତି ସର୍ବସୁଖମୟ, ଗୋଜାତି ସର୍ବଶୁଭମୟ ।'

ମହାଭାରତରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ରାଜଧର୍ମ ପାଳନ ସମ୍ପର୍କରେ ପରାମର୍ଶ ଦେଇ କହିଛନ୍ତି ଗାଈ, ଭୂମି ଓ ବିଦ୍ୟା - ଏହି ତିନୋଟି ଦାନର ଫଳ ଅମାପ । ଏଭଳି ଶାସ୍ତ୍ରୀୟ ଭାବନା ଯୋଗୁଁ ପୂର୍ବେ ଧନୀ-ଗରିବ ନିର୍ବିଶେଷରେ ସବୁ ପରିବାର ଗୋସେବା ଉପରେ ଗୁରୁତ୍ୱ ଦେଉଥିଲେ ଏବଂ ଏପରିକି ଗୁହାଳରେ ବନ୍ଧା ଯାଇଥିବା ଗୋରୁଗାଈଙ୍କୁ ଖାଇବାକୁ ନଦେବା ପର୍ଯ୍ୟନ୍ତ ରାତିରେ ଆହାର ଗ୍ରହଣ କରୁ ନ ଥିଲେ ପରିବାର ମୁଖ୍ୟ । ଅକ୍ଷୟ ତୃତୀୟାରେ ଲଙ୍ଗଳ ସହିତ ବଳଦ ପୂଜା ଏବଂ ଗହ୍ମା ପୂର୍ଣ୍ଣିମାରେ ଗୁହାଳରେ ଧୂପ ଦୀପ ଦେଇ ଗାଈଗୋରୁଙ୍କୁ ପିଠା ଖୁଆଇବା ଥିଲା ଚାଷୀ ଘରର ପରମ୍ପରା । ଗାଁ ପାଖ ପଡ଼ିଆରେ ଚରୁଥିବା ଗୋରୁ ଗୋଠକୁ ଦେଖି ଆକଳନ କରି ହେଉଥିଲା ଗାଁ ଲୋକଙ୍କ ଆର୍ଥିକ ସ୍ଥିତି । କୃଷି କ୍ଷେତ୍ରରେ ହଳ କରିବା, ଶଗଡ଼ ଟାଣିବା, ବେଙ୍ଗଳା ପକାଇବା ଆଦି ଯାବତୀୟ କାର୍ଯ୍ୟରେ ନିୟୋଜିତ ହେଉଥିଲା ବଳଦ । ତେଣୁ ଉଭୟ ଆଦର ଓ ଆବଶ୍ୟକତା ଦୃଷ୍ଟିରୁ ରାଜ୍ୟରେ ବଢ଼ିଚାଲିଥିଲା ଗୋରୁଗାଈଙ୍କ ସଂଖ୍ୟା ।

ଏବେ କିନ୍ତୁ ଆଉ ଗାଁ ପଡ଼ିଆରେ ଗାଈଗୋଠର ଦୃଶ୍ୟ ଦେଖିବାକୁ ମିଳୁନି କି ଗୋଧୂଳି ଲଗ୍ନରେ ଶୁଣିବାକୁ ମିଳୁନି ଗାଈଆଳ ପିଲାର 'ଗାଈ ଗଲେ ହୋ' କୁହାଟ । ହଜିଲା ଗୋରୁକୁ ଖୋଜିବା ଲାଗି ବ୍ୟବହୃତ ଗବେଷଣା (ଗୋ+ଏଷଣା) ଶବ୍ଦଟି ଆଜି ତତ୍ତ୍ୱ-ଗବେଷଣା ବା ରିସର୍ଚ୍ଚ ଅର୍ଥରେ ବ୍ୟବହୃତ । ୧୯୬୦ ମସିହା ବେଳକୁ ଦେଶରେ ଗୋସମ୍ପଦର ବାର୍ଷିକ ବୃଦ୍ଧି ହାର ଜାତୀୟ ସ୍ତରରେ ଦୁଇ ଶତାଂଶ ଥିଲା ବେଳେ ଓଡ଼ିଶାରେ ଏହି ହାର ଥିଲା ୪.୫ ଶତାଂଶ । କିନ୍ତୁ ୯୦ ଦଶକ ପରେ ବଦଳିଗଲା ସ୍ଥିତି । ୧୯ତମ ପଶୁଗଣନା (୨୦୧୨) ରିପୋର୍ଟରୁ ଜଣାଗଲା ୫.୫୯ ହାରରେ ହ୍ରାସ ପାଉଛି ରାଜ୍ୟର ଗୋସମ୍ପଦ । ଏହା ପଛରେ

ରହିଛି 'ସବୁଜ ବିପ୍ଳବ'ର ପ୍ରଭାବ । ଷାଠିଏ ଦଶକରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଖାଦ୍ୟଶସ୍ୟ ଉତ୍ପାଦନ ବଢ଼େଇବା ଲକ୍ଷ୍ୟରେ ଆରମ୍ଭ ହେଲା 'ସବୁଜ ବିପ୍ଳବ' । ଭାଙ୍ଗିଲା ପାରମ୍ପରିକ କୃଷି ସଂସ୍କୃତିର ମେରୁଦାଡ଼ । ଉନ୍ନତ ଚାଷ, ଯାନ୍ତ୍ରିକ ଚାଷ ନାମରେ କୃଷି କ୍ଷେତ୍ରକୁ ପ୍ରବେଶ କଲା ଟ୍ରାକ୍ଟର, ପାୱାରଟିଲର ଓ ହାରଭେଷ୍ଟର ଇତ୍ୟାଦି ବିଭିନ୍ନ ଯନ୍ତ୍ରପାତି । ଅବସାନ ହେଲା ହଳଲଙ୍ଗଳର ଯୁଗ । ଯନ୍ତ୍ର ଯୋଗେ ଶସ୍ୟ ଅମଳ ହେବା କାରଣରୁ ଆଉ ଖଳାରେ ବେଙ୍ଗଳା ପଡ଼ିଲାନି କି ଖଳା ଲିପିବା ପାଇଁ ଆବଶ୍ୟକ ହେଲାନି ଗୋବର । ଗୋବର ଖତ ପରିବର୍ତ୍ତେ ଜମିରେ ପ୍ରୟୋଗ ହେଲା ରାସାୟନିକ ସାର । ଧୀରେ ଧୀରେ ତୁଟିବାକୁ ଲାଗିଲା କୃଷକ ଓ ବଳଦ ଭିତରେ ଗଢ଼ିଉଠିଥିବା ଆବେଗିକ ସମ୍ପର୍କ ।

ଅଧିକ ଅମଳକ୍ଷମ ବିହନ ବ୍ୟବହାର ଯୋଗୁଁ ଆଧୁନିକ ଚାଷ ପ୍ରଣାଳୀରେ ଉତ୍ପାଦନ ବଢ଼ିଲା ସତ, କିନ୍ତୁ କୃଷି ଯନ୍ତ୍ରପାତି, ରାସାୟନିକ ସାର ଓ କୀଟନାଶକ ଇତ୍ୟାଦିର ମାତ୍ରାଧିକ ମୂଲ୍ୟବୃଦ୍ଧି କାରଣରୁ କ୍ଷତିର ସଉଦାରେ ପରିଣତ ହୋଇଛି ଆଜିର ଚାଷ । ତେଣୁ ଆରମ୍ଭ ହେଲା କୃଷି କ୍ଷେତ୍ରରୁ ପଳାୟନ ପ୍ରକ୍ରିୟା । ଚାଷ ନ ହୋଇ ପଡ଼ିଆ ପଡ଼ିଲା ଶହଶହ ହେକ୍ଟର ଚାଷଜମି । ବୃତ୍ତିରୁ ବିସ୍ଥାପିତ ହେବା କାରଣରୁ କମିଲା ଗୋପାଳନ ପ୍ରତି ଆଗ୍ରହ ।

ସାଧାରଣତଃ ପାରମ୍ପରିକ ଗୋପାଳନ ପାଇଁ ଆବଶ୍ୟକ ବିସ୍ତୃତ ଚାରଣ ଭୂମି । ଆଗେ ପ୍ରାୟତଃ ପ୍ରତି ଗ୍ରାମରେ ସଂରକ୍ଷିତ ହୋଇ ରହିଥିଲା ବିସ୍ତୃତ ଗୋଚର ଭୂମି । ପରବର୍ତ୍ତୀ ସମୟରେ ସରକାରଙ୍କ ଉଦାସୀନତା କାରଣରୁ ଚାରଣ ଭୂମି କେଉଁଠି ପ୍ରଭାବଶାଳୀ ଲୋକଙ୍କ କବ୍‌ଜାକୁ ଚାଲିଗଲା ତ କେଉଁଠି ବ୍ୟବହାର ହେଲା ଖେଳପଡ଼ିଆ ଭାବରେ । ଓଡ଼ିଶା ସେଟଲ୍‌ମେଣ୍ଟ - ୭୪ ଆଇନ କହେ, ପ୍ରତି ଗ୍ରାମରେ ସମୁଦାୟ ଜମିର ୫ପ୍ରତିଶତ ସଂରକ୍ଷିତ ହୋଇ ରହିବ ଗୋଚାରଣ ପାଇଁ । କିନ୍ତୁ ଆଜି ତାହାର ଅଭାବ ସ୍ପଷ୍ଟ ଦେଖାଯାଉଛି ।

ରାଜଧର୍ମ ବ୍ୟାଖ୍ୟା ପରିପ୍ରେକ୍ଷୀରେ ଆଦିକବି ସାରଳା ଦାସ ଲେଖିଛନ୍ତି -

'କୃଷି କର୍ମଚାରୀ ଜନେ ନ ଚଣ୍ଡିବୁ ଧନ, ଗୋଚର ନିମନ୍ତେ ଛାଡ଼ିଦେବୁ ବହୁସ୍ଥାନ' ।

ସରକାର ଏଭଳି ପରାମର୍ଶ ପ୍ରତି ଧ୍ୟାନ ନଦେବା ଫଳରେ ଯେଉଁମାନେ ଗୋପାଳନକୁ ବୃତ୍ତି ଭାବରେ ଗ୍ରହଣ କରିଥିଲେ ସେମାନଙ୍କ ପାଇଁ ସମସ୍ୟା ହୋଇ ଉଭା ହେଲା ଚାରଣ ଭୂମିର ସଂକୋଚନ । ଏଥିସହିତ ଗୋଖାଦ୍ୟର ଦରବୃଦ୍ଧି ଓ କ୍ଷୀରର ଅଭାବୀ ବିକ୍ରି କାରଣରୁ ପରିଶ୍ରମ ଅନୁସାରେ ଲାଭ ନପାଇ ଗୋପାଳନରୁ ମୁହଁ ଫେରାଇ ନେବାକୁ ବାଧ୍ୟ ହେଲା ଚାଷୀ । ହାତ ପାହାନ୍ତାରେ ବିଭିନ୍ନ ସଂସ୍କାର ପ୍ରକ୍ରିୟାକୃତ ପ୍ୟାକେଟ୍ କ୍ଷୀର ଉପଲବ୍ଧ ହେବା ଫଳରେ ଆଉ ରହିଲାନି ଗାଈପାଳନ କରି କ୍ଷୀର ଖାଇବାର ମାନସିକତା । ୨୦୧୨ ମସିହାରେ ୧୯ତମ ପ୍ରାଣୀଧନ ଗଣନା ବେଳେ ଗାଈ ପାଳନ କରୁଥିବା ପରିବାର ଓ ଉଦ୍ୟୋଗ ସଂଖ୍ୟା ଥିଲା ୩୭ଲକ୍ଷ ୭୧ହଜାର ୬୦୪ । ୨୦୧୯ ମସିହା ଗଣନା ବେଳକୁ ସେହି ସଂଖ୍ୟା ହେଲା ୩୦ଲକ୍ଷ ୨୨ହଜାର ୭୬୧ । ଅର୍ଥାତ ୨୦୧୨ ରୁ ୨୦୧୯ ମଧ୍ୟରେ ଗୋପାଳନରୁ ମୁହଁ ଫେରେଇ ନେଇଥିଲେ ସାଢ଼େ ସାତ ଲକ୍ଷ ଗୋପାଳକ ।

ଖାଦ୍ୟ ଉତ୍ପାଦନ ବଢ଼େଇବା ପାଇଁ ଯେଭଳି 'ସବୁଜ ବିପ୍ଳବ'ର ମେଢ଼ ତିଆରି ହେଲା, ସେମିତି ଦୁଗ୍ଧ ଉତ୍ପାଦନ ବଢ଼େଇବା ପାଇଁ ଆରମ୍ଭ ହେଲା ବିଦେଶୀ ଗାଈ ଚାଷ ଭେଳିକି । ଦେଶୀଗାଈ ପାଳନ ପରିବର୍ତ୍ତେ ବିଦେଶରୁ ଅଣାଗଲା ଜର୍ସି ଗାଈ । ୨୦୧୨ ମସିହାରେ ୧୯ତମ ପ୍ରାଣୀଧନ ଗଣନା ଅନୁସାରେ ରାଜ୍ୟରେ ୧କୋଟି ୩ଲକ୍ଷ ୧୫ ହଜାର ୪୯୯ ଦେଶୀ ଗାଈ ଥିଲାବେଳେ ୨୦୧୯ ମସିହାରେ ୨୦ତମ ପ୍ରାଣୀଧନ ଗଣନାରେ ଏହି ସଂଖ୍ୟା ହ୍ରାସ ପାଇ ୮୩ଲକ୍ଷ ୨୩ ହଜାର ୫୯୦ରେ ପହଞ୍ଚିଲା, ଯାହା ୨୦୧୨ ସଂଖ୍ୟା ଠାରୁ ୧୯ଲକ୍ଷ ୯୧ ହଜାର କମ୍ । ଅନ୍ୟପକ୍ଷରେ ୧୯ତମ ପ୍ରାଣୀଧନ ଗଣନା ଅନୁଯାୟୀ ରାଜ୍ୟରେ ୧୩ଲକ୍ଷ ୫ହଜାର ୭୭୩ଟି ସଙ୍କର ଜାତୀୟ ଗାଈ ଥିବା ବେଳେ ୨୦ତମ ଗଣନା ବେଳକୁ ତାହା ୧୫ଲକ୍ଷ ୮୦ହଜାର ୩୮୦ରେ ପହଞ୍ଚିଲା, ଯାହା ପୂର୍ବ ସଂଖ୍ୟା ଠାରୁ ୨ଲକ୍ଷ ୭୪ ହଜାର ୬୦୭ ଅଧିକ । ମାତ୍ର ଜର୍ସି ଗାଈ ଜନ୍ମ କରୁଥିବା ଅଣ୍ଡିରା ବାଛୁରୀ ହଳ କରିବାକୁ ଅକ୍ଷମ । ସେହି କାରଣରୁ ଗାଁ ବଳଦଶୂନ୍ୟ ହେବାକୁ ଲାଗିଲା ଏବଂ ଅନାବଶ୍ୟକ ଭାବରେ ବଢ଼ି ଚାଲିଲା ଷଣ୍ଢଙ୍କ ସଂଖ୍ୟା । ଏବେ ଗାଁରେ ମାଳ ମାଳ ହୋଇ ଷଣ୍ଢ ବୁଲୁଛନ୍ତି ଏବଂ ସେମାନଙ୍କ ମୁହଁରୁ ଚାଷ ବଞ୍ଚେଇବା ପାଇଁ ନାକେଦମ୍ ହେଉଛି ଚାଷୀ ।

ଏକ ଆକଳନରୁ ଜଣାଯାଏ ଗୋଟିଏ ବଳଦ ବା ଗାଈର ଗୋବର ଓ ମୂତ୍ରରୁ ଯେତିକି ଆୟ ହୁଏ, ତା'ଠାରୁ ୩ଗୁଣ ଅଧିକ ଖର୍ଚ୍ଚ ହୁଏ ତାରି ପ୍ରତିପୋଷଣ ପାଇଁ । କଥାରେ ଅଛି - କ୍ଷୀର ଶୁଖିଗଲେ କି ଲୋଡ଼ା ମାଆ, ପାଣି ଶୁଖିଗଲେ କି ଲୋଡ଼ା ନାଆ । ଏଭଳି ବ୍ୟବସାୟିକ ମନୋଭାବ ଯୋଗୁଁ ସାରା ଜୀବନ ଆମର ଅଶେଷ ଉପକାର କରୁଥିବା ଗୋରୁକୁ କଂସେଇକୁ ବିକ୍ରି କରିଦିଆଗଲା ଅତି ନିର୍ଦ୍ଦ

କୁଖ୍ୟାତ ଜାମ୍ମୁ-କାଶ୍ମୀର ଆତଙ୍କବାଦୀ ଦିଲ୍ଲୀରେ ଗିରଫ

ଧରାଇଦେବାକୁ ଘୋଷଣା ହୋଇଥିଲା ୫ ଲକ୍ଷର ପୁରସ୍କାର

ନୂଆଦିଲ୍ଲୀ,୪।୧(ଏଜେନ୍ସି): ଜାମ୍ମୁ-କାଶ୍ମୀରରେ ସକ୍ରିୟ ରହିଥିବା ହିଜବୁଲ ମୁଜାହିଦ୍ଦିନର କୁଖ୍ୟାତ ଆତଙ୍କବାଦୀ ଜାଭେଦ୍ ଅହମ୍ମଦ ମାତୁକୁ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ ଗୁରୁବାର ଦିଲ୍ଲୀରୁ ଗିରଫ କରିଛି। ସପୁର ଅଞ୍ଚଳର ଜଭେଦ୍ ଜମ୍ମୁ କାଶ୍ମୀରର ବିଭିନ୍ନ ସ୍ଥାନରେ ଆତଙ୍କବାଦ କାର୍ଯ୍ୟରେ ଲିପ୍ତ ରହି ବହୁ ଜଘନ୍ୟକାଣ୍ଡ ଘଟାଇଥିଲା ବେଳେ ଦୀର୍ଘଦିନ ଧରି ପୁଲିସ ତାକୁ ଖୋଜୁଥିଲା। ଏପରିକି ତାକୁ ଧରାଇ ଦେବା ଲାଗି ପୁଲିସ ପକ୍ଷରୁ ୫ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ଘୋଷଣା କରାଯାଇଥିଲା। ଏହାବ୍ୟତୀତ ଜାମ୍ମୁ-କାଶ୍ମୀରରେ ସେନାର ହିଟ୍ ଲିଷ୍ଟରେ ଥିବା ୧୦ ଆତଙ୍କବାଦୀଙ୍କ ମଧ୍ୟରେ ମାତୁର ନାଁ ମଧ୍ୟ ସାମିଲ ଥିଲା। ମାତୁ ବହୁବାର ପାକିସ୍ତାନ ଯାଇ ଭାରତକୁ ଫେରିଛି। ଗତବର୍ଷ ସ୍ୱାଧୀନତା ଦିବସରେ ମାତୁ'ର ଭାଇ ସପୋରେସ୍ଥିତ ବାସଭବନରେ ତ୍ରିରଙ୍ଗା ଉଡ଼ାଉଥିବା ଦେଖିବାକୁ ମିଳିଥିଲା। ଯାହାର ଭିଡିଓ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହୋଇଥିଲା। ତାକୁ ଧରିବା ଲାଗି ଏନଆଇଏ ମଧ୍ୟ ଜାଲ ବିଛାଇଥିଲା। ହେଲେ ଗୁରୁବାର ଦିଲ୍ଲୀ ସ୍ୱତନ୍ତ୍ର ପୁଲିସ ସେଲ୍ ତାକୁ ଗିରଫ କରିଛି। ଏବେ ପୁଲିସ କବ୍‌ଜାରେ ରହିଥିବା ମାତୁକୁ ପଚରାଉଚରା କରାଯାଉଛି। ତା' ଠାରୁ ଆତଙ୍କବାଦ କାର୍ଯ୍ୟକଳାପକୁ ନେଇ ପୁଲିସକୁ ବହୁ ତଥ୍ୟ ମିଳିପାରେ ବୋଲି କୁହାଯାଉଛି।

ବାନ୍ଧବୀଙ୍କ କୁକୁର ବଞ୍ଚାଇବାକୁ ଯାଇ ପ୍ରାଣ ହାରିଲେ ବିଟେକ୍ ଛାତ୍ର

ଭୋପାଳ,୪।୧(ଏଜେନ୍ସି): ମଧ୍ୟପ୍ରଦେଶରେ ଜଣେ ବାନ୍ଧବୀଙ୍କୁ କୁକୁରକୁ ପାଣିରୁ ବଞ୍ଚାଇବାକୁ ଯାଇ ଜଣେ ବି-ଟେକ୍ ଛାତ୍ର ନିଜେ ବୁଡ଼ି ପ୍ରାଣ ହରାଇବା ଘଟଣା ବିଭିନ୍ନ ମହଲରେ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ଏଭଳି ଏକ ଦୁଃଖଦ ଘଟଣା ଭୋପାଳ ସହର ନିକଟରେ ଘଟିଛି। ମିଳିଥିବା ଖବର ଅନୁସାରେ ୨୩ ବର୍ଷୀୟ ବି-ଟେକ୍ ଛାତ୍ର ସରଳ ନିଗମ ସକାଳୁ ସକାଳୁ ଭୋପାଳ ସହର ନିକଟସ୍ଥ କେରୱା ଡ୍ୟାମ୍ ନିକଟକୁ ମର୍ଣ୍ଣିଓ୍ୱାକ୍ କରିବାକୁ ଯାଇଥିଲେ। ତାଙ୍କ ସହ ତାଙ୍କ ଅଞ୍ଚଳର ଦୁଇ ଜଣ ବାନ୍ଧବୀ ମଧ୍ୟ ଯାଇଥିଲେ। ସେମାନେ ବୁଲୁଥିଲା ବେଳେ ଜଣେ ବାନ୍ଧବୀଙ୍କ କୁକୁର ପାଣି ଭିତରକୁ ପଶିଯାଇଥିଲା। କୁକୁରଟି ବୁଡ଼ିଯିବ ବୋଲି ଭାବି ତାକୁ ଉଦ୍ଧାର କରିବାକୁ ସରଳ ପାଣି ଭିତରକୁ ଡେଇଁପଡ଼ିଥିଲେ। କିନ୍ତୁ ସେ ଆଉ ବାହାରି ପାରି ନଥିଲେ। କିଛି ସମୟ ପରେ କୁକୁର ପହଁରି ପହଁରି କୂଳକୁ ଆସିଯାଇଥିଲା। ହେଲେ ସରଳ ବୁଡିଯାଇଥିବାରୁ ତାଙ୍କର ଦୁଇ ବାନ୍ଧବୀ ସହାୟତା ପାଇଁ ଚିତ୍କାର କରିଥିଲେ। ଏହି ସମୟରେ 'ଜଙ୍ଗଲ୍ କ୍ୟାମ୍ପ'ର ସିକ୍ୟୁରିଟି ଗାର୍ଡ ଆସିଥିଲେ ମଧ୍ୟ ସରଳଙ୍କୁ ପାଇ ନଥିଲେ। ପରେ ଘଟଣାସ୍ଥଳରେ ପୁଲିସ ଏବଂ ବୁଡ଼ାଳି ଟିମ୍ ପହଞ୍ଚିଥିଲେ ମଧ୍ୟ ସରଳଙ୍କ ଚିହ୍ନବର୍ଣ୍ଣ ମିଳି ନଥିଲା। କିଛି ଘଣ୍ଟା ପରେ ତାଙ୍କର ତାଙ୍କର ମୃତଦେହ ମିଳିଥିଲା। ଏଭଳି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଛି। ସରଳ ଭୋପାଳସ୍ଥିତ ମୌଲାନା ଆଜାଦ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜିରୁ ବିଟେକ୍ ପାସ୍ କରି ୟୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ସେ ମଧ୍ୟ ତାଙ୍କ ବାପାମାଆଙ୍କ ଏକମାତ୍ର ସନ୍ତାନ ଥିଲେ ବୋଲି ଜଣାପଡ଼ିଛି।

ରଶ୍ମି ଶୁକ୍ଳା ମହାରାଷ୍ଟ୍ରର ପ୍ରଥମ ମହିଳା ଡିଜିପି

ମୁମ୍ବାଇ,୪।୧(ଏଜେନ୍ସି): ମହାରାଷ୍ଟ୍ରର ବରିଷ୍ଠ ପୁଲିସ ଅଧିକାରୀ ତଥା ୧୯୮୮ ବ୍ୟାଚ୍ ଆଇପିଏସ୍ ରଶ୍ମି ଶୁକ୍ଳା ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ମହାରାଷ୍ଟ୍ର ଗୃହ ବିଭାଗ ପକ୍ଷରୁ ଏ ନେଇ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି। ୫୯ ବର୍ଷୀୟା ରଶ୍ମି ଡେପୁଟେସନରେ ସଶସ୍ତ୍ର ସୀମାବଳର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ମହାରାଷ୍ଟ୍ର ଡିଜିପି ରହିଥିବା ରଜନୀଶ ସେଠ୍ ଗତ ଡିସେମ୍ବର ୩୧ରେ ଅବସର ନେବା ପରେ ମୁମ୍ବାଇ ପୁଲିସ କମିସନର ବିବେକ ଫନସଲକରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଏହାପରେ ରଶ୍ମିଙ୍କୁ ଏବେ ଡିଜିପି ଭାବେ ପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ରଶ୍ମି ପୁନେର କମିସନର ରହିଥିଲା ବେଳେ ତାଙ୍କ କାର୍ଯ୍ୟକଳାପ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଥିଲା।

କଂଗ୍ରେସରେ ସାମିଲ ହେଲେ ୱାଇ ଏସ୍ ଶର୍ମିଳା

ନୂଆଦିଲ୍ଲୀ,୪।୧(ଏଜେନ୍ସି): ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ସାନଭଉଣୀ ତଥା ୱାଇଏସ୍‌ଆର୍ ତେଲେଙ୍ଗାନା ପାର୍ଟି (ୱାଇଏସ୍‌ଟିପି) ସଂସ୍ଥାପିକା ୱାଇ ଏସ୍ ଶର୍ମିଳା ଗୁରୁବାର କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଗତକାଲି କଂଗ୍ରେସରେ ମିଶ୍ରଣ ନେଇ ଶର୍ମିଳା ଗଣମାଧ୍ୟମକୁ ପରୋକ୍ଷରେ ଇଙ୍ଗିତ କରିଥିଲେ। ତେବେ ଗୁରୁବାର ସେ ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଛନ୍ତି। ଏକ ବିଶେଷ କାର୍ଯ୍ୟକ୍ରମରେ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼ଗେ ଓ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଶର୍ମିଳାଙ୍କୁ ଔପଚାରିକ ଭାବେ କଂଗ୍ରେସ ପାର୍ଟିରେ ସାମିଲ କରାଯାଇଛି। ଏବେ ଠାରୁ ୱାଇଏସ୍‌ଆର୍ ତେଲେଙ୍ଗାନା ପାର୍ଟି କଂଗ୍ରେସରେ ମିଶ୍ରଣ ହେଲା ବୋଲି ଶର୍ମିଳା ଘୋଷଣା କରିବା ସହିତ ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେବ ତାହାକୁ ସେ ନିଷ୍ଠାର ସହ ପାଳନ କରିବେ ବୋଲି କହିଛନ୍ତି। ଏହି ଅବସରରେ ସେ କଂଗ୍ରେସକୁ ପ୍ରଶଂସା କରି ସବୁ ସମ୍ପ୍ରଦାୟର ସେବା ଓ ସବୁବର୍ଗର ଲୋକଙ୍କୁ ଏକାଠି ରଖିପାରିଥିବା ଦେଶର ବୃହତ୍ତମ ଧର୍ମନିରପେକ୍ଷ ଦଳ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶର୍ମିଳା ହେଉଛନ୍ତି ଅବିଭକ୍ତ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ୱାଇ ଏସ୍ ରାଜଶେଖର ରେଡ୍ଡୀଙ୍କ ଝିଅ।

ଶୁଣାଣି ବେଳେ ମହିଳା ବିଚାରପତିଙ୍କୁ ଆକ୍ରମଣ

ୱାଶିଂଟନ୍,୪।୧(ଏଜେନ୍ସି): ଆମେରିକାର ଲାସଭେଗାସ୍‌ର ଏକ କୋର୍ଟରେ ଶୁଣାଣି ଚାଲିଥିଲା ବେଳେ ଜଣେ ମହିଳା ବିଚାରପତିଙ୍କ ଉପରେ ମରଣାନ୍ତକ ଆକ୍ରମଣ ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। କ୍ଲାର୍କ କାଉଣ୍ଟି ଡେମୋକ୍ରାଟିକ୍ କୋର୍ଟରେ ଶୁଣାଣି ବେଳେ ମହିଳା ବିଚାରପତିଙ୍କ ଚୌକି ଉପରକୁ ଡେଇଁ ଅଭିଯୁକ୍ତ ଆକ୍ରମଣ କରିଛନ୍ତି। ଏହି ଦୃଶ୍ୟର ଭିଡିଓ ଏବେ ବିଭିନ୍ନ ଗଣମାଧ୍ୟମରେ ଘୁରି ବୁଲୁଥିଲା ବେଳେ ଏହାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ ଏକ ମାମଲାରେ ମହିଳା ବିଚାରପତି ମେରୀ ଦଣ୍ଡାଦେଶ ଶୁଣାଉଥିବା ବେଳେ ଏହି ସମୟରେ ଜଣେ ଅଭିଯୁକ୍ତ ଅଚାନକ ଟେବୁଲ ଉପରକୁ ଡେଇଁ ହମଲା କରିଥିଲେ । ୩୦ବର୍ଷ ପୁରୁଣା ମାମଲାର ଶୁଣାଣି ପାଇଁ ଅଭିଯୁକ୍ତ ଡିୟୋବ୍ରା ଡେଲୋନ ରେଡ୍ଡିନଙ୍କୁ ଅଦାଲତରେ ହାଜର କରାଯାଇଥିଲା । କିନ୍ତୁ ଦଣ୍ଡ ଶୁଣାଣି ବେଳେ ସେ ମେରୀଙ୍କୁ ଆକ୍ରମଣ କରିଥିଲେ। ଏହାକୁ ଦେଖି କୋର୍ଟରେ ଉପସ୍ଥିତ ଲୋକ ତଟସ୍ଥ ହୋଇଯାଇଥିଲେ। ତେବେ ପୁଲିସ ତୁରନ୍ତ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲା। ଏହି ଭିଡିଓ ସିସିଟିଭିରେ କଏଦ ହୋଇଛି । ଯାହା ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

● 'ଇଣ୍ଡିଆ' ମେଣ୍ଟରେ ବଢୁଛି ବିବାଦ

ଆସନ ବଣ୍ଟାକୁ ନେଇ କଂଗ୍ରେସ-ଟିଏମ୍‌ସି ମୁହାଁମୁହିଁ

ନୂଆଦିଲ୍ଲୀ,୪।୧(ଏଜେନ୍ସି)

୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଇଣ୍ଡିଆ ମେଣ୍ଟ ଯେଉଁ ଆଭିମୁଖ୍ୟ ଗ୍ରହଣ କରିଥିଲା ତାହା ସଫଳ ହେବା ଦିଗରେ ସନ୍ଦେହ ଉପୁଜିଛି। ଦିନକୁ ଦିନ ମେଣ୍ଟ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦ ତେଜିବାରେ ଲାଗିଥିଲା ବେଳେ ଆସନ ବୁଝାମଣା ଏବେ ସବୁଠୁ ବଡ଼ ପ୍ରସଙ୍ଗ ହୋଇଛି। ଏହି ପ୍ରସଙ୍ଗରେ ପୂର୍ବରୁ କଂଗ୍ରେସ ସହ ଆମ ଆଦମୀ ପାର୍ଟି ଏବଂ ସମାଜବାଦୀ ପାର୍ଟି ମଧ୍ୟରେ ତୀବ୍ର ମତଭେଦ ଦେଖାଯାଇଥିଲା। ଏବେ ଆସନବଣ୍ଟାକୁ ନେଇ ପୁଣିଥରେ କଂଗ୍ରେସ ଏବଂ ମମତାଙ୍କ ଟିଏମସି ମୁହାଁମୁହିଁ ହୋଇଛନ୍ତି। ପଶ୍ଚିମବଙ୍ଗରେ କଂଗ୍ରେସକୁ ମାତ୍ର ୨ଟି ଆସନ ଦେବାକୁ ମମତା ଘୋଷଣା କରିବା ପରେ ଟିଏମ୍‌ସି ଉପରେ ବର୍ଷିଛି କଂଗ୍ରେସ।ଗତକାଲି ଟିଏମସି ପଶ୍ଚିମବଙ୍ଗରେ କଂଗ୍ରେସକୁ କେବଳ ଦୁଇଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଦେବ ବୋଲି ସୂଚନା ଦେଇଥିଲା। ଏହି ଖବର ସାମ୍ନାକୁ ଆସିବା ପରେ ଗୁରୁବାର ପଶ୍ଚିମବଙ୍ଗ କଂଗ୍ରେସ ଅଧ୍ୟକ୍ଷ ତଥା ସାଂସଦ ଅଧୀର ରଞ୍ଜନ ଚୌଧୁରୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ୍ କରି ବର୍ଷିଛନ୍ତି। ସେ କହିଛନ୍ତି, 'ଆମେ ମମତାଙ୍କୁ ଭିକ ମାଗୁନୁ। ଆମକୁ ତାଙ୍କ ଦୟାର ଆବଶ୍ୟକତା ନାହିଁ। ଆମେ ଏକୁଟିଆ ଲଢି ଅଧିକ ଆସନରେ ବିଜୟୀ ହୋଇପାରିବୁ। ମମତା ନିଜେ ମେଣ୍ଟ ଚାହୁଁଥିବା କଥା କହିଛନ୍ତି। କିନ୍ତୁ ପ୍ରକୃତରେ ସେ ମେଣ୍ଟ ଚାହୁଁନାହାନ୍ତି। କଂଗ୍ରେସକୁ ଦୁଇଟି ଆସନ ଦେଇ ଟିଏମସି ଅଧିକ କ'ଣ କରିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ପଶ୍ଚିମବଙ୍ଗରେ ଦଳର ଦୁଇ ଜଣ ସାଂସଦ ରହିଛନ୍ତି। ଏହାମଧ୍ୟ ଟିଏମସି ଏବଂ ବିଜେପି ବିରୋଧରେ ଜିତି ହାସଲ କରାଯାଇଛି। ତେଣୁ ଏବେ ଦୁଇଟି ଆସନରେ କଂଗ୍ରେସ କାହିଁକି ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ଅଧୀର ରଞ୍ଜନ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଅଧୀରଙ୍କ ଏହି ମନ୍ତବ୍ୟକୁ ନେଇ ଟିଏମସି ମଧ୍ୟ କଂଗ୍ରେସ ଉପରେ ବର୍ଷିଛି। ଟିଏମସି ନେତା କୁନାଲ ଘୋଷ କହିଛନ୍ତି ଯେ, ୨୦୧୯ ଲୋକସଭା ନିର୍ବାଚନରେ ଟିଏମସି ୪୩ ପ୍ରତିଶତ ଭୋଟ ପାଇଥିଲା ଓ ୨୨ଟି ଆସନରେ ବିଜୟୀ ହୋଇଥିଲା। ଏଭଳି ସ୍ଥିତିରେ ପଶ୍ଚିମବଙ୍ଗର ପ୍ରମୁଖ ଦଳ ଭାବେ ଟିଏମସି ହିଁ ଆସନବଣ୍ଟନକୁ ନେଇ ଚୂଡାନ୍ତ ନିଷ୍ପତ୍ତି ନେବା ଦରକାର। ୨୦୨୧ ନିର୍ବାଚନରେ ଟିଏମସି ଏକାକୀ ଲଢିଥିଲା। କିନ୍ତୁ ସେତେବେଳେ ଅଧୀର ରଞ୍ଜନ ସିପିଏମ୍ ସହ ମିଳିତ ଭାବେ ଲଢି କିଛି ବି ପାଇ ନଥିଲେ। ତେଣୁ ସେ ଏତେ ବଡ଼ କଥା କହିବା ଅନାବଶ୍ୟକ। ରାଜ୍ୟରେ ବିଜେପି ବିରୋଧରେ ଲଢେଇ କରିବାକୁ ଟିଏମସି ପାଇଁ କାହାର ସହାୟତା ଦରକାର ନାହିଁ । କିନ୍ତୁ ଇଣ୍ଡିଆ ମେଣ୍ଟ ପରିପ୍ରେକ୍ଷୀରେ ମମତା ଯେଭଳି ସହଯୋଗ କରୁଛନ୍ତି ତାହାହିଁ ଯଥେଷ୍ଟ। କିନ୍ତୁ କଂଗ୍ରେସ ଦୁଇପଟରୁ ଖେଳ କରୁଛି ବୋଲି କୁନାଲ କହିଛନ୍ତି। ଏପରିକି ଅଧୀରଞ୍ଜନ ଜଣେ ବିଜେପି ପ୍ରବକ୍ତା ଭାବେ ଆଚରଣ ଦେଖାଉଛନ୍ତି ବୋଲି କୁନାଲ କହିଛନ୍ତି।

● ବିରୋଧୀଙ୍କୁ ବାବା ରାମଦେବଙ୍କ ପରାମର୍ଶ

'ଅସ୍ତିତ୍ୱ ବଞ୍ଚାଇବାକୁ ଚାହୁଁଥିଲେ ରାମଙ୍କ ପ୍ରତି ଭୁଲ୍ ଟିପ୍ପଣୀ ଦିଅନି'

ଲକ୍ଷ୍ନୌ,୪।୧(ଏଜେନ୍ସି)



ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଏହି ଭବ୍ୟ ଉତ୍ସବ ପାଇଁ ଅତିଥି ନିମନ୍ତ୍ରଣକୁ ନେଇ ରାଜନୀତି ଜୋର ଧରିଛି। ଏହାବ୍ୟତୀତ ପ୍ରଭୁ ରାମଙ୍କ ନେଇ ମଧ୍ୟ ରାଜନୀତିକ ସ୍ତରରେ ଟିକା ଟିପ୍ପଣୀ ଦିଆଯାଉଛି। ଲୋକସଭା ନିର୍ବାଚନର ଠିକ ପୂର୍ବରୁ ମନ୍ଦିର ପ୍ରତିଷ୍ଠା କରି ବିଜେପି ରାଜନୀତି କରୁଥିବା ଅଭିଯୋଗ କରି ବହୁ ବିରୋଧୀ ଦଳ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ଏଭଳି ସ୍ଥିତିରେ ଯୋଗଗୁରୁ ବାବା ରାମଦେବ ବିରୋଧୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ , ଯଦି କେହି ନିଜର ଅସ୍ତିତ୍ୱ ରକ୍ଷା କରିବାକୁ ଚାହୁଁ ଥାଆନ୍ତି ତେବେ ପ୍ରଭୁ ରାମଙ୍କ ପ୍ରତି କୌଣସି ଭୁଲ ଟିକା ଟିପ୍ପଣୀ ଦିଅନ୍ତୁ ନାହିଁ। ପ୍ରଭୁ ଶ୍ରୀରାମ ପକ୍ଷ ଏବଂ ବିପକ୍ଷ ମଧ୍ୟରେ ନିରପେକ୍ଷ। ସେ ସମସ୍ତଙ୍କର। ଯେଉଁମାନେ ନିମନ୍ତ୍ରଣ ପାଇଛନ୍ତି ସେମାନେ ମଧ୍ୟ ରାମ ମନ୍ଦିରର ଉଦଘାଟନକୁ ଯିବା ଉଚିତ୍ ଏବଂ ଯେଉଁମାନେ ନିମନ୍ତ୍ରଣ ପାଇ ନାହାଁନ୍ତି ସେମାନେ ମଧ୍ୟ ଆସିବା ଉଚିତ୍। ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ଚାହୁଁଥିବା ରାଜନୈତିକ ଦଳ ଶ୍ରୀରାମଙ୍କ ବିଷୟରେ କୌଣସି ଭୁଲ ବିବୃତି ଦେବା ଉଚିତ୍ ନୁହେଁ, ନଚେତ୍ ସେମାନଙ୍କର ଅସ୍ତିତ୍ୱ ଶେଷ ହୋଇଯିବ ବୋଲି ରାମଦେବ କହିଛନ୍ତି।

ଶ୍ରୀରାମଙ୍କୁ ମାଂସାହାରୀ କହି କ୍ଷମାମାଗିଲେ ଏନ୍‌ସିପି ନେତା

ମୁମ୍ବାଇ,୪।୧(ଏଜେନ୍ସି): ପ୍ରଭୁ ରାମଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇ ଫସିଛନ୍ତି ଏନସିପିର ବରିଷ୍ଠ ନେତା ଜିତେନ୍ଦ୍ର ଆହ୍ୱାଦ୍। ପ୍ରଭୁ ରାମଙ୍କୁ ସେ ମାଂସାହାରୀ ବୋଲି କହିବା ପରେ ଏହାକୁ ନେଇ ବିବାଦ ତେଜିବାରୁ ଏଥିପାଇଁ ସେ କ୍ଷମା ମାଗିବା ସହିତ ନିଜ ବୟାନ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଯଦି ତାଙ୍କ ମନ୍ତବ୍ୟ କାହାକୁ ଆଘାତ ଦେଇଛି ତେବେ ସେ ଦୁଃଖିତ, ସେ ଏପରି ଚାହୁଁନଥିଲେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତକାଲି ସିରିଡ଼ିଠାରେ ଏକ କାର୍ଯ୍ୟକ୍ରମରେ ଭଗବାନ ରାମ ମାଂସାହାରୀ ଥିଲେ ବୋଲି ଜିତେନ୍ଦ୍ର କହିଥିଲେ। କିଛି ଲୋକ ପ୍ରଭୁ ରାମଙ୍କ ଉଦାହରଣ ଦେଇ ସମସ୍ତଙ୍କୁ ଶାକାହାରୀ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ପ୍ରଭୁ ରାମ ଶାକାହାରୀ ନଥିଲେ, ସେ ଜଣେ ମାଂସାହାରୀ ଥିଲେ। ପ୍ରଭୁ ରାମ ବହୁଜନ ସମାଜରୁ ଆସିଥିଲା ବେଳେ ସେ ପଶୁ ଶିକାର କରୁଥିଲେ ଏବଂ ଖାଉଥିଲେ। ଜଣେ ବ୍ୟକ୍ତି, ଯିଏ ୧୪ ବର୍ଷ ଧରି ଜଙ୍ଗଲରେ ରହିଥିଲା ବେଳେ କିଭଳି ଶୁଦ୍ଧ ନିରାମିଶ ଆହାର ପାଇବେ ବୋଲି ଜିତେନ୍ଦ୍ର ପ୍ରଶ୍ନ କରିଥିଲେ। ଏନେଇ କାନପୁର ଆଇଆଇଟି ଦ୍ୱାରା ବାଲ୍ମିକୀ ରାମାୟଣକୁ ନେଇ ହୋଇଥିବା ଗବେଷଣା ସମ୍ପର୍କରେ ମଧ୍ୟ ସେ କହିଥିଲେ। ତେବେ ଜିତେନ୍ଦ୍ରଙ୍କ ଏହି ବୟାନକୁ ନେଇ ବିଭିନ୍ନ ମହଲରେ ବିବାଦ ତେଜିଥିଲା। ବିଭିନ୍ନ ସଂଗଠନର କର୍ମୀଙ୍କ ସମେତ ବିଜେପି ଏବଂ ଏନସିପି ଅଜିତ ପାୱାରଙ୍କ ଗୋଷ୍ଠୀ ଜିତେନ୍ଦ୍ରଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ କରିଥିଲେ। ତାଙ୍କ ବିରୋଧରେ ଥାନାରେ ଦ୍ୱାରସ୍ଥ ହେବା ନେଇ ମଧ୍ୟ ଚେତାବନୀ ଦେଇଥିଲେ। ବିଭିନ୍ନ ମହଲରୁ ତୀବ୍ର ବିରୋଧର ଶିକାର ହେବା ପରେ ଗୁରୁବାର ଜିତେନ୍ଦ୍ର ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗିଛନ୍ତି।

ଲାଗୁହେବ ଭାରତୀୟ ନ୍ୟାୟ ସଂହିତା

୮୨ ହଜାର କଏଦୀଙ୍କୁ ମିଳିପାରେ ମୁକ୍ତି

ନୂଆଦିଲ୍ଲୀ,୪।୧(ଏଜେନ୍ସି)

ନିକଟରେ ସଂସଦର ଶୀତ ଅଧିବେଶନରେ କେନ୍ଦ୍ର ସରକାର ତିନି ନୂଆ ଅପରାଧିକ ଆଇନ ବିଲ୍‌କୁ ମଞ୍ଜୁରୀ ଦେବା ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ଏବେ ଏହିସବୁ ବିଲ୍ ଆଇନରେ ପରିଣତ ହୋଇଥିବା ବେଳେ ସେଥିମଧ୍ୟରୁ ବ୍ରିଟିଶ ଅମଳରୁ ପ୍ରଚଳିତ ଭାରତୀୟ ଦଣ୍ଡବିଧାନ ଆଇନ(ଆଇପିସି) ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା ବା ବିଏନସ ଲାଗୁ ହେବାକୁ ଯାଉଛି। ଗଣତନ୍ତ୍ର ଦିବସ ପୂର୍ବରୁ ଏହାକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ତେବେ ଏହି ନୂତନ ଆଇନ ଲାଗୁ ହେଲେ ଦେଶର ବିଭିନ୍ନ ଜେଲରେ ରହିଥିବା ପ୍ରାୟ ୮୨ହଜାର କଏଦୀଙ୍କ ପାଇଁ ମୁକ୍ତିର ଦ୍ୱାର ଖୋଲିଯିବ ବୋଲି ସମ୍ଭାବନା ବଢିଛି। ଯେଉଁମାନେ କୌଣସି ଗୁରୁତର ଅପରାଧରେ ସଜା ଭୋଗୁ ନଥିବେ ସେମାନେ ମୁକ୍ତ ହେବା ନେଇ ସୂଚନା ମିଳିଛି । ହୋଲି ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହେବାକୁ ରହିଛି। ଏ ସମ୍ପର୍କରେ ଗୃହ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ , ଅଣ୍ଡର କଏଦୀଙ୍କୁ ମୁକ୍ତ କରିବା ପାଇଁ ପ୍ରଶିକ୍ଷକମାନେ ଜେଲ ଅଧିକାରୀ,ପୁଲିସ ଏବଂ ଆଇନଜୀବୀଙ୍କୁ ପ୍ରଶିକ୍ଷଣ ଦେବେ । ଏବେ ସୁଦ୍ଧା ୩ହଜାର ପ୍ରଶିକ୍ଷକଙ୍କୁ ତାଲିମ ଦିଆଯାଇସାରିଥିଲା ବେଳେ ବର୍ତ୍ତମାନ ସେମାନେ ନୂତନ ନିୟମ ଅନୁଯାୟୀ ଅନ୍ୟମାନଙ୍କୁ ତାଲିମ ଦେବେ। ଯେଉଁ କଏଦୀଙ୍କ ପାଖରେ ଜାମିନ ଆବେଦନ ପାଇଁ ଅର୍ଥ ନଥିବ ସେମାନଙ୍କ ପାଇଁ ସରକାର ଏକ ସ୍ୱତନ୍ତ୍ର ପାଣ୍ଠି ପାଇଁ ବ୍ୟବସ୍ଥା କରିଛନ୍ତି। କେନ

DSPL-506

ଆମ ଓଡ଼ିଶା ନବୀନ ଓଡ଼ିଶା

ବି.ଏସ୍.କେ.ୱାଇ ନବୀନ କାର୍ଡ଼

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

"ପ୍ରତିଟି ଜୀବନ ମୂଲ୍ୟବାନ"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବର୍ତ୍ତମାନ ସୁଦ୍ଧା ବି.ଏସ୍.କେ.ୱାଇ କାର୍ଡ଼ ଅନ୍ତର୍ଭୁକ୍ତ ପରିବାରମାନଙ୍କ ପାଇଁ

- ବର୍ତ୍ତମାନ ସୁଦ୍ଧା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ୍.କେ.ୱାଇ) ଓ ରେସନ୍ କାର୍ଡ଼ ଅନ୍ତର୍ଭୁକ୍ତ ପରିବାରମାନଙ୍କ ନିମନ୍ତେ କାର୍ଡ଼ ପାଇବା ପାଇଁ ଥିବା ଯୋଗ୍ୟତା ଏବଂ ମିଳୁଥିବା ଚିକିତ୍ସା ସହାୟତା ଆଦି ସର୍ତ୍ତରେ କୌଣସି ପରିବର୍ତ୍ତନ ହେବ ନାହିଁ । ସେମାନେ ବି.ଏସ୍.କେ.ୱାଇ ନବୀନ କାର୍ଡ଼ ନିମନ୍ତେ ଆବେଦନ କରିବା ଆବଶ୍ୟକ ନାହିଁ ।
- ଜାତୀୟ ଖାଦ୍ୟ ନିରାପତ୍ତା ବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ନୂଆ ଭାବେ ଅନ୍ତର୍ଭୁକ୍ତ ହେଉଥିବା ହିତାଧିକାରୀମାନେ ବର୍ତ୍ତମାନ ଚାଲୁ ରହିଥିବା ବି.ଏସ୍.କେ.ୱାଇରେ ସ୍ୱତଃ ଅନ୍ତର୍ଭୁକ୍ତ ହେବେ ।
- ବି.ଏସ୍.କେ.ୱାଇ ହିତାଧିକାରୀମାନେ ପୂର୍ବପରି ଘରୋଇ ହସ୍ପିଟାଲ ମାନଙ୍କରେ ସବୁ ପ୍ରକାର ରୋଗର ଦେୟମୁକ୍ତ ଚିକିତ୍ସା ପାଇପାରିବେ ।

ବି.ଏସ୍.କେ.ୱାଇ ନବୀନ କାର୍ଡ଼ର ପ୍ରାବଧାନ

- ବର୍ତ୍ତମାନ ବି.ଏସ୍.କେ.ୱାଇ ଅନ୍ତର୍ଭୁକ୍ତ ହୋଇନଥିବା ସବୁ ଗ୍ରାମୀଣ ପରିବାର (ନିୟମିତ ସରକାରୀ କର୍ମଚାରୀ, ପେନ୍‌ସନ୍ ଧାରୀ ଏବଂ ଆୟକର ଦାତାଙ୍କ ବ୍ୟତୀତ) ବି.ଏସ୍.କେ.ୱାଇ ନବୀନ କାର୍ଡ଼ ପାଇଁ ଯୋଗ୍ୟ ବିବେଚିତ ହେବେ ।
- ବି.ଏସ୍.କେ.ୱାଇ ନବୀନ କାର୍ଡ଼ ହିତାଧିକାରୀମାନେ ତାଲିକାଭୁକ୍ତ ଘରୋଇ ହସ୍ପିଟାଲମାନଙ୍କରେ ନିର୍ଦ୍ଧାରିତ ଗୁରୁତର (କ୍ରିଟିକାଲ) ରୋଗ ଗୁଡ଼ିକର ଦେୟମୁକ୍ତ ଚିକିତ୍ସା ପାଇବେ । ହୃଦ୍ ରୋଗ, କିଡ୍‌ନୀ ରୋଗ, ଲିଭର ରୋଗ, ବ୍ରେନ୍ ଷ୍ଟ୍ରୋକ୍, ଗମ୍ଭୀର ମସ୍ତିଷ୍କ କ୍ଷତ, ବ୍ରେନ୍ ଟ୍ୟୁମର, ପୋଡ଼ାଜଳା ଆହତ, ସ୍ନାୟୁ, ମାଂସପେଶୀ ଏବଂ କ୍ୟାନ୍‌ସର ରୋଗ ଆଦିକୁ ଗୁରୁତର (କ୍ରିଟିକାଲ) ରୋଗ ଅନ୍ତର୍ଭୁକ୍ତ କରାଯାଇଛି । ବି.ଏସ୍.କେ.ୱାଇ ନବୀନ କାର୍ଡ଼ ଧାରୀ ବ୍ୟକ୍ତିମାନେ ଓଡ଼ିଶା ଏବଂ ଓଡ଼ିଶା ବାହାର ଅନ୍ତର୍ଭୁକ୍ତ ହସ୍ପିଟାଲରେ ଏହିସବୁ ରୋଗର ଦେୟମୁକ୍ତ ଚିକିତ୍ସା ପାଇବେ ।
- ବି.ଏସ୍.କେ.ୱାଇ ନବୀନ କାର୍ଡ଼ରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ପ୍ରାବଧାନ କରାଯାଇଛି ।
- ବି.ଏସ୍.କେ.ୱାଇ ନବୀନ କାର୍ଡ଼ ମାଧ୍ୟମରେ ଏହି ସୁବିଧା ୨୦୨୪ ମସିହା ମେ ମାସ ୧ ତାରିଖ ଠାରୁ ପ୍ରାପ୍ତ ହେବ ।

ବି.ଏସ୍.କେ.ୱାଇ ନବୀନ କାର୍ଡ଼ରେ ପଞ୍ଜୀକରଣ ପାଇଁ ଯୋଗ୍ୟତା ଓ ପ୍ରକ୍ରିୟା

ଏହି କାର୍ଡ଼ ନିମନ୍ତେ ପଞ୍ଜୀକରଣ ପାଇଁ ଏକ ପରିବାରର ସମସ୍ତ ସଦସ୍ୟ ନିମ୍ନ ସର୍ତ୍ତାବଳୀ ପୂରଣ କରୁଥିବା ଆବଶ୍ୟକ:

- ସେମାନେ ସମସ୍ତେ ଓଡ଼ିଶାର ଗ୍ରାମାଞ୍ଚଳରେ ବସବାସ କରୁଥିବେ ।
- କୌଣସି ସଦସ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ଆୟକର ଦାତା ହୋଇନଥିବେ ।
- କୌଣସି ସଦସ୍ୟ ନିୟମିତ ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ୍ ଭୋଗୀ ହୋଇନଥିବେ ।
- କୌଣସି ସଦସ୍ୟ ବର୍ତ୍ତମାନ ଚାଲୁଥିବା ବି.ଏସ୍.କେ.ୱାଇ କାର୍ଡ଼ / ରେସନ୍ କାର୍ଡ଼ ଅନ୍ତର୍ଭୁକ୍ତ ହୋଇନଥିବେ ।

ଆମ ଓଡ଼ିଶା ନବୀନ ଓଡ଼ିଶା

ବି.ଏସ୍.କେ.ୱାଇ ନବୀନ କାର୍ଡ଼

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

"ପ୍ରତିଟି ଜୀବନ ମୂଲ୍ୟବାନ"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପଞ୍ଜୀକରଣ ପାଇଁ ଆବଶ୍ୟକୀୟ କାଗଜପତ୍ର

- ପରିବାରର ମୁଖ୍ୟଙ୍କ ନାମରେ ପଞ୍ଜୀକରଣ ହେବା ଆବଶ୍ୟକ ।
- ଗୋଟିଏ ପରିବାରର ୧୮ ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ସଦସ୍ୟ ବି.ଏସ୍.କେ.ୱାଇ ନବୀନ କାର୍ଡ଼ ନିମନ୍ତେ ପରିବାର ପକ୍ଷରୁ ଆବେଦନ କରିପାରିବେ ।
- ଦରଖାସ୍ତକାରୀଙ୍କର ସକ୍ରିୟ ମୋବାଇଲ ନମ୍ବର ସଂଯୁକ୍ତ ବିଧିସିଦ୍ଧ ଆଧାର କାର୍ଡ଼ ଥିବା ଆବଶ୍ୟକ ।
- ଦରଖାସ୍ତକାରୀଙ୍କ ପାଇଁ ଆଧାର ଭିତ୍ତିକ ଇ - କେ.ୱାଇ.ସି ବାଧ୍ୟତାମୂଳକ ।
- ୧୮ ବର୍ଷରୁ ଉର୍ଦ୍ଧ୍ୱ ସବୁ ସଦସ୍ୟମାନଙ୍କର ଭୋଟ ପରିଚୟ ପତ୍ର ଥିବା ଆବଶ୍ୟକ ।
- ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ନିମନ୍ତେ ପରିବାର ମୁଖ୍ୟଙ୍କର ବିଧିସିଦ୍ଧ ସକ୍ରିୟ ମୋବାଇଲ ନମ୍ବର ଥିବା ଆବଶ୍ୟକ ।
- ଦରଖାସ୍ତକାରୀ ଏବଂ ପରିବାର ମୁଖ୍ୟଙ୍କର ସଦ୍ୟତମ ଫଟୋ ।
- ୫ ବର୍ଷରୁ କମ୍ ପିଲାଙ୍କ ସମେତ ସବୁ ସଦସ୍ୟମାନଙ୍କର ଆଧାର କାର୍ଡ଼ ।
- ଯଦି ୫ ବର୍ଷରୁ କମ୍ କୌଣସି ପିଲାଙ୍କର ଆଧାର ନମ୍ବର ନଥାଏ ତେବେ ତା ୩୦.୬.୨୦୨୪ ରିଖ ସୁଦ୍ଧା ସମ୍ପୃକ୍ତ ପିଲାଙ୍କର ଆଧାର ନମ୍ବର ଦାଖଲ ନିମନ୍ତେ ପ୍ରତିଜ୍ଞା ପତ୍ର (ଅଣ୍ଡରଟେକିଂ) ଦିଆଯିବା ଆବଶ୍ୟକ ।

ବି.ଏସ୍.କେ.ୱାଇ ନବୀନ କାର୍ଡ଼ ପାଇଁ କେମିତି ଆବେଦନ କରିବେ

ନବୀନ କାର୍ଡ଼ ପାଇଁ ଉପରୋକ୍ତ ସର୍ତ୍ତାବଳୀ ପୂରଣ କରୁଥିବା ଯୋଗ୍ୟ ପରିବାର ୨ ଟି ଉପାୟରେ ଆବେଦନ କରିପାରିବେ

ସ୍ୱ-ପଞ୍ଜୀକରଣ: ଦରଖାସ୍ତକାରୀ *www.bskynabin.odisha.gov.in* ସାଇଟ୍ କୁ ଯାଇ ନିଜେ ପଞ୍ଜୀକରଣ କରିପାରିବେ । ଆବଶ୍ୟକ ହେଲେ ଦରଖାସ୍ତକାରୀ ସହାୟତା କେନ୍ଦ୍ର (ହେଲ୍ପ-ଡେସ୍କ) ର ବୈଷୟିକ ସହାୟତା ନେଇପାରିବେ ।

ମୋ ସେବାକେନ୍ଦ୍ରରେ ପଞ୍ଜୀକରଣ: ଦରଖାସ୍ତକାରୀ ମଧ୍ୟ ନିକଟବର୍ତ୍ତୀ ମୋ ସେବାକେନ୍ଦ୍ରରେ ବିନା ଦେୟରେ ପଞ୍ଜୀକରଣ କରିପାରିବେ ।

ସମସ୍ତ ଦରଖାସ୍ତ କେବଳ ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ ହେବ । କୌଣସି ଅଫ୍‌ଲାଇନ୍ ବ୍ୟବସ୍ଥା ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

କେବେ ଆବେଦନ କରିବେ

ଆବେଦନ ପାଇଁ *www.bskynabin.odisha.gov.in* ପୋର୍ଟାଲ ତା ୬/୧/୨୦୨୪ ରିଖ ଦିନ ଖୋଲିବ ଏବଂ ତା ୧୬/୧/୨୦୨୪ ରିଖ ଦିନ ବନ୍ଦ ହେବ । ଏହି ସମୟ ମଧ୍ୟରେ ଅନ୍‌ଲାଇନ୍ ମାଧ୍ୟମରେ ଦରଖାସ୍ତ ଦାଖଲ ହେବା ଆବଶ୍ୟକ ।

ସମୟ ଉପଯୋଗୀ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଲକ୍ଷ୍ୟରେ ସରକାରୀ ଓ ବେସରକାରୀ ହସ୍ପିଟାଲମାନଙ୍କରେ ଉପଲବ୍ଧ ସୁବିଧାର ସର୍ବାଧିକ ଉପଯୋଗ ସହ ପର୍ଯ୍ୟାୟକ୍ରମେ ବି.ଏସ୍.କେ.ୱାଇ ପରିସରକୁ ସମ୍ପ୍ରସାରିତ କରାଯାଉଛି ।

ଓଡ଼ିଶାର ଜନସାଧାରଣଙ୍କ ପାଇଁ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ସ୍ୱପ୍ନ । ଏଥି ନିମନ୍ତେ ପରବର୍ତ୍ତୀ ସମ୍ପ୍ରସାରଣ ପର୍ଯ୍ୟାୟରେ ସହରାଞ୍ଚଳରେ ବାସ କରୁଥିବା ପରିବାର, ସରକାରୀ କର୍ମଚାରୀ, ପେନ୍‌ସନ୍ ଭୋଗୀ ଏବଂ ଅନ୍ୟାନ୍ୟ ସହାୟତା-ଯୋଗ୍ୟ ବର୍ଗମାନଙ୍କୁ ସାମିଲ କରାଯିବା ପ୍ରସ୍ତାବ ଉପରେ ନୀତିଗତ ନିଷ୍ପତ୍ତି ନିଆଯାଇଛି ।

ହେଲ୍ପ-ଡେସ୍କ ସହାୟତା

ଦରଖାସ୍ତ ପଞ୍ଜୀକରଣ ପ୍ରକ୍ରିୟା ସମ୍ବନ୍ଧିତ କୌଣସି ସହାୟତା, ଆପତ୍ତି ଓ ଅଭିଯୋଗ ଆଦି ନିମନ୍ତେ ଦରଖାସ୍ତକାରୀ
ବି.ଏସ୍.କେ.ୱାଇ କାର୍ଡ଼ ସହାୟତା ନମ୍ବର - ୧୫୫୩୭୯ କୁ
ଫୋନ୍ ମାଧ୍ୟମରେ ଯୋଗାଯୋଗ କରିପାରିବେ ।

OIPR-10001/13/0141/2324

ଭିଜିଲାନ୍ସ ଜାଲରେ ବନରକ୍ଷୀ

ଭୁବନେଶ୍ୱର, ୪।୧(ସମିସ): ଭିଜିଲାନ୍ସ ଜାଲରେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥପୁର ବିଟ୍ ବନରକ୍ଷୀ ବିନାୟକ ଚନ୍ଦ୍ର ସୋରି। ନିଜ ବାଇକ୍‌ରେ ସେ ୧ଲକ୍ଷ ୫୩ ହଜାର ଟଙ୍କା ନେଇ ଯାଉଥିବା ବେଳେ ନବରଙ୍ଗପୁର ଭିଜିଲାନ୍ସ ତାଙ୍କୁ ଧରିଛି। ଖାତିଗୁଡ଼ା ନିକଟ ଇନ୍ଦ୍ରାବତୀ ପୋଲ ନିକଟରେ ଭିଜିଲାନ୍ସର ଏକ ଟିମ୍ ତାଙ୍କୁ ଅଟକାଇ ଯାଞ୍ଚ କରିବାରୁ ତାଙ୍କ ପାଖରୁ ଟଙ୍କା ଭର୍ତ୍ତି ଏକ ବ୍ୟାଗ୍ ମିଳିଥିଲା। ଏତେଗୁଡ଼ିଏ ଟଙ୍କା କେଉଁଠୁ ଆସିଲା ଓ କିଏ ଦେଇଛି ବୋଲି ତାଙ୍କୁ ପଚରାଯିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ତେଣୁ ତାଙ୍କୁ ନବରଙ୍ଗପୁର ଭିଜିଲାନ୍ସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରାଯାଇଥିଲା। ଅନ୍ୟପଟେ, ନବରଙ୍ଗପୁର ସହରସ୍ଥିତ ରାଜୁ ସାହିରେ ଥିବା ତାଙ୍କ ଭଡ଼ା ଘରେ ମଧ୍ୟ ଚଢ଼ଉ ଜାରି ରହିଛି। ବଡ଼ କଥା ହେଲା, ବନରକ୍ଷୀଙ୍କ ଆୟବହିର୍ଭୂତ ସମ୍ପତ୍ତି ଥିବା ସନ୍ଦେହ କରି ଭିଜିଲାନ୍ସ ଚଢ଼ଉ ଜାରି ରଖିଛି। ଜବତ ହୋଇଥିବା ଟଙ୍କା ସେ ଶିକାରୀ ଏବଂ କାଠ ମାଫିଆଙ୍କଠାରୁ ଆଣିଥିବା ଭିଜିଲାନ୍ସ ସନ୍ଦେହ କରୁଛି।

କେନ୍ଦୁଝର ବିଜେଡିର ଦୁଇ ନେତା ନିଲମ୍ବିତ

ଭୁବନେଶ୍ୱର, ୪।୧(ସମିସ): ଦଳବିରୋଧୀ କାର୍ଯ୍ୟ ପାଇଁ କେନ୍ଦୁଝର ଜିଲ୍ଲା ବିଜୁ ଯୁବ ଜନତା ଦଳର ଉପସଭାପତି କରୁଣା ସାଗର ଖଟୁଆ (ଦିପୁ) ଏବଂ ଘଟଗାଁର ସଞ୍ଜୟ ମିଶ୍ର (ମୁନା)ଙ୍କୁ ନିଲମ୍ବନ କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସ୍ୱାକ୍ଷର ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

ଯୋଗଦେବେ...

କୌଣସି ଅସୁବିଧା ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଯଜ୍ଞ ସହିତ ଶ୍ରୀମନ୍ଦିର ଚାରିଦ୍ୱାରରେ ଚାରିବେଦ ପାଠ ଏବଂ ନାମ ସଙ୍କୀର୍ତ୍ତନ କରାଯିବ। ଯଜ୍ଞରେ କର୍ତ୍ତା ସାଜିବେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ପୂର୍ଣ୍ଣାହୁତି ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ନେପାଳ ରାଜା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୭ ତାରିଖ ପୂର୍ଣ୍ଣାହୁତି ପରେ ୧୮ ତାରିଖରୁ ଜାନୁୟାରୀ ମାସ ତମାମ ରାଜ୍ୟର ଅବଶିଷ୍ଟ ଛୋଟ ବଡ଼ ମନ୍ଦିର ତଥା ବିଭିନ୍ନ ଜିଲ୍ଲାର ଶ୍ରଦ୍ଧାଳୁ ଆସି ଯାତ୍ରୀ ପରିକ୍ରମାପ୍ରକଳ୍ପ ବୁଲି ଦେଖିବେ। ୧୭ ତାରିଖ ଲୋକାର୍ପଣ ଉତ୍ସବ ଦିନ ରାଜ୍ୟରେ ପ୍ରତ୍ୟେକ ପଞ୍ଚାୟତରେ ଲୋକେ ଦେଖିପାରିବାର ବ୍ୟବସ୍ଥା ହେବ।ଏଥିସହ ପ୍ରତ୍ୟେକ ଘରୁ ଗୁଆ, ଅରୁଆ ଚାଉଳ ସଂଗ୍ରହ ପାଇଁ ନିବେଦନ କରାଯାଇଛି।ଯଜ୍ଞ ପାଇଁ ୧୦୮ ଜଣ ଶ୍ରୋତ୍ରୀୟ ବ୍ରାହ୍ମଣ ଏବଂ ସଙ୍କୀର୍ତ୍ତନ ପାଇଁ ୧୦୦ ଜଣ ଶ୍ରୋତ୍ରୀୟ ବ୍ରାହ୍ମଣ ନିୟୋଜିତ ହେବେ। ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପ୍ରସ୍ତୁତି ବର୍ତ୍ତମାନ କେଉଁ ସ୍ଥିତିରେ ରହିଛି ତାହା ଗଜପତି ମହାରାଜାଙ୍କୁ ଅବଗତ କରାଯାଇଥିଲା। ଆଗକୁ କ'ଣ କରାଯିବ ତା' ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି, ୧୨ ତାରିଖରୁ ଯଜ୍ଞ ପ୍ରକ୍ରିୟା ଆରମ୍ଭ ହେବ।୧୪, ୧୫ ଓ ୧୬ ତାରିଖରେ ଭବ୍ୟ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରାଯିବ। ୧୭ ତାରିଖରେ ଆସିବାକୁ ଥିବା ଅତିଥି କେଉଁଠି ବସିବେ, ଯଜ୍ଞ କେଉଁଠି ହେବ ଏ ସବୁ ବିଷୟ ଉପରେ ଆଲୋଚନା ହୋଇଛି। ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ଲୋକାର୍ପଣ କାର୍ଯ୍ୟକ୍ରମରେ ୬୫୦ ନିମନ୍ତ୍ରିତ ଅତିଥି ଯୋଗଦେବେ। ଯଜ୍ଞସ୍ଥଳୀରେ ସୀମିତ ନିମନ୍ତ୍ରିତ ଅତିଥି ବସିବା ପାଇଁ ବ୍ୟବସ୍ଥା କରାଯାଇଛି।

ଜୀବନ୍ତ ଜଳିଗଲେ...

ଦୁଇଟିଯାକ ଗାଡ଼ିର ଚାଳକ ଗାଡ଼ିରେ ଚାପି ହୋଇଯାଇଥିଲେ। ଦୁର୍ଭାଗ୍ୟକୁ ଉଭୟ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ଏଥିରେ ଚାଳକଦ୍ୱୟ ଜୀବନ୍ତଦଗ୍ଧ ହୋଇଯାଇଥିଲେ। ବାରମ୍ବାର ଏହି ଘାଟି ରାସ୍ତାର ସମ୍ପ୍ରସାରଣ ସହ ସୁରକ୍ଷା ପାଇଁ ଦାବି ଜୋର୍ ଧରିଥିଲେ ସୁଦ୍ଧା କେନ୍ଦ୍ର ସରକାରଙ୍କ ପକ୍ଷରୁ ସବୁଜ ସଙ୍କେତ ମିଳି ନଥିବାରୁ କୌଣସି ସମାଧାନର ବାଟ ବାହାରିପାରୁନାହିଁ। ଫଳରେ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥର ଏହି ୪୯ ନଂ. ଘାଟି ରାସ୍ତା ମୁମ୍ବଇ-କଲକାତାକୁ ସଂଯୋଗ ସହିତ ରାଜ୍ୟ ରାଜପଥ ଓ ଝାରପୋଖରିଆ-ନହପାଟଣା (ବାଲେଶ୍ୱର) ୧୮ନଂ ଜାତୀୟ ରାଜପଥ ରାସ୍ତା ସଂଯୋଗ କରୁଛି। ରାସ୍ତାରେ ଦୈନନ୍ଦିନ ଶତାଧିକ ମାଲବାହୀ ଟ୍ରକ, ବସ୍ ସମେତ ଅନ୍ୟାନ୍ୟ ଯାନବାହନ ଚଳାଚଳ କରୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିକଳ୍ପ ରାସ୍ତା (ବିଶୋଇ-ଚନ୍ଦନପୁର) ନିର୍ମାଣ ଆରମ୍ଭ ହୋଇଥିଲେ ହେଁ ଦୁର୍ଘଟଣା କମାଇବା ପାଇଁ ଯଥାଶୀଘ୍ର ଘାଟି ରାସ୍ତାକୁ ସମ୍ପ୍ରସାରଣ କରାଯିବା ସହିତ ଦ୍ରୁତଗତି ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ନିୟମ କଡ଼ାକଡ଼ି କରାଯିବାକୁ ଦାବି ହେଉଛି।

କର୍ତ୍ତବ୍ୟପଥରେ...

ହାତୀର ପ୍ରତିକୃତି ରହିବା ସହିତ ପଛଭାଗରେ ରଘୁରାଜପୁର ଗାଁରେ କିଭଳି ନାରୀଶକ୍ତି କଳା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ତାହା ସ୍ଥାନ ପାଇବ। ଅନ୍ୟପକ୍ଷରେ ପ୍ରତିରକ୍ଷା ମନ୍ତ୍ରାଳୟର ଚିଠିରେ ପ୍ରଜ୍ଞାପନ ମେଢ଼ ସଂକ୍ରାନ୍ତ ମାର୍ଗଦର୍ଶିକା ରାଜ୍ୟମାନଙ୍କ ଅବଗତି ନିମନ୍ତେ ଜାରି କରାଯାଇଛି। ଯେଉଁ ରାଜ୍ୟରୁ ପ୍ରଜ୍ଞାପନ ମେଢ଼ ଚୂଡ଼ାନ୍ତ ହୋଇଛି, ତାହା ଆସନ୍ତା ୧୯ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତି କରାଯିବାର ଆବଶ୍ୟକତା ଅଛି। ସାଧାରଣତନ୍ତ୍ର ଦିବସ ପୂର୍ବରୁ ଆସନ୍ତା ୨୩ ତାରିଖ ଦିନ ପ୍ରଜ୍ଞାପନ ମେଢ଼ଗୁଡିକର ରିହରସାଲ୍ ହେବ।

ଗାନ୍ଧୀ ଦର୍ଶନର...

ଆଲୋଚନା କରିଥିଲେ। ମହାତ୍ମା ଗାନ୍ଧୀଙ୍କ ବିଭିନ୍ନ କାର୍ଯ୍ୟଧାରା କିଭଳି ରାଜକିଶୋରଙ୍କ ଆଚରଣ ଓ କାର୍ଯ୍ୟଧାରାରେ ପ୍ରତିଫଳିତ ହୋଇଥିଲା, ତାହା ଉପରେ ସେ କହିଥିଲେ। ରାଜକିଶୋରଙ୍କ ପୁତ୍ର ରାଜ୍ୟ ଉଚ୍ଚଶିକ୍ଷା, ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ନିଜ ପିତାଙ୍କ ସ୍ମୃତିଚାରଣ କରିବା ସହ ଅତିଥିମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ, ମୁଁ ମହାତ୍ମା ଗାନ୍ଧୀଙ୍କୁ କେବେ ଦେଖିନାହିଁ। ହେଲେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ଅନେକ ଲୋକଙ୍କୁ ଦେଖିଛି, ତାଙ୍କ ମଧ୍ୟରୁ ମୋ ବାପା ରାଜକିଶୋର ନାୟକ ଅନ୍ୟତମ। ଏହି ଅବସରରେ ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନ୍ ପକ୍ଷରୁ ପ୍ରକାଶିତ 'କଥା କଥାରେ ଗାନ୍ଧୀ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଫାଉଣ୍ଡେସନ୍‌ର ସଭାପତି ବିଶିଷ୍ଟ ସାହିତ୍ୟିକ ଓ ଗାନ୍ଧିବାଦୀ ସମାଜସେବୀ ପ୍ରହ୍ଲାଦ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଫାଉଣ୍ଡେସନ୍ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ମଞ୍ଚାସୀନ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ ସଭା ସଂଯୋଜନା କରିଥିବା ବେଳେ ଫାଉଣ୍ଡେସନ୍‌ର ଟ୍ରଷ୍ଟି ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

Ph.: 9437015112

AFFIDAVIT

By virtue of an affidavit (No.A/09, dtd-21/11/2023) before the Executive Magistrate, Panposh at Rourkela. That, I **SK. Liakat Alli,** S/o- SK Ayub Alli, resident of Qr No. A/88, Sector-15, Rourkela, Dist- Sundargarh, Pin-769003, Odisha have changed my son's name from **SK Aawaish Alli to SK Awais Alli** for all future purposes.

AFFIDAVIT

By virtue of an affidavit vide no :18, Dated: 02.01.24 in the court of Executive Magistrate, Angul that I Smt. Gitanjali Sahu, W/o Bhuban Mohan Sahu of Talcher,Angul here by declaired that my actual name Gitanjali Sahu as per Aadhar & Pan Card. But my name wrongly mentioned as Geetanjali Sahu in my daughter's ICSE examination certificate. 'Gitanjali sahu' & 'Geetanjali Sahu'one and same person in this locality. Henceforth I shall be known as **Gitanjali Sahu** for all future purposes.

S/d- Gitanjali Sahu

AFFIDAVIT

By virtue of an affidavit before the Notary Public, Cuttack, Odisha, I Swgatika Beura W/o- Rakesh Swain , R/o- Barabatia, Po-Singhpur Nalakani, PS-Ersama, Dist- Jagatsinghpur, Odisha- 754141. Declare by this affidavit No. 68AA 530218 dated - 04/01/2024 that now onwards I shall be known as **Swagatika Beura** for all future purposes.

AFFIDAVIT

I, Shaikh Liakat Ali, S/o- SK Ayub Ali, resident of Qr No.A/88, Sector-15, Rourkela, Dist- Sundargarh, Pin-769003, Odisha declared by this affidavit No. 68AA 836474, dated- 30/12/2023, that now onwards I shall be known as **SK. LIAKAT ALLI** for all future purposes.

AFFIDAVIT

I, Parwez Akhtar Numan S/o-Mohammed Ziauddin, resident of AT- Behind Sentral Market, Old Station Road, Rourkela-01, PS- Plant Site, Dist- Sundargarh, Odisha declare by this affidavit No.17, dtd- 04/01/2024, that now onwards I shall be known as **PARWEZ AKHTAR** for all future purposes.

AFFIDAVIT

I, Gyan Ranjan Das, S/o-Bichitrananda Das, resident of At-Dhanuhar Belari, Marichapur, Jagatsinghpur, Dist- Jagatsinghpur, Pin- 754119, Odisha declare by this affidavit No.16, dated- 03/01/2024, that now onwards I shall be known as **GYANARANJAN DAS** for all future purposes.

GOVERNMENT OF ODISHA
OFFICE OF THE SUPERINTENDING ENGINEER,
ANANDAPUR BARRAGE DIVISION,SALAPADA.
(E-mail Id: eeabd.anandapur@gmail.com/loabp-elcwr.od@nic.in)
E-procurement Notice No. SEABD-04 of 2023-24

A-1134

E-Procurement officer	Name of the work	Bid id No	Tender cost in Lakh (Appx.)	EMD (Online)	Cost of Bid Document (Online)	Class of contractor	Period of completion	Availability of tender online for bidding		Date of opening of technical Bid (Cover-I)
								From	To	
Superintending Engineer, Anandapur Barrage Division, Salapada	Running and maintenance of Anandapur Barrage Colony, Salapada (Supply, Fitting & Fixing of M.S/G.I Door in C-Type, D-Type, E-Type & F-Type Quarters).	ABP-ABD-04 of 2023-24	8.11	Rs. 8200/-	RS. 4000/-	C&D	1 (One) calendar month	06.01.20241 1.30AM	18.01.20245 .00PM	19.01.2024 11.30AM

Further details can be seen from the Govt. website www.tendersorissa.gov.in/www.dowrodisha.gov.in
Addendum/corrigendum/cancellation if any required will be published in Govt. website only.

OIPR-32177/11/0011/2324

Superintending Engineer,
Anadapur Barrage Division, Salapada

ଉପଜିଲ୍ଲାପାଳ ତଥା କ୍ଷମତାପନ୍ନ ପଦାଧିକାରୀଙ୍କ କାର୍ଯ୍ୟାଳୟ, ଟିଟିଲାଗଡ

ସର୍ବସାଧାରଣ ନୋଟିସ୍

ପ୍ରକଳ୍ପ: ଟିଟିଲାଗଡ ବାଏ-ପାସ ରାସ୍ତା ନିର୍ମାଣ (ସତୀଘାଟରୁ ଚାରଭଟା, ଜାତୀୟ ରାଜପଥ-୫୯)

ଏତଦ୍ୱାରା ଆପଣମାନଙ୍କର ଅବଗତି ନିମନ୍ତେ ଖବରକାଗଜ ଜରିଆରେ ଜଣାଇ ଦିଆଯାଉଅଛି ଯେ ଜାତୀୟ ରାଜପଥ ଆଇନ-୧୯୫୬ର ଧାରା ୪୮ (ଉପଧାରା-୩) ଅନୁଯାୟୀ ଜାତୀୟ ରାଜପଥ-୫୯ ପାଇଁ ଭୂମି ଅଧିଗ୍ରହଣ ହୋଇଅଛି। ଜମିର କ୍ଷତିପୂରଣ ରାଶି ପାଇବା ପାଇଁ ଆପଣମାନଙ୍କୁ ଧାର୍ଯ୍ୟ ତାରିଖ ଦିନ କ୍ୟାମ୍ପ କୋର୍ଟରେ ଉପସ୍ଥିତ ହୋଇ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବା ପାଇଁ ବ୍ୟକ୍ତିଗତ ନୋଟିସ୍ ତାମିଲ କରାଯାଇଥିଲା। କିନ୍ତୁ ଧାର୍ଯ୍ୟ ତାରିଖ ଦିନ ଆପଣମାନେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିପାରିଲେ ନାହିଁ। ଯାହା ଫଳରେ ସରକାରୀ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଅଛି। ଜାତୀୟ ରାଜପଥ ଆଇନ -୧୯୫୬ର ୩-D ର ଉପଧାରା (୨) ଏବଂ ୩-Eର ଉପାଧାରା (୧) ଅନୁଯାୟୀ ୧୦.୧୧.୨୦୨୩ ଦିନ ନିମ୍ନ ସାକ୍ଷରକାରୀଙ୍କ ରେକର୍ଡଭୁକ୍ତ ପ୍ରଜାମାନଙ୍କୁ ଜମି ହସ୍ତାନ୍ତର ପାଇଁ ଅବଗତ କରାଯାଇଅଛି । ଅଧିଗ୍ରହଣ ହୋଇଥିବା ଜମିକୁ କେନ୍ଦ୍ର ସରକାର ଜାତୀୟ ରାଜପଥଙ୍କୁ ହସ୍ତାନ୍ତର କରିବାର ୬୦ ଦିନର ଅବଧି ୧୨.୦୧.୨୦୨୪ରେ ସମାପ୍ତ ହୋଇଯାଉଅଛି। ଅଧିଗ୍ରହଣ ଜମିକୁ ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ ବଲାଙ୍ଗିରଙ୍କୁ ୧୨.୦୧.୨୦୨୪ ଦିନ ସମ୍ପୂର୍ଣ୍ଣ ଭାବେ ହସ୍ତାନ୍ତର କରାଯିବ ।

ଏଣୁ ପୁନର୍ବାର ଆପଣମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ଖବରକାଗଜରେ ପ୍ରକାଶ ପାଇବା ଦିନଠାରୁ କ୍ଷତିପୂରଣ ରାଶି ଗ୍ରହଣ କରିନଥିବା ପ୍ରଜାମାନେ ତାଙ୍କର ଆବଶ୍ୟକୀୟ କାଗଜପତ୍ର ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କ୍ଷତିପୂରଣ ରାଶିର ଭାଉଚର ପୂରଣ ନିମନ୍ତେ ଦାଖଲ କରିବେ। ଏଥିରେ କୌଣସି ପ୍ରକାର ତ୍ରୁଟି କଲେ କ୍ଷତିପୂରଣ ରାଶି ଜାତୀୟ ରାଜପଥ ଆଇନ ୧୯୫୬ (**U/S 3-H**) ଅନୁଯାୟୀ ସରକାରଙ୍କ ଠାରେ ଜମା କରିଦିଆଯିବ।

ଉପଜିଲ୍ଲାପାଳ ତଥା କ୍ଷମତାପନ୍ନ ପ୍ରାଧିକାରୀ
ଟିଟିଲାଗଡ, ଜାତୀୟ ରାଜପଥ – ୫୯

ଜିଲ୍ଲା ଯୋଗାଣ ନିଗମ ଲିଃ, କେନ୍ଦ୍ରାପଡ଼ା

ଧାନ କ୍ରୟ ନିମନ୍ତେ ବିଜ୍ଞାପନ

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ନିଷ୍ପତ୍ତି କ୍ରମେ, ଚଳିତ ଖରିଫ ବର୍ଷ ୨୦୨୩-୨୪ ନିମନ୍ତେ ତା ୦୫.୦୧.୨୦୨୪ ଖିଖ ଠାରୁ ତା ୩୧.୦୩.୨୦୨୪ ଖିଖ ପର୍ଯ୍ୟନ୍ତ ଯୋଗାଣ ନିଗମ ଜରିଆରେ ଜିଲ୍ଲାର ନିମ୍ନଲିଖିତ ୧୧୮ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମାଧ୍ୟମରେ ଧାନକ୍ରୟ ମନ୍ତ୍ରାଳୟ ଖୋଲାଯାଇଅଛି। ଧାନକ୍ରୟ କେନ୍ଦ୍ରର ନାମ ଓ ସଂପୃକ୍ତ ଅଧିକାରୀଙ୍କ ଫୋନ୍ ନଂ, କ୍ରୟ ଦିବସ ଓ କ୍ରୟ କେନ୍ଦ୍ରକୁ ସଂସ୍ଥାପିତ କରାଯାଇଥିବା ଗ୍ରାମ ପଞ୍ଚାୟତର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

ଏଣୁ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନ (FAQ)ମାନକ କରାଇ ସେମାନଙ୍କର ସଂପୃକ୍ତ ଅଞ୍ଚଳର (PACS) ଗୁଡିକରୁ ସରକାରଙ୍କ ନିୟମାନୁସାରୀ ଟୋକନ ଗ୍ରହଣ କରି ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ,ଗୁରୁବାର ଓ ଜାତୀୟ ଛୁଟି ଦିବସ ବ୍ୟତିତ, ଧାର୍ଯ୍ୟ କରାଯାଇଥିବା ଦିବସରେ ଧାନ ବିକ୍ରୟ କରିପାରିବେ। ଧାର୍ଯ୍ୟ ଦିନଗୁଡିକରେ ସକାଳ ୮ ଘଟିକା ଠାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ବିକ୍ରୟ କରିପାରିବେ। ଆବଶ୍ୟକ ହେଲେ ଧାର୍ଯ୍ୟ ଦିନ ଓ ସମୟ ପରିବର୍ତ୍ତନ କରାଯାଇପାରିବ। (FAQ) ଧାନର ଗୁଣାତ୍ମକ ମାନ କିମ୍ବାରେ ପ୍ରଦାନ କରାଗଲା।

ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ	ଏଫ୍.ଏ.କ୍ୟୁ. ମାନର ଧାନପାଇଁ ସର୍ବୋଚ୍ଚ ଗ୍ରହଣୀୟ ସୀମା
❖ ବାଲି, ମାଟି, ଗୋଡ଼ି ବା ଧୂଳି ଇତ୍ୟାଦି ଅଜୈବୀକ ବାହ୍ୟ ପଦାର୍ଥ	୧.୦%
❖ କାଠି, କୁଟା, ଧୂଣ୍ଡ, ଅଗାଡ଼ି ବା ଫୋଲା ଇତ୍ୟାଦି ଜୈବୀକ ବାହ୍ୟ ପଦାର୍ଥ	୧.୦%
❖ ଖରାପ, ବେଉଣ୍ଟା, ପାଣିଫୁଲା ବା ଫୋଲା ଇତ୍ୟାଦି	୫.୦%
❖ ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି	୩.୦%
❖ ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ)	୬.୦%
❖ ଆର୍ଦ୍ରତା ବା କାଳାର ଅଂଶ	୧୭.୦%
ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ :-	
❖ ଏଫ୍.ଏ.କ୍ୟୁ ମାନର ସାଧାରଣ ଧାନ କୁଇଣ୍ଟାଲ୍ ପ୍ରତି ଦର	ଟ. ୨୧୮୩.୦୦
❖ ଗ୍ରେଡ୍ 'ଏ' ଧାନ କୁଇଣ୍ଟାଲ ପ୍ରତି ଦର	ଟ. ୨୨୦୩.୦୦

କେନ୍ଦ୍ରାପଡ଼ା ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକର ତାଲିକା

କ୍ରମିକ ନମ୍ବର	(PACS) ଧାନ କ୍ରୟ କେନ୍ଦ୍ରର ନାମ ଓ ସଂପୃକ୍ତ ଅଧିକାରୀଙ୍କ ଫୋନ୍ ନଂ	ସଂଲଗ୍ନ ଗ୍ରାମ ପଞ୍ଚାୟତ
	୦. କେନ୍ଦ୍ରାପଡ଼ା ବ୍ଲକ୍ - (ପ୍ରତି ସୋମବାର, ବୁଧବାର, ଶନିବାର)	
୧.	ଆୟେବା - ୯୪୩୭୫୯୪୫୫୪	: ଆୟେବା, ସୁଭୁଖୋଳମପୁର, ମାଙ୍ଗାଲାମପୁର
୨.	ବଗଡା - ୭୦୬୪୨୨୩୫୫୭	: ବଗଡା, ଚଳପଡା
୩.	ବାରୋ - ୯୫୫୬୦୩୬୯୬୬	: ବାରୋ, ବୋରୋ
୪.	ଭଲପୁର -୯୯୩୭୬୫୫୨୮୨୧	: ଭଲପୁର, ଶ୍ୟାମସୁନ୍ଦରପୁର, ଚକ୍ରୋଡା
୫.	ଚନ୍ଦନକୁଲାଟ -୯୪୩୯୬୯୮୮୨୨	: ଚନ୍ଦନପୁର, ବେଣୀପୁର, ସାତନାଣ୍ଡାଟିପା, ପକଟିଂମା
୬.	ଗୁଲୁମଗଲ - ୯୭୭୭୮୯୪୨୪୧	: ଗୁଲୁମଗଲ, କଦାପଲ୍ଲୀଗ୍ରା
୭.	ଇନ୍ଦୁପୁର - ୭୦୬୪୨୨୩୫୫୭	: ଇନ୍ଦୁପୁର, ଧୂମାଣ୍ଡ, ଗଣିଗାଁ, ନିକିରାଇ
୮.	କମଧନ - ୮୩୨୮୬୪୮୬୯୯	: କମଧନ, ଭାରତପୁର, ଚକ୍ରୋଡା, ଶ୍ୟାମସୁନ୍ଦରପୁର
୯.	ବୋର - ୯୯୩୭୮୯୪୬୫୯	: ବୋର
୧୦.	ଖଣ୍ଡପୁର - ୮୬୩୭୬୨୯୧୦୮	: ଖଣ୍ଡପୁର, ଜଂଘାଳ
୧୧.	କୁରୁଲଙ୍କ - ୯୪୩୯୬୯୮୪୨୨	: ବୋର, ନିକିରାଇ, କୁରୁଲଙ୍କ
	୨. କେନ୍ଦ୍ରାପଡ଼ା ବ୍ଲକ୍ - (ପ୍ରତି ସୋମବାର, ବୁଧବାର, ଶନିବାର)	
୧୨.	ଦାନପୁର -୯୯୩୮୬୮୭୭୮୪	: ଦାନପୁର, ଉଦୟାନ, ଖଣ୍ଡାନ, ମୁଣ୍ଡୁପୁର,ଜଗନ୍ନାଥପାଲିମୁଳ
୧୩.	ଗୋଲରାଣାଟ - ୯୧୭୮୮୩୨୮୨୩୫	: ଗୋଲରାଣାଟ, ବାରିଆ, ଲକ୍ଷ୍ମୀନାରାୟଣପୁର
୧୪.	କପିଳେଶ୍ୱର - ୯୭୭୭୮୯୪୨୪୨	: କପିଳା ବାଗିମୁଳ, ଉଦୟାନ, ବଣିଅଳ
୧୫.	କୁଣ୍ଡିପାଡ - ୯୪୩୭୩୧୪୦୧୫	: କୁଣ୍ଡିପାଡ, ସୁହାଳବିଂଶ, ବାଲିମୁଳ
୧୬.	କାଉପଡା - ୯୪୩୭୦୬୩୮୯୨	: କାଉପଡ଼ା, ଉମରାଚକେରା, ଗୋଲରାଣାଟ, ଚୁଡ଼ୁମୁଣ୍ଡ
୧୭.	ଏଣ୍ଡରା - ୯୩୪୮୨୯୯୬୬୩୩	: ଏଣ୍ଡରା, ନରସିଂହପୁର, ଲକ୍ଷ୍ମୀନାରାୟଣପୁର
୧୮.	ନହଟ - ୯୪୩୭୦୬୩୮୯୨	: ନହଟ, ଛୋଟି, କୁରୁଲଙ୍କା
	୩. ଗାର୍ଣ୍ଣାଘାଟ ବ୍ଲକ୍ - (ପ୍ରତି ସୋମବାର, ବୁଧବାର, ଶନିବାର)	
୪୬.	ଅବେଦ - ୯୭୭୬୭୭୧୪୬୭୫	: ଅବେଦ

ତାଳଜଙ୍ଗ ପଞ୍ଚାୟତରେ ଜଳକଷ୍ଟ

ପାନୀୟଜଳ ପାଇଁ ଖୋଲା କୂଅ ଭରସା

କବାଟବନ୍ଧ, ୪।୧ (ସମିସ)

ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ ତଦାରଖ ଅଭାବରୁ ଏହା ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଫଳରେ ଜଳ ଯାତନା ଭୋଗୁଛନ୍ତି ଶହ ଶହ ଗ୍ରାମବାସୀ। ଏମିତି ବିଚିତ୍ର ଚିତ୍ର ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ଅଧୀନ ଉପରଗଡ଼ ଗ୍ରାମରେ।

ଉକ୍ତ ଗ୍ରାମଟି ପାହାଡ଼ ଉପରେ ଅବସ୍ଥିତ। ଏହି ଗ୍ରାମରେ ୭୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ଏହାର ଲୋକ ସଂଖ୍ୟା ପ୍ରାୟ ୭ ଶହରୁ ଅଧିକ। ଗ୍ରାମରେ ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପିଇବା ପାଣି କହିଲେ ଖୋଲା କୂଅର ଦୂଷିତ ଜଳ। ଯାହାକି ସାଧାରଣ ଭାବେ ବ୍ୟବହାର ଅନୁପଯୋଗୀ। ପ୍ରାୟ ୫ ଶହ ବର୍ଷ ପୂର୍ବରୁ ରାଜା ରାଜୁଡ଼ା ଶାସନ କାଳରେ ସ୍ଥାନୀୟ ରାଜା ଏଠାରେ ଗୋଟିଏ ପୋଖରୀ ଓ ୩ଟି କୂଅ ଖୋଲିଥିଲେ। ଖରାଦିନ ପୂର୍ବରୁ ପୋଖରୀରୁ ପାଣି ଶୁଖି ଯାଉଥିବାବେଳେ ୨ଟି କୂଅ ସମ୍ପୂର୍ଣ୍ଣ ଶୁଖିଯାଉଛି। ଫଳରେ ଗୋଟିଏ ଖୋଲା କୂଅ ଉପରେ ନିର୍ଭର କରନ୍ତି ଗ୍ରାମବାସୀ। ବର୍ଷସାରା ଜଳ କଷ୍ଟ ଭୋଗୁଥିବା ଏହି ଗ୍ରାମବାସୀଙ୍କ ଖରା ଦିନିଆ ଦୁଃଖ ନ କହିଲେ ଭଲ। ଗାଁର ମହିଳା ଓ ସ୍ତ୍ରୀ ଲୋକ ରାତି ସାରା ଅନିଦ୍ରା ହୋଇ ଧାଡ଼ିରେ ଠିଆ ହୋଇ ପାଣି ଆଣିଥା'ନ୍ତି। ବୟସାଧିକ ମହିଳା ବା ବୃଦ୍ଧା ଅତି ଗଭୀର କୂଅରୁ ପାଣି ଆଣିବା ବହୁତ କଷ୍ଟ ଓ ବିପଦଜନକ ହେଉଛି। ଏହାଛଡ଼ା ଗ୍ରାମରେ ଥିବା ଅଙ୍ଗନବାଡ଼ି ସେଣ୍ଟର ଓ ପ୍ରାଥମିକ ସ୍କୁଲ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାଇଁ ଏହାକୁ ବ୍ୟବହାର କରିବା ସହିତ କୁନି କୁନି ପିଲା ଏହି ଖୋଲା କୂଅର ଜଳକୁ ପାନୀୟ ଭାବେ ବ୍ୟବହାର କରନ୍ତି। ଯହ୍ନାରା ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବା ସହିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ଗ୍ରାମକୁ ଦୀର୍ଘ ବର୍ଷ ଧରି ଜଳ ଯୋଗାଣ ନିମନ୍ତେ ପ୍ରତିଶ୍ରୁତି ମିଳିଛି। କିନ୍ତୁ ପରିତାପର ବିଷୟ ଆଜି ପର୍ଯ୍ୟନ୍ତ ପାଣି ଆସିନାହିଁ। ତୁରନ୍ତ ବିଭାଗୀୟ ଅଧିକାରୀ ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରି ଏହି ଗ୍ରାମକୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଟ୍ରେନ୍‌ରୁ ମିଳିଥିବା ସାମଗ୍ରୀ ଯାତ୍ରୀଙ୍କୁ ପ୍ରଦାନ କଲା ଆର୍‌ପିଏଫ୍

ବ୍ୟାସନଗର, ୪।୧(ସମିସ): ଯାଜପୁରରୋଡ ରେଳ ଷ୍ଟେସନରେ ଟ୍ରେନ୍‌ରୁ ମିଳିଥିବା ବିଭିନ୍ନ ସାମଗ୍ରୀ ଗୁରୁବାର ରେଳ ଯାତ୍ରୀଙ୍କୁ ପ୍ରଦାନ କରିଛି ଆରପିଏଫ୍। ଆଜି କଟକ ରେଳ ଷ୍ଟେସନରେ ଫାଲକନାମା ଏକ୍ସପ୍ରେସ୍‌ରେ ଜଣେ ଯାତ୍ରୀ ଭୁଲରେ ନିଜ ଜିନିଷପତ୍ର ଛାଡି ଚାଲିଯାଇଥିବା ଯାଜପୁରରୋଡ ଆରପିଏଫ ଅଧିକାରୀଙ୍କୁ ଫୋନ କଲ ଆସିଥିଲା। ତୁରନ୍ତ ଆରପିଏଫ ଅଧିକାରୀ ଏହି ଟ୍ରେନ୍‌ରୁ ଜିନିଷକୁ ଜବତ କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କର୍ମଚାରୀମାନେ ତୁରନ୍ତ ଫାଲକନାମା ଏକ୍ସପ୍ରେସରେ ଜିନିଷଗୁଡିକ ଜବତ କରିଥିଲା। ଏଥିସହିତ ଜବତ ଜିନିଷକୁ ଉପଯୁକ୍ତ ପ୍ରମାଣ ରଖି ରେଳ ଯାତ୍ରୀ ଓଭି ଚୈତନ୍ୟ ରେଡ୍ଡୀଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ସେହିପରି ଆଉ ଜଣେ ରେଳ ଯାତ୍ରୀଙ୍କ ଜିନିଷକୁ ଆରପିଏଫ ଅଧିକାରୀ ଜବତ କରିବା ପରେ ହସ୍ତାନ୍ତର କରିଥିବା ସୂଚନା ମିଳିଛି।

ବ୍ଲକ୍ କାର୍ଯ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ

ଦଶରଥପୁର, ୪।୧(ସମିସ): ଜିଲ୍ଲା ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଚଳିତ ମାସ ୧ ତାରିଖରୁ ଏହା ଆରମ୍ଭ ହୋଇଥିବାବେଳେ ଆସନ୍ତା ୭ ତାରିଖ ଦିନ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ବୋଲି ପରିବହନ ବିଭାଗ ସୂଚନା ଦେଇଛି। ଉକ୍ତ ସଡ଼କ ସୁରକ୍ଷାଜନିତ ଜନସଚେତନତା କାର୍ଯ୍ୟକ୍ରମରେ ଟିଆଇ ରଜତ କୁମାର ଶତପଥୀ, କନିଷ୍ଠ ଏମ୍‌ଭିଆଇ ପ୍ରଦୀପ୍ତ କିଶୋର ବେହେରା, ଏଟିଏସ୍‌ଆଇ ରାଜେଶ ମଙ୍ଗରାଜ ପ୍ରମୁଖ ନେତୃତ୍ୱ ନେଇଥିଲେ। ଦଶରଥପୁର ବ୍ଲକ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି କ୍ୟାଡ଼େଟ୍ ଓ ଛାତ୍ରଛାତ୍ରୀ, ସ୍ଥାନୀୟ ଜନସାଧାରଣଙ୍କ ସମେତ କନେଷ୍ଟବଳ ବିଜନ ସେଠୀ, ଟି. କିଶୋର କୁମାର ପ୍ରମୁଖ ଯୋଗଦେଇ ଝୁମ୍ପୁରୀ ବଜାର ରାସ୍ତାରେ ସଡ଼କ ସୁରକ୍ଷା ବାବଦରେ ସମସ୍ତ ଜନସାଧାରଣ ଓ ଗାଡ଼ି ଚାଳକଙ୍କୁ ସଡ଼କ ସୁରକ୍ଷା ନିୟମ ମାନିଲେ କିପରି ସମସ୍ତେ ନିରାପଦରେ ଘରେ ପହଞ୍ଚିବା, ହେଲମେଟ୍ ବ୍ୟବହାର କରିବା ନେଇ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଏ ପରିପ୍ରେକ୍ଷାରେ ରାସ୍ତାରେ ହେଲମେଣ୍ଟ ପିନ୍ଧି ଯାତ୍ରା କରୁଥିବା ବାଇକ୍ ଆରୋହୀଙ୍କୁ ଫୁଲ ଦେଇ ଛାତ୍ରଛାତ୍ର ସ୍ୱାଗତ କରିଥିବାବେଳେ ବିନା ହେଲମେଟ୍‌ରେ ବାଇକ୍ ଚାଳନା କରୁଥିବା ବାଇକ୍ ଚାଳକଙ୍କୁ ହେଲମେଟ୍ ପରିଧାନ ପାଇଁ ଉପଦେଶ ଦେଇଥିଲେ।

କୁଆଖିଆ ନିକଟରେ ୩ ଦୁର୍ଘଟଣା; ୧ ମୃତ, ୨ ଗୁରୁତର

କୁଆଖିଆ, ୪।୧(ସମିସ): କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥରେ ପୃଥକ ପୃଥକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲ ପଠାଯାଇଥିବା ଜଣାପଡ଼ିଛି। ଆଜି ରାତ୍ର ୮ ଟା ସମୟରେ ବରା ନିର୍ବାଚନ ମଣ୍ଡଳୀ ମାଳଦା ଗୋବିନ୍ଦପୁର ଗ୍ରାମର ରାମଚନ୍ଦ୍ର ସାହୁଙ୍କ ପୁଅ ରାକେଶ କୁମାର ସାହୁ (୩୫) ଜାରକା ମହୋତ୍ସବରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ବାରବାଟୀ ଦୁର୍ଗାପୁର ନିକଟ କ୍ରିଷ୍ଣା ହୋଟେଲ୍ ନିକଟରେ ଏକ ଟ୍ରକ୍ ସହିତ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ରାଜପଥ ପୁଲିସ୍ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

ସେହିପରି କୁଆଖିଆ ବଜାରଠାରୁ ୧ କିଲୋମିଟର ଦୂରରେ ଥିବା ସତସଙ୍ଗ୍ ବିହାର ନିକଟରେ ସାହାପୁର ଗ୍ରାମର ଅଖିଳ ସାହୁ (୪୮) ନାମକ ଜଣେ ବ୍ୟକ୍ତି ଘରକୁ ଫେରୁଥିବା ସମୟରେ ଟ୍ରକ୍ ସହିତ ଧକ୍କା ହୋଇ ଗୁରୁତର ଅବସ୍ଥାରେ ପୁଲିସ୍ ଦ୍ୱାରା ଉଦ୍ଧାର ହୋଇ ଯାଜପୁର ମୁଖ୍ୟ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପକ୍ଷରେ କୁଆଖିଆ ଓଭରବ୍ରିଜ୍ ନିକଟରେ ସ୍ଥାନୀୟ ସାରଙ୍ଗପୁର ଗ୍ରାମର ଜଣେ ଯୁବକ ଫେରୁଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍

ସୁକିନ୍ଦା, ୪।୧(ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ କୁହିକା-ପିମ୍ପୁଡ଼ିଆ ରାସ୍ତାରୁ ଗୁରୁବାର ୩ଟା ସମୟରେ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୪ ହଜାର ଟଙ୍କା ଲୁଟ୍ ହୋଇଥିବା ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲା ଭୁବନରେ ଥିବା ଏଲଆଣ୍ଡଟି ଫାଇନାନ୍ସ କର୍ମଚାରୀ ଭଦ୍ରକ ଅଞ୍ଚଳର ସୋମନାଥ ରାଉତ ଗୁରୁବାର ଦିନ ପିମ୍ପୁଡିଆ ଅଞ୍ଚଳକୁ ଫାଇନାନ୍ସ ଟଙ୍କା କଲେକ୍ସନ କରିବା ପାଇଁ ଯାଇଥିଲେ। ୫୪ ହଜାର ଟଙ୍କା କଲେକ୍ସନ କରି ଫେରୁଥିବା ସମୟରେ ଦୁଇ ଜଣ ଲୁଟେରା ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟି କରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ସୁକିନ୍ଦା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ କାହାରିକୁ ଗିରଫ କରିପାରି ନ ଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅଞ୍ଚଳରେ ଚୋରି, ଲୁଟ୍ ଘଟଣା ବଢ଼ି ଚାଲିଥିବାରୁ ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ହୋଇଛି।

ଟ୍ରକ୍ ସହ ଧକ୍କା; ବାଇକ୍ ଆରୋହୀ ଗୁରୁତର

ହରିପୁର/କୁଆଖିଆ, ୪।୧(ସମିସ): ୧୬ ନମ୍ବର ଜାତୀୟ ରାଜପଥର କୁଆଖିଆ ଥାନା ଅନ୍ତର୍ଗତ ସତସଙ୍ଗ ବିହାରଠାରେ ଟ୍ରକ୍ ସହିତ ବାଇକ୍ ଧକ୍କା ହେବାରୁ ବାଇକ୍ ଆରୋହୀ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି। ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର ନିମପାଟଣା ଗ୍ରାମର ସ୍ୱର୍ଗତ ବାବାଜୀ ଚରଣ ସାହୁଙ୍କ ପୁଅ ଅଖିଳ (୫୫) ଗୁରୁବାର ସନ୍ଧ୍ୟାରେ କୁଆଖିଆ ଯାଉଥିବାବେଳେ ପାଣିକୋଇଲି ଆଡୁ ଯାଉଥିବା ଏକ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେବା ସହିତ ତାଙ୍କ ଗୋଡ ଉପରେ ଚଢିଯାଇଥିଲା। ଅଖିଳ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡ଼ିରହିଥିବାବେଳେ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ଓ କୁଆଖିଆ ଥାନା ପୁଲିସ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଦୁର୍ଘଟଣାଗସ୍ତ ଟ୍ରକ ଓ ବାଇକ୍ ଜବତ କରିଛି।

ବ୍ୟାଙ୍କ ଋଣ ଖିଲାପ ମାମଲା

ଗ୍ରହିତାଙ୍କୁ ୭ ଲକ୍ଷ ଅର୍ଥରାଶି ସହ ୩ ମାସ କାରାଦଣ୍ଡ

ବ୍ୟାସନଗର, ୪।୧(ସମିସ): ଯାଜପୁରରୋଡ ସହରରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଋଣ ନେଇ ଏହାକୁ ପରିଶୋଧ ନ କରି ଫାଙ୍କିବା ମାମଲାର ଶୁଣାଣି କରି ଯାଜପୁରରୋଡ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଋଣ ଗ୍ରହିତାଙ୍କୁ ୭ ଲକ୍ଷ ଅର୍ଥରାଶି ସମେତ ୩ ମାସ କାରାଦଣ୍ଡ ଶୁଣାଇଛନ୍ତି।

ସୂଚନା ମୁତାବକ, ଯାଜପୁର ଜିଲ୍ଲା ଟମକା ଥାନା ଅର୍ନ୍ତଗତ ଖରଡାବନ୍ଦୀ ଗ୍ରାମର ଅଶୋକ କୁମାର ସାହୁ ପି-ନିତ୍ୟାନନ୍ଦ ସାହୁ ଯାଜପୁରରୋଡ ଚୋରଦା ଛକରେ ଥିବା ପଂଜାବ ନ୍ୟାସନାଲ ବ୍ୟାଙ୍କରୁ ତାଙ୍କ ବ୍ୟବସାୟ ନିମନ୍ତେ ଏକ ସିସି ଲୋନ ନେଇଥିଲେ। ଯାହାକୁ ପରବର୍ତ୍ତୀ ସମୟରେ ମାସିକ କିସ୍ତି ବାବଦରେ ସୁଝିବା ନିମନ୍ତେ ରାଜି ମଧ୍ୟ ହୋଇଥିଲେ। ଦୀର୍ଘଦିନ ପର୍ଯ୍ୟନ୍ତ ଋଣ ଓ ମୂଳ ପରିଶୋଧ ନ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବରିଷ୍ଠ ପ୍ରବନ୍ଧକ ସୁଶୀଲ କୁମାର ଗିରି ତାଙ୍କୁ ଋଣ ପରିଶୋଧ ନେଇ ବାରମ୍ବାର କହିବା ପରେ ଅଶୋକ ଋଣ ପରିଶୋଧ ନିମନ୍ତେ ୧୯.୦୫.୨୦୨୩ରେ ଏକ ଚେକ୍ ନଂ ୯୫୫୩୫୩ (ଟ.୫, ୫୭, ୧୮୩)ରେ ଦେବା ପରେ ତାହା ସେହିଦିନ ଅର୍ଥ ନ ଥିବା କାରଣରୁ ବାଉନ୍ସ ହୋଇଥିଲା। ଏ ନେଇ ବ୍ୟାଙ୍କ ପ୍ରବନ୍ଧକ କୋର୍ଟରେ ମାମଲା ରୁଜୁ କରିବା ପରେ ଯାଜପୁରରୋଡ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ ଏହି ଘଟଣାର ଶୁଣାଣୀ କରି ଅଭିଯୁକ୍ତ ଅଶୋକକୁ ୩ ମାସ କାରାଦଣ୍ଡ ସମତେ ୭ ଲକ୍ଷ ଅର୍ଥରାଶି ସହିତ ସୁଧ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଅବମାନନା କଲେ ଏକ ମାସ ଅଧିକା କାରାଦଣ୍ଡାଦେଶ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ବ୍ୟାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପ୍ରସାଦ ପତି ପରିଚାଳନା କରୁଥିଲେ।

କୁଆଖିଆ ମହୋତ୍ସବରେ ନୃତ୍ୟ ପ୍ରତିଯୋଗିତା

ହରିପୁର, ୪।୧ (ସମିସ): କୁଆଖିଆ ମହୋତ୍ସବର ତ୍ରୟୋଦଶ ଦିବସର ଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଭିନ୍ନ ଅଞ୍ଚଳରୁ କୁନି କୁନି ପ୍ରତିଭା ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ଏହି ନୃତ୍ୟ ପ୍ରତିଯୋଗିତାରେ ପ୍ରତିଯୋଗୀ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଏହି କୁନି କୁନି ପ୍ରତିଭାଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ। ବିଚାରକ ଭାବେ ଦୁଇଜଣ ଦକ୍ଷ ଗୁରୁ ଉପସ୍ଥିତ ରହି ସଠିକ ଚୟନ କରିଥିଲେ। ଲକ୍ଷ୍ମୀନାରାୟଣ ପୂଜା ମଣ୍ଡପରେ ନେହେରୁ ନାଟ୍ୟ ସାଂସଦ ରସୁଲପୁର ପକ୍ଷରୁ ନାଟକ 'ବଡଦାଣ୍ଡର ଭିକାରି' ମଞ୍ଚସ୍ଥ ହୋଇଥିଲା। ଆସନ୍ତାକାଲି ଶେଷ ରାତ୍ରରେ ମା' ଲକ୍ଷ୍ମୀ ନାଟ୍ୟ ସାଂସଦ ଚଣ୍ଡୀପୁର ପାଳସାହି ପକ୍ଷରୁ ନାଟକ 'ଭୁଲ ତୋର ଭୋଗୁଛି ମୁଁ' ମଞ୍ଚସ୍ଥ ହେବ।

ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

ବିଂଝାରପୁର, ୪।୧(ସମିସ): ବିଂଝାରପୁର ବ୍ଲକ ଶାସନ୍ଦା ପଞ୍ଚାୟତରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ କରି ସରପଞ୍ଚଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଛି। ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଏଠାରେ ମଦ ଦୋକାନ କରିବା ପାଇଁ ସ୍ଥିର ହୋଇଥିଲେ ମଧ୍ୟ ସ୍ଥାନୀୟ ସରପଞ୍ଚ କିମ୍ବା ଅନ୍ୟାନ୍ୟ ଗ୍ରାମବାସୀଙ୍କୁ ଏ ନେଇ କୌଣସି ଅବଗତ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି।

ବିଂଝାରପୁରର ଶାସନ୍ଦା ପଞ୍ଚାୟତରେ ମଦ ଦୋକାନ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଅବକାରୀ ବିଭାଗ ଲୁଚାଣିଆ ଭାବେ ମଦ ଦୋକାନ ଖୋଲିବାକୁ ପ୍ରୟାସ ଆରମ୍ଭ କରିଛି। ଗତ ୨୮ ତାରିଖରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଦ ଦୋକାନ ବିରୋଧରେ କୌଣସି ଅଭିଯୋଗ ଥିଲେ ଏଥିପାଇଁ ୧୫ ଦିନିଆ ନୋଟିସ ଜାରି ହୋଇଛି। କିନ୍ତୁ ଏହି ନୋଟିସ ଅବକାରୀ ବିଭାଗ ଲୁଚାଇ ରଖିଥିବାବେଳେ ସ୍ଥାନୀୟ ସରପଞ୍ଚଙ୍କ ନୋଟିସ ପାଇ ନ ଥିବା ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ଯାହାକି ଲୁଚାଣିଆ ଭାବେ ଏହି ଦୋକାନ ଖୋଲିବାକୁ ଅବକାରୀ ବିଭାଗ ପ୍ରୟାସ କରୁଛି। ତେବେ ଚିହ୍ନଟ ସ୍ଥାନ ନିକଟରେ ସ୍କୁଲ, ବ୍ୟାଙ୍କ ଓ ଅନୁସୂଚିତ ଜାତି ବସ୍ତି ରହିଛି। ଫଳରେ ସେଠାରେ ଦୋକାନ ଖୋଲିବା ଆଇନ ସମ୍ମତ ନୁହେଁ। ଏହାକୁ ବିରୋଧ କରି ଆଜି ସରପଞ୍ଚ କାମଦେବ ଧଲଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାମଲ, ଅଭିମନ୍ୟୁ ପଣ୍ଡା, ରାକେଶ କୁମାର ସ୍ୱାଇଁ, ଅମରଜିତ ଦାସ, ରଶ୍ମୀରଞ୍ଜନ ପଣ୍ଡା, ଭବାନୀଶଙ୍କର ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ସହ ଅବକାରୀ ଅଫିସରେ ଦାବି ଉଠାଇଥିଲେ। ଯଦି ପ୍ରଶାସନ ଉକ୍ତ ସ୍ଥାନରେ ମଦ ଦୋକାନ ଖୋଲିବାକୁ ଅନୁମତି ଦିଅନ୍ତି, ତେବେ ପଞ୍ଚାୟତବାସୀ ଏହାକୁ ବିରୋଧ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିଯୁକ୍ତି ମେଳା

ବ୍ୟାସନଗର, ୪।୧(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ସହଯୋଗରେ ଗୁରୁବାର ୧୧ ଘଟିକା ସମୟରେ ଏକ ନିଯୁକ୍ତି ମେଳା ଶିବିର ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତୀଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ନିଯୁକ୍ତି ମେଳାରେ ଯାଜପୁର ଜିଲ୍ଲା ପରିଷଦର ସଭାପତି ନଳିନୀପ୍ରଭା ଯେନା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ନବକୃଷ୍ଣ ଜେନା, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ୩୦ଟି ପ୍ରତିଷ୍ଠିତ ବେସରକାରୀ ସଂସ୍ଥା ନିଯୁକ୍ତି ଶିବିରରେ ଯୋଗଦାନ କରି ମୋଟ ୩୯୧ ଜଣ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କୁ ନିଯୁକ୍ତି ନିମନ୍ତେ ପ୍ରତ୍ୟକ୍ଷ ଭାବେ ଚୟନ କରିଛନ୍ତି। ଏହି ନିଯୁକ୍ତି ମେଳାରେ ୫୬୦ ଜଣ ନିଯୁକ୍ତି ଆଶାୟୀ ଯୁବକ/ଯୁବତୀ ପଂଜୀକୃତ ହୋଇଥିବାବେଳେ ୧୬୯ ଜଣ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କୁ ନିଯୁକ୍ତିଭିତ୍ତିକ ସ୍ୱଳ୍ପ ଅବଧିର ଦକ୍ଷତା ବିକାଶ ତାଲିମ ନିମନ୍ତେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଦ୍ୱାରା ମନୋନୀତ ହୋଇଛନ୍ତି। ଏହି ନିଯୁକ୍ତି ମେଳାରେ ୧୮

ବର୍ଷ ବୟସରୁ ୩୫ ବର୍ଷ ବୟସ ମଧ୍ୟରେ ଓ ଶିକ୍ଷକତା ଯୋଗ୍ୟତା ୫ମ ଶ୍ରେଣୀ ପାସଠାରୁ ସ୍ନାତକ ଓ ଆଇଟିଆଇ, ଡିପ୍ଲୋମା

ବ୍ରହ୍ମବରଦା ଥାନା

ନାହାନ୍ତି ଅଧିକାରୀ, ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ

ବ୍ରହ୍ମବରଦା, ୪।୧ (ସମିସ)

ବ୍ରହ୍ମବରଦା ଥାନା ଅଧିକାରୀ ପଦବୀ ଗତ ୩ ମାସ ହେଲା ଖାଲିପଡ଼ିଛି । ଆଜି ପର୍ଯ୍ୟନ୍ତ ଏଠାରେ କୌଣସି ନୂତନ ଆଇଆଇସିଙ୍କୁ ନିଯୁକ୍ତ କରା ନ ଯିବା ପରିତାପର ବିଷୟ। ବ୍ରହ୍ମବରଦା ଥାନାରେ କାହିଁକି କୌଣସି ଥାନା ଅଧିକାରୀଙ୍କୁ ନିଯୁକ୍ତ କରାଯାଉନାହିଁ, ତାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ବ୍ରହ୍ମବରଦା ଥାନା ଅଧୀନରେ ଆସୁଥିବା ଅଞ୍ଚଳରେ ଦିନକୁ ଦିନ ଆଇନ୍ ଶୃଙ୍ଖଳା ସ୍ଥିତି ବିଗିଡ଼ିବାରେ ଲାଗିଛି। ଥାନା ବାସଗୃହ, ଆବଶ୍ୟକୀୟ ସରଞ୍ଜାମ ସହ କର୍ମଚାରୀ ଅଭାବରୁ ସଠିକ୍ ଢଙ୍ଗରେ ଥାନା ପରିଚାଳିତ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି ।

ଗତବର୍ଷ ଜାନୁଆରୀ ୯ ତାରିଖରେ ବ୍ରହ୍ମବରଦା ଥାନା ଉଦଘାଟିତ ହୋଇଥିଲା। ବ୍ରହ୍ମବରଦା ଫାଣ୍ଡି ଥାନାର ମାନ୍ୟତା ପାଇଲା ପରେ ବ୍ରହ୍ମବରଦା ଥାନା ଅଧୀନ ଅଞ୍ଚଳବାସୀ ଚିନ୍ତା କରିଥିଲେ ଚୋରି, ରାହାଜାନି, ଚୋରାମଦ କାରବାର, ଗଞ୍ଜେଇ, ଜୁଆ ଆଡ୍ଡା ସ୍ଥଳୀ, ଗୋ ଚାଲାଣ, ବେଆଇନ ବାଲିଘାଟ ଆଦି କାରବାର ବନ୍ଦ ହେବା ସହ ଆଇନଶୃଙ୍ଖଳା ଓ ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। କିନ୍ତୁ ବ୍ରହ୍ମବରଦା ଫାଣ୍ଡି ଥାନା ମାନ୍ୟତା ପାଇବାର ବହୁ ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଜଣେ ସ୍ଥାୟୀ ଆଇଆଇସିଙ୍କୁ ନିଯୁକ୍ତି ଦିଆଯାଇନାହିଁ। ପ୍ରଥମେ ପୂର୍ବରୁ ଥିବା ଫାଣ୍ଡି ଅଫିସର ଏସ୍ ଦାଶରଥି ପାତ୍ର ଥାନାଧିକାରୀ ଭାବେ ଦାୟିତ୍ୱ ନେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମ ଆଇଆଇସି ଭାବେ ଶ୍ରବଣ କୁମାର ମହାରଣାଙ୍କ ନାମ ଘୋଷଣା କରାଯାଇଥିଲା। କିନ୍ତୁ ସେ ଥାନାରେ ଯୋଗ ଦେବା ପୂର୍ବରୁ ହିଁ ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କର ବଦଳି ଅନ୍ୟତ୍ର ହୋଇଯାଇଥିଲା। ତାଙ୍କ ପରେ ସେପ୍ଟେମ୍ବର ୧୧ରେ ଶରତ କୁମାର ନାୟକଙ୍କୁ ବ୍ରହ୍ମବରଦା ଥାନାର ନୂତନ ଆଇଆଇସି ଭାବେ ଦାୟିତ୍ୱ ଦିଆଗଲା। ଶ୍ରୀ ନାୟକ ଦାୟିତ୍ୱ ଗ୍ରହଣ କରିବାର ମାତ୍ର ୨ ମାସ ନ ପୁରୁଣୁ ତାଙ୍କୁ ବୈରି ଥାନାକୁ ବଦଳି କରିଦିଆଗଲା। ଏପରି ଆଇଆଇସି ବଦଳ ନୀତି କାହିଁକି ଘଟୁଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରସୁଲପୁର ବ୍ଲକ ଅଧୀନରେ ଥିବା ୧୦ଟି ପଞ୍ଚାୟତ ସହ ଯାଜପୁର ବ୍ଲକ ଓ ଧର୍ମଶାଳା ବ୍ଲକର କେତେକ ଗ୍ରାମ ବ୍ରହ୍ମବରଦା ଥାନା ଅଧୀନରେ ଯାଉଛି। ଏସବୁ ଅଞ୍ଚଳ ପ୍ରାୟତଃ ସଂଖ୍ୟାଲଘୁ ସମ୍ପ୍ରଦାୟ ଅଞ୍ଚଳ। ଏଥିସହ ବନ୍ଧଢିଅ, ମହେଶ୍ୱରପୁର, ମଙ୍ଗରାଜପୁର, ଅର୍ଥଙ୍ଗା, ମଙ୍ଗରାଜପୁର, ଝାଲପଡ଼ା, ମଙ୍ଗଳପୁର ଆଦି ଗ୍ରାମରେ ଅଧିକ ଦଳିତ ଶ୍ରେଣୀର ଲୋକ ବସବାସ କରୁଥିବାରୁ ପ୍ରତ୍ୟେକ ଦିନ ଜମିଜମା, ରାହାଜାନି, ଜୁଆଖେଳ, ମଦ, ଗଞ୍ଜେଇ ଆଦି ବହୁ ମାମଲା ସବୁଦିନ ଥାନାକୁ ଆସିଥାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଜଣେ ଦକ୍ଷ ଆଇଆଇସିଙ୍କ ଉପସ୍ଥିତି ନିହାତି ଆବଶ୍ୟକ। ବର୍ତ୍ତମାନ ଏସ୍ଆଇ ବିଭୂତି ଭୂଷଣ ମହାପାତ୍ର ଥାନା ଦାୟିତ୍ୱ ସମ୍ଭାଳୁ ଥିବାବେଳେ ଆଇଆଇସିଙ୍କ ଅନୁପସ୍ଥିତ ପାଇଁ ଅତ୍ୟଧିକ କାର୍ଯ୍ୟଭାର ଯୋଗୁ ଥାନା କର୍ମଚାରୀ ଚାପଗ୍ରସ୍ତ ରହୁଥିବା ଜଣାପଡ଼ିଛି। ଏପରି ଭାବେ ଫାଣ୍ଡିରୁ ଥାନା ମାନ୍ୟତା ପାଇବା ବହୁ ଦିନ ପରେ ମଧ୍ୟ ଆଇଆଇସି ପଦ ବଦଳ ନୀତି ଜାରି ରହିଛି। ଯଦ୍ୱାରା ପୁଣି ଚୋରା ମଦ ବେପାରୀ, ବାଲି ମାଫିଆ, ଚୋରା ଗଞ୍ଜେଇ, ଜୁଆ ଆଡ୍ଡା, ଚୋର, ଡକାୟତି ଅଧିକ ମାତ୍ରାରେ ସକ୍ରିୟ ହୋଇ ଉଠିବାର ଯଥେଷ୍ଟ ସମ୍ଭାବନା ରହିଛି। ଯଦ୍ୱାରା ବ୍ରହ୍ମବରଦା ତଥା ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଯଥାଶୀଘ୍ର ଜଣେ ଦକ୍ଷ ଆଇଆଇସିଙ୍କୁ ବ୍ରହ୍ମବରଦା ଥାନାରେ ନିଯୁକ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି।

କୁହୁଡ଼ି ଯୋଗୁଁ ପନିପରିବା ଚାଷ ପ୍ରଭାବିତ

ବାଲିଚନ୍ଦ୍ରପୁର, ୪।୧(ସମିସ): ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଓ ଆଖପାଖ ଅଞ୍ଚଳରେ କିଛି ଦିନ ହେବ ଘନ କୁହୁଡ଼ି ଦେଖିବାକୁ ମିଳୁଛି। ଫଳରେ ମୁହଁକୁ ମୁହଁ ଦେଖାଯାଉ ନ ଥିବାବେଳେ ଏହା ଯାତାୟାତରେ ସମସ୍ୟା ହେଉଛି। ୫୩ନଂ ଜାତୀୟ ରାଜପଥରେ ଘନକୁହୁଡି ଯୋଗୁଁ ଯାତ୍ରାବାହୀ ବସ୍, ଟ୍ରକ୍ ଅନ୍ୟାନ୍ୟ ଗାଡ଼ି ଚାଳକଙ୍କୁ ସମସ୍ୟା ହେଉଛି। ଘନ କୁହୁଡ଼ି କାରଣରୁ ଦୁର୍ଘଟଣା ସମ୍ଭାବନା ଏଡେଇ ଦେଇ ହେବନି। ଏଥିସହ ପନିପରିବା ଚାଷ ପ୍ରଭାବିତ ହୋଇଛି। ବାଲିଚନ୍ଦ୍ରପୁରର ଆଖପାଖ ଅଞ୍ଚଳ ପତରାଜପୁର, ନଳୀପୁର, ଚାରିନଙ୍ଗଳ, ବାଲିକୁଦା, ମାଣ୍ଡୁକା, ଗୋପାଳପୁର ଆଦି ଅଞ୍ଚଳରେ ଚାଷୀ ଲଗାଇଥିବା ପନିପରିବା ନଷ୍ଟ ହେବା ଆଶଙ୍କା ଦେଖାଦେଇଛି।

ଅମୃତ ଭାରତ ଏକ୍ସପ୍ରେସ୍ ରହଣି ଦାବି

ବ୍ୟାସନଗର, ୪।୧(ସମିସ): ଯାଜପୁର ରୋଡ୍‌ରେ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ରହଣି ଦାବି କରି କୋରେଇର ପୂର୍ବତନ ବିଧାୟକ ତଥା ଓଡ଼ିଶା ସରକାରଙ୍କ 'ମୋ କଲେଜ' ଅଭିଯାନର ଅଧ୍ୟକ୍ଷ ଆକାଶ ଦାସନାୟକ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଛନ୍ତି। ଯାଜପୁର ରୋଡ–କେନ୍ଦୁଝର ରେଳଷ୍ଟେସନ ଦେଶର ବାଣିଜ୍ୟ କ୍ଷେତ୍ରରେ ସହଯୋଗ କରିଆସୁଛି। ସମ୍ପ୍ରତି ଦେଶର ଇସ୍ପାତ ରାଜଧାନୀ କଳିଙ୍ଗନଗର, ଏସିଆ ମହାଦେଶର କ୍ରୋମ୍ ରାଜଧାନୀ ସୁକିନ୍ଦା ଏହି ଯାଜପୁର ରୋଡ ରେଳଷ୍ଟେସନ୍ ଉପରେ ନିର୍ଭରଶୀଳ। ଯାଜପୁର, କେନ୍ଦୁଝର, ଢେଙ୍କାନାଳ ଜିଲ୍ଲାର ପାଖାପାଖି ୩୦ ଲକ୍ଷ ଲୋକ ଯାଜପୁର ରୋଡ ରେଳ ଷ୍ଟେସନ ଉପରେ ନିର୍ଭର କରନ୍ତି। ଅନେକ ଦ୍ରୁତଗାମୀ ଟ୍ରେନ୍ ଏଠାରେ ଅଟକେ। ସମ୍ପ୍ରତି ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ମାଲଦାରୁ ବାହାରି ଓଡ଼ିଶାର ଜଳେଶ୍ୱର, ସୋର, ଭଦ୍ରକ ପରେ ସିଧାସଳଖ କଟକ, ଭୁବନେଶ୍ୱର, ଖୋର୍ଦ୍ଧାରୋଡ, ପଲସା ହୋଇ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିବ। ବାଲେଶ୍ୱର ଜିଲ୍ଲାରେ କମ୍ ବ୍ୟବଧାନରେ ୩ଟି ଷ୍ଟେସନରେ ଅଟକିବା ସତ୍ତ୍ୱେ ବ୍ୟବସାୟ ଓ ଯାତ୍ରାଙ୍କ ପାଇଁ ବିଶେଷ ମହତ୍ତ୍ୱ ରଖୁଥିବା ଯାଜପୁର ରୋଡ ଷ୍ଟେସନରେ ଏହି ଟ୍ରେନ୍ ଅଟକିବ ନାହିଁ। ଏହି ଯାଜପୁର ରୋଡ ଷ୍ଟେସନରୁ ରେଳ ବିଭାଗ ରାଜକୋଷକୁ କୋଟି କୋଟି ଟଙ୍କା ରାଜସ୍ୱ ଯାଉଥିବାବେଳେ ଏହାକୁ ଅଣଦେଖା କରାଯାଇଛି। ରେଳ ବିଭାଗର ଏହି ନିଷ୍ପତ୍ତି ଯୋଗୁଁ ଲକ୍ଷ ଲକ୍ଷ ରେଳଯାତ୍ରୀଙ୍କୁ ହତାଶ କରିଛି। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଓ ରେଳ ବିଭାଗର ଉନ୍ନତି ପାଇଁ ଯାଜପୁରରୋଡ୍‌ରେ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ରହଣି ପାଇଁ ଆକାଶ ଦାସନାୟକ ଦାବି କରିଛନ୍ତି। ଆଶା ଓ ବିଶ୍ୱାସ ରଖିଛନ୍ତି ଯେ ରେଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେବେ।

ଆଦିକନ୍ଦ ସାହୁ ପାଇବେ ଅଖିଳ ଚକ୍ର ମକର ସମ୍ମାନ

ବିଂଝାରପୁର, ୪।୧(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଅଖିଳ ଚକ୍ର ମକର ମିଳନ ବରୁଣେଶ୍ୱର କ୍ଷେତ୍ରରେ ଅନୁଷ୍ଠିତ ହେଉଛି। ଏ ନେଇ ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମକର ସଂକ୍ରାନ୍ତି ଦିନ ସକାଳୁ ଭଜନାଞ୍ଜଳି, ବ୍ୟାସକବି ଜୟନ୍ତୀ, ସ୍ୱରଚିତ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି। ଚଳିତ ବର୍ଷ ରାଜ୍ୟସ୍ତରୀୟ ଅଖିଳ ଚକ୍ର ମକର ସମ୍ମାନ ପ୍ରଫେସର ଡଃ ଆଦିକନ୍ଦ ସାହୁଙ୍କୁ ଦିଆଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ଜଗନ୍ନାଥ ଦାସ ସ୍ମୃତି ସମ୍ମାନ କବି ନିରାକାର ଦାସ, ରବୀନ୍ଦ୍ର ପାଢ଼ୀ କବିତା ପୁରସ୍କାର କବି କୃଷ୍ଣ କୁମାର ମହାନ୍ତି, କପିଳ ଚରଣ ଜେନା ସ୍ମୃତି ସମ୍ମାନ ଡଃ ନୃସିଂହ ଚରଣ ବେହେରା, ଦୁର୍ଗାଚରଣ ପରିଡ଼ା ସ୍ମୃତି ସମ୍ମାନ ବରିଷ୍ଠ ନାଗରିକ ନାରାୟଣ ପଟ୍ଟନାୟକ, ପ୍ରମୋଦିନୀ ସାମଲ ସ୍ମୃତି ସମ୍ମାନ ବିଦ୍ୟୁତଲତା ଦାସ, ଅଂଶୁମାନ ସ୍ମାରକୀ ସମ୍ମାନ ସମ୍ମାନ ଡାକ୍ତର ଏଲବି ରାଉତରାୟ, ପଞ୍ଚାନନ ନାୟକ ସ୍ମୃତି ସମ୍ମାନ ଡାକ୍ତର ଶାନ୍ତିପ୍ରିୟା ମୁର୍ମୁ, ସାମ୍ବାଦିକ ଆନନ୍ଦ ବିହାରୀ ବର୍ମା ସ୍ମାରକୀ ସମ୍ମାନ ପ୍ରଭାତ କୁମାର ମହାନ୍ତି, କବୟିତ୍ରୀ ଅକ୍ଷୟାରାଣୀ ବିଶ୍ୱାଳ ସ୍ମୃତି ସମ୍ମାନ ପ୍ରତିଭା ଖିଲାର, ନଟବର ନାୟକ ସ୍ମୃତି ସମ୍ମାନ ମଞ୍ଚ କଳାକାର ପ୍ରଭାତ ତ୍ରିପାଠୀ, ଗୌରାଙ୍ଗ ଦାଶ ସ୍ମୃତି ସମ୍ମାନ ଶିକ୍ଷାବିତ ନାରାୟଣ ଚନ୍ଦ୍ର ଦାସ, ମହେଶ୍ୱର ସାମଲ ସ୍ମୃତି ସମ୍ମାନ ପ୍ରଶାନ୍ତ କୁମାର ସାହୁ ଓ ସାଇକ୍ରିଷ୍ଟ ଜେନା, ମଧୁସୂଦନ ଜେନା ସ୍ମୃତି ସମ୍ମାନ ଅଭିନେତା ସୋମନାଥ ଦ୍ୱିବେଦୀ, ଶିକ୍ଷକ ଗୋପାଳ ସ୍ୱାଇଁ ସ୍ମୃତି ସମ୍ମାନ ଶିକ୍ଷକ ରତନଲାଲ ଭୂୟାଁ, ପ୍ରମୋଦ ନାୟକ ସ୍ମୃତି ସମ୍ମାନ ଶିକ୍ଷକ ସୁରେନ୍ଦ୍ର କୁମାର ନାୟକ, ପରମାନନ୍ଦ ଶରଣ ସ୍ମୃତି ସମ୍ମାନ ଲେଖକ ଜଗନ୍ନାଥ ଧଳ, ଲକ୍ଷ୍ମୀପ୍ରିୟା ସ୍ମୃତି ସମ୍ମାନ ହାସ୍ୟାଭିନେତା ସଞ୍ଜୟ କୁମାର ମହାନ୍ତି, ଶରତ ଜେନା ସ୍ମୃତି ସମ୍ମାନ ଗବେଷକ ଲେଖକ ରବି ଶତପଥୀଙ୍କୁ ଦିଆଯିବାକୁ ଏହି ବୈଠକରେ ଘୋଷଣା କରାଯାଇଛି। ବୈଠକରେ ଡଃ ଶ୍ରୀହରି ଧଳ, ଗୌରାଙ୍ଗ ସ୍ୱାଇଁ, ପୀତାମ୍ବର ସ୍ୱାଇଁ, ରବୀନ୍ଦ୍ର କୁମାର ପରିଡ଼ା, ସମ୍ପାଦକ ହରେକୃଷ୍ଣ ପଣ୍ଡା, ପ୍ରମୋଦ ଚନ୍ଦ୍ର ପାଠୀ ଉପସ୍ଥିତ ରହି ମନୋନୟନରେ ଅଂଶଗ୍ରହଣ କରିଥିଲେ।

ଜ୍ୟୋତିରଞ୍ଜନ କ୍ରିକେଟ୍ କ୍ଲବ୍ ଗୃହର ଶିଳାନ୍ୟାସ

ମଙ୍ଗଳପୁର, ୪।୧(ସମିସ): ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତସ୍ଥ ଏସଜି କଲେଜ ନିକଟ ମୂଲିଆପାଟଣାଠାରେ ଜ୍ୟୋତିରଞ୍ଜନ କ୍ରିକେଟ କ୍ଲବ ଗୃହ ପାଇଁ ଶିଳାନ୍ୟାସ କରାଯାଇଛି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି ତଥା ଯାଜପୁରର ବରିଷ୍ଠ ବିଜେଡି ନେତା କର୍ଣ୍ଣାଟକେଶରୀ ଦାସ ଶିଳାନ୍ୟାସ କରିଥିବାବେଳେ ଉକ୍ତ ଉତ୍ସବରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଦଶରଥପୁର ବ୍ଲକ ଯୁବନେତା ତଥା କନିକାପଡ଼ା ପଞ୍ଚାୟତର ଯୁବ ଙ୍ଗ ତିମିରକାନ୍ତ ସେନାପତି, ଦଶରଥପୁର ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜିତ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଜ୍ୟୋତି ମେମୋରିଆଲ କ୍ରିକେଟ କ୍ଲବ୍ ସଭାପତି ତଥା କନିକାପଡ଼ା ପଞ୍ଚାୟତ ସରପଞ୍ଚ ପ୍ରଦୀପ କୁମାର ଯେନା, କ୍ଲବର ସମ୍ପାଦକ ପଞ୍ଚାବ କେଶରି ମହାପାତ୍ର, କନିକାପଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରାକେଶ କୁମାର ସାହୁ, ଯୁବନେତା ଚିତ୍ତରଞ୍ଜନ ବଳ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ସଭ୍ୟ ମନୋଜ ମହାପାତ୍ର, ଗୌତମ ମହାପାତ୍ର, ନରେଶ ରାଉତ, ଆଶିଷ ମହାପାତ୍ର, ଜ୍ୟୋତିପ୍ରକାଶ ସାମଲ, ଦେବେନ୍ଦ୍ର ଯେନା, ଆଶୁତୋଷ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

୭୫ ଲିଟର ଦେଶୀମଦ ଜବତ, ୪ ଗିରଫ

ବ୍ୟାସନଗର, ୪।୧(ସମିସ): ଗୁରୁବାର ୫ଟା ସମୟରେ ଡୋଲୀପୁର ଅବକାରୀ ପକ୍ଷରୁ କୋରେଇର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇ ୭୫ ଲିଟର ଦେଶୀମଦ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଡୋଲୀପୁର ଅବକାରୀ ବିଭାଗ ଅଧିକାରୀ ଶ୍ରୀକାନ୍ତ କୁମାର ପଣ୍ଡା କୋରେଇ ଥାନା ଅଶୋକଝର, ତୁଳତୀ, ବ୍ରାହ୍ମଣୀଦେବୀ ଓ ପଛିକୋଟ ଅଞ୍ଚଳରେ ଚଢ଼ଉ କରିଥିଲେ। ଏହି ସମୟରେ ୨ ଜଣ ପୁରୁଷ ଓ ୨ ଜଣ ମହିଳା ଘରେ ଓ କ୍ୟାବିନରେ ଦେଶୀମଦ ରଖି ବିକୁଥିବା ଦେଖି ଗିରଫ କରିନେଇଥିଲେ। ଏମାନେ ହେଲେ ଚନ୍ଦ୍ରରା କଡ଼ିଆନ, ଆକାଶ ଖଟୁଆ, ପୁଟି ମୁଖୀ ଓ ସସ୍ମିତା ମୁଖୀ। ଅବକାରୀ ବିଭାଗ ପକ୍ଷରୁ ଏହି ଅଭିଯୁକ୍ତଙ୍କ ବିରୋଧରେ ୪ଟି ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୭୫ ଲିଟର ଦେଶମଦ ଜବତ ହୋଇଥିବା ସୂଚନା ମିଳିଛି। ଏହି ଚଢ଼ଉରେ ଏସଆଇ କ୍ଷୀରୋଦ କୁମାର ସାହୁ, ବିଭୂପ୍ରସାଦ ସାହୁ, କର୍ମଚାରୀ ଲେବା ହେଂସା, ଚଗଲା ମଲ୍ଲିକ ସାମିଲ ଥିଲେ।

ଦାନଗଦି ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଡାକ୍ତର ନ ଥିବାରୁ ଖୋଲୁନି ମା' ଓ ଶିଶୁ ଯତ୍ନ କେନ୍ଦ୍ର

ଦାନଗଦି, ୪।୧(ସମିସ): ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଭାବେ ନିର୍ମିତ ୩୦ ଶଯ୍ୟା ବିଶିଷ୍ଟ ମା ଓ ଶିଶୁ ଯତ୍ନ କେନ୍ଦ୍ରକୁ ଗତ ଅକ୍ଟୋବର ୩୦ ତାରିଖରେ ଉଦ୍‌ଘାଟନ କରା ଯାଇଛି। ହେଲେ ଏଯାଏଁ ଜଣେ ବି ବିଶେଷଜ୍ଞ ଡାକ୍ତର ଏଠାରେ ନିଯୁକ୍ତି ପାଇପାରିନାହାଁନ୍ତି। ଫଳରେ ଦୈନନ୍ଦିନ ଏଠାକୁ ଆସୁଥିବା ଶିଶୁ ଚିକିତ୍ସା ନ ପାଇ ଅନ୍ୟତ୍ର ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି ଓ ମୃତ୍ୟୁମୁଖରେ ପଡୁଛନ୍ତି। ଦାନଗଦି ବ୍ଲକର ୨୩ଟି ପଞ୍ଚାୟତର ଜନସାଧାରଣ କିପରି ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ୫ କୋଟି ଟଙ୍କା ବ୍ୟୟରେ ଏକ ଏମସିଏଚ୍ ବିଲ୍ଡିଂ ନିର୍ମାଣ କରିଛନ୍ତି। ଏହି ବିଲ୍ଡିଂ ମା ଓ ଶିଶୁଙ୍କ ପାଇଁ ବେଶ ସହାୟକ ହୋଇପାରିବ। '୫-ଟି'ରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ

ଅନ୍ତର୍ଭୁକ୍ତ କରାଯାଇଛି। ଯାହାକି ଆଗକୁ ସ୍ୱାସ୍ଥ୍ୟ ସେବାରେ ବହୁ ଉନ୍ନତି ଘଟିବା ସହ ଭିତ୍ତଭୂମିର ମଧ୍ୟ ବିକାଶ ଘଟିବ ବୋଲି ମନ୍ତ୍ରୀ ଶ୍ରୀ ଘଡ଼ାଇ ଉଦ୍‌ଘାଟନୀ ଉତ୍ସବରେ କହିଥିଲେ। ତେବେ ଡାକ୍ତର ନ ଥିବାରୁ ରୋଗୀ ସେବା ଠପ୍ ହୋଇଛି। ଏହି ସିଏଚସି ଅଧୀନରେ ୪ଟି ପିଏଚସି ରହିଛି। ସମସ୍ତ ପିଏଚସିରୁ ଗୁରୁତର ଅବସ୍ଥାରେ ଉଭୟ ମା ଓ ଶିଶୁଙ୍କୁ ଦାନଗଦି ଡାକ୍ତରଖାନାକୁ ଆସୁଛନ୍ତି ହେଲେ ଏଠି ପହଞ୍ଚିବା ପରେ ନିରାଶ ହୋଇ ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି। ଶିଶୁ ମୃତ୍ୟୁହାର ରୋକିବା ପାଇଁ ସରକାର ଏକ ଭଲ ପଦକ୍ଷେପ ନେଇଛନ୍ତି। ହେଲେ ଜଣେ ଶିଶୁ ବିଭାଗ ଡାକ୍ତରଙ୍କ ବିନା ଏହା ଖୋଲିବା କଷ୍ଟକର ହୋଇପଡ଼ିଛି। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ରାଞ୍ଚି ରେଲୱେକୁ ହରାଇଲା ବାପୁଜୀ କ୍ଲବ୍

ଯାଜପୁର, ୪।୧(ସମିସ)

ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଉଦ୍ଦେଶ୍ୟରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବୋର୍ଣ୍ଣ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ନାଥସାହି ପଞ୍ଚାୟତର ନୂଆପଡ଼ା ଖେଳ ପଡ଼ିଆରେ ଚାଲିଥିବା ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଆଜିର ମ୍ୟାଚ୍ ବାପୁଜୀ କ୍ଲବ୍ ଭୁବନେଶ୍ୱର ଓ ରାଞ୍ଚି ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବାପୁଜୀ କ୍ଲବ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରୁ ୨୦.୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ୍ ସତ୍ୟଜିତ ୨୩ ରନ୍, ସୟଦ ଜାକି ୧୫ ରନ୍ ସଂଗ୍ରହ କରିଥିଲେ। ରାଞ୍ଚି ରେଲୱେର ସୁଦୀପ ପାଶୱାନ ୪ ଓଭର ବୋଲିଂ କରି ୧୦ ରନ୍ ଦେଇ ୩ଟି, ୱାଲଟର ଟପୋ ୨.୪ ଓଭର ବୋଲିଂ କରି ୭ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ରାଞ୍ଚି ରେଲୱେ ୨୩.୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୮୮ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ବାପୁଜୀ କ୍ଲବର ପ୍ରଦୀପ କୁମାର ପ୍ରଧାନ ୪.୪ ଓଭର ବୋଲିଂ କରି ୧୪ ରନ୍ ଦେଇ ୩ଟି, ମନୋଜ କୁମାର ବାରିକ ୫ ଓଭର ବୋଲିଂ କରି ୧୩ ରନ୍ ଦେଇ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପ୍ରଦୀପ କୁମାର ପ୍ରଧାନଙ୍କୁ ବିଶିଷ୍ଟ ବ୍ୟବସାୟୀ ତଥା ମେଲବୋର୍ଣ୍ଣ କ୍ରିକେଟ୍ ଟିମ୍‌ର ପୂର୍ବତନ କ୍ରିକେଟିୟର ରତିକାନ୍ତ ସାହୁ ପୁରସ୍କୃତ କରିଥିଲେ। ଏହି ମ୍ୟାଚ

ସରକାରୀ ଧାନ ମଣ୍ଡି ଉଦ୍‌ଘାଟିତ

ମଞ୍ଜୁରୀରୋଡ, ୪।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ଠାରେ ମା'ମନ୍ତ୍ରାସିନୀ ଏସ୍‌ଏଚ୍‌ଜି ପକ୍ଷରୁ ଆଜି ସରକାରୀ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ସଭାନେତ୍ରୀ ବାସନ୍ତି ପାଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ପ୍ରଣିତ କାନ୍ତି ସାମଲ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଯୁବ ନେତା ନୀଳାମ୍ବର ରାଉତ, ଅଭୟ ବେହେରା, ରାଜକିଶୋର ପାଲ, ମନୋଜ ଜେନା, ରଘୁନାଥ ରାଉତ, ମିଲ କର୍ମଚାରୀ ରାଜେନ୍ଦ୍ର ଲେଙ୍କା, ସରୋଜ ରାଉତ, ମନୋଜ ସିଂ ପ୍ରମୁଖ ଯୋଗଦେଇଥିଲେ। ଏସ୍‌ଏଚ୍‌ଜି ସଦସ୍ୟା ମାନେ ଉପସ୍ଥିତ ଥିବା ବେଳେ ବିଭୂତିଭୂଷଣ ମହାପାତ୍ର, ଅପୂର ରଞ୍ଜନ ରାଉତ, ମନୋଜ ସାହୁ, ଦୁଃଶାସନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ରଙ୍ଗମହଲ ମହିଳା ଗୋଷ୍ଠୀ ପକ୍ଷରୁ ଧାନକ୍ରୟ ଶୁଭାରମ୍ଭ

ଭଦ୍ରକ, ୪।୧(ସମିସ): ଭଦ୍ରକ ବ୍ଲକ ଅଧିନ ଦେସିଂ ପଞ୍ଚାୟତରେ ମା'ରଙ୍ଗମହଲ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଆଜି ଧାନ କ୍ରୟ ଆରମ୍ଭ ହୋଇଛି। ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେସିଂ ପଞ୍ଚାୟତ ସରପଞ୍ଚ ସୁଚିସ୍ମିତା ଜେନା ଓ ଯୁବନେତା ସୌମେନ୍ଦ୍ର ସାହୁ(ବାପ୍ପୁ) ପ୍ରମୁଖ ବହୁ ମହିଳା ଗୋଷ୍ଠୀ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ।

ଭଦ୍ରକରେ ବିକ୍ଷୋଭ ଓ ପ୍ରତିବାଦ ସଭା

ଭଦ୍ରକ, ୪।୧(ସମିସ): କେନ୍ଦ୍ର ସରକାର ଦୁର୍ଘଟଣା ଜନିତ ଘଟଣା ପାଇଁ ଡ୍ରାଇଭର ମାନଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ଓ ସେମାନଙ୍କ ଉପରେ ୭ ଲକ୍ଷ ଜରିମାନା ଜନକ କଳା ଆଇନ ଆଣିଛନ୍ତି। ଏହା ବିରୋଧରେ ସିଆଇଟିୟୁ ଅନୁବନ୍ଧିତ ଓଡ଼ିଶା ମୋଟର କର୍ମଚାରୀ ସଂଘ ଓ ପରିବହନ ଶ୍ରମିକ ଫେଡେରେସନ ପକ୍ଷରୁ ଭଦ୍ରକ ବନ୍ତ ଛକଠାରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ସିଆଇଟିୟୁ ଜିଲ୍ଲା ଉପ-ସଭାପତି ରାଧା ଦାସ ସଭାପତିତ୍ୱ କରିଥିବାବେଳେ ସିଆଇଟିୟୁ ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ବୀମା କର୍ମଚାରୀ ନେତା ବାମଦେବ ମିଶ୍ର, ବରିଷ୍ଠ ଚାଷୀନେତା ଚନ୍ଦ୍ରଶେଖର ନାୟକ, ପ୍ରଫୁଲ୍ଲ ପାଢ଼ୀ, ନିରଞ୍ଜନ ପାଣି, ଯୁବ ନେତା ବିକାଶ ନାଥ, ବିନୋଦ ସାହୁ, ଆଇନଜୀବୀ ଗିରିଧାରୀ ନାଥ, ଯୁବ ନେତା କାଲୁ ଖାନ୍, ମିନାଜ ଖାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିବା ସହ ନେତୃତ୍ୱ ନେଇଥିଲେ।

ବରିଷ୍ଠ ନାଗରିକ ସଂଘର ବୈଠକ

ତିହିଡ଼ି, ୪।୧(ସମିସ): ତହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଂଘର ଦିବ୍ୟଭୂମି ଜୋନ୍‌ର ଜୋନ୍ ବୈଠକ କୋହ୍ଲ ଦିବ୍ୟଭୂମି ପ୍ରକୋଷ୍ଠରେ ସଭାପତି ହରିହର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପରିବାର ମଧ୍ୟରେ ସ୍ନେହ ପ୍ରେମ ଓ ସଦ୍‌ଭାବ ଥିଲେ ପରିବାରଟି ଶୃଙ୍ଖଳିତ ହୋଇଥାଏ। ସେହିପରି ପ୍ରତ୍ୟେକ ବରିଷ୍ଠ ନିଜ ନିଜର ପରିବାର ଠାରୁ ଆରମ୍ଭ କରି ନିଜ ନିଜ ଗ୍ରାମରେ ସଦ୍‌ଭାବ ରଖି ଏକ ସୁସ୍ଥ ସମାଜ ଗଠନର ପ୍ରୟାସ କରିବା ଉଚିତ୍ ବୋଲି ଅତିଥିମାନଙ୍କର ମତ ପ୍ରକାଶ ପାଇଥିଲା। ସର୍ବପ୍ରଥମେ ବରିଷ୍ଠ ନାଗରିକ ସଂଘର ଜୋନ୍ ସମ୍ପାଦକ ବଳରାମ ସେନାପତି ସଂଘର ଆଦର୍ଶ ସମ୍ପର୍କରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଦିବ୍ୟଭୂମି ଜୋନ୍‌ର ସମସ୍ତ ସଭ୍ୟ ନିଜ ନିଜର ଅସୁବିଧା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବ୍ଲକ ସଂଘ ଉପଦେଷ୍ଟା ସୁରେନ୍ଦ୍ର ମାୟକ, ସଭାପତି ସୋମନାଥ ପାଢ଼ୀ, ସମ୍ପାଦକ ବିଭୂତିଭୂଷଣ ସେନାପତି, ଉପଦେଷ୍ଟା ନିତ୍ୟାନନ୍ଦ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଜୟଦେବ ଦାସ, ସହ ସମ୍ପାଦକ କରୁଣାକର ମହାରଣା, କୋଷାଧ୍ୟକ୍ଷ ମଥୁରା ମୋହନ ବେହେରା ସଭ୍ୟ ବଳରାମ ମଲ୍ଲିକ, ଜଳଧର ପତି, ଗଙ୍ଗାଧର ସେନାପତି, ଜ୍ଞାନପ୍ରକାଶ ମାହୁନ୍ତ, ବିଶ୍ୱନାଥ ସାହୁ, ଏବଂ ଶିକ୍ଷାବିତ୍ ନୃସିଂହ ମହାପାତ୍ର ସମେତ ବହୁ ସଭ୍ୟ ନିଜ ନିଜର ବକ୍ତବ୍ୟ ରଖିଥିଲେ।

ଆଇନଜୀବୀ ସ୍ନେହାଶିଷ ପଣ୍ଡା ସମ୍ମାନିତ

ଅସୁରାଳି, ୪।୧(ସମିସ): ଭଦ୍ରକ ଜିଲ୍ଲା ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଆନୁକୂଲ୍ୟରେ ବାର୍ଷିକ ନେତ ଉତ୍ସବ ଭଦ୍ରକ କୁଣ୍ଡିବାଗ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ସମିତି ସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସମିତିର ଆବାହକ ସେବକ ଶରତ ଚନ୍ଦ୍ର ସାହୁ ଓ ମୁଖ୍ୟଅତିଥି ଭାବେ ଭଦ୍ରକ ଡେପୁଟି କଲେକ୍ଟର କାର୍ତ୍ତିକ ଚନ୍ଦ୍ର ମଣ୍ଡଳ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ମନ୍ଦିରରେ ହୋମଯଜ୍ଞ ସହ ନେତବନ୍ଧା ନୀତି ସମ୍ପନ୍ନ ହୋଇଥିଲା। ଆୟୋଜିତ ସଭାରେ କଟସାହି ବଡଳନାଳି ଶାସନର ଆରାଧ୍ୟ ଶ୍ରୀରାଧାକାନ୍ତ ଜୀଉ ଓ ଶ୍ରୀଦଧିବାମନ ଜୀଉଙ୍କ ସେବକ ତଥା ଆଇନୀଜୀବୀ ସ୍ନେହାଶିଷ ପଣ୍ଡାଙ୍କୁ ସମିତି ତରଫରୁ ମୁଖ୍ୟଅତିଥି ଡେପୁଟି କଲେକ୍ଟର ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ଦାସ, ସନ୍ତୋଷ ସାହୁ, ମନୋରଞ୍ଜନ ମୁଦୁଲି, ରମେଶ ନାୟକ ଓ ବିଭିନ୍ନ ମନ୍ଦିର ସେବକ ତଥା ବିଶିଷ୍ଟ ଅତିଥିମାନେ ଯୋଗଦାନ କରିଥିଲେ।

ଜବରଦଖଲରେ ସରକାରୀ ଜମି

ଗାଁରେ ହୋଇପାରୁନି ଶ୍ମଶାନ ନିର୍ମାଣ

ଅସୁରାଳି, ୪।୧(ସମିସ)

ଧାମନଗର ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ଦୀର୍ଘ ବର୍ଷ ପରେ ମଧ୍ୟ ଶବ ଦାହ ବା ସତ୍କାର କାର୍ଯ୍ୟ କରିବା ପାଇଁ ନିର୍ଦ୍ଦିଷ୍ଟ ଭାବରେ କୌଣସି ଶ୍ମଶାନଟିଏ ନାହିଁ। ପୂର୍ବ ପୁରୁଷମାନଙ୍କ ଅମଳରୁ ବିଭିନ୍ନ ଗ୍ରାମରେ ଗ୍ରାମବାସୀ ମାନଙ୍କ ଦ୍ୱାରା ନିର୍ବାଚିତ କିଛି ସରକାରୀ ଜମିକୁ ସ୍ୱତନ୍ତ୍ର ଭାବରେ ଶ୍ମଶାନ କାର୍ଯ୍ୟ ପାଇଁ ବ୍ୟବହାର କରାଯାଇ ଆସୁଥିଲା। କାଳକ୍ରମେ ଜନସଂଖ୍ୟା ବୃଦ୍ଧି କାରଣରୁ ହେଉ ବା 'ଯୋର ଯାର ମୂଲକ ତାର' କାରଣରୁ ହୀନସ୍ୱାର୍ଥ ବ୍ୟକ୍ତିମାନେ ଗ୍ରାମାଞ୍ଚଳରେ ଥିବା ଗୋଚର, ଅନାବାଦୀ ଓ ଶ୍ମଶାନ ଜମିକୁ ଅବରୋଧ କରି ବ୍ୟକ୍ତିଗତ ସମ୍ପତ୍ତି କରିନେଲେ। ଫଳରେ ଗ୍ରାମାଞ୍ଚଳର ଚାରଣ ଭୂମି ଓ ଶ୍ମଶାନ ଭୂମି ଆଜି ସମ୍ପୂର୍ଣ୍ଣ ବିଲୁପ୍ତ। ବର୍ତ୍ତମାନ ଗ୍ରାମାଞ୍ଚଳରେ ଶବ ଦାହ ଏକ ବିରାଟ ସମସ୍ୟା ଭାବରେ ଉଭା ହୋଇଛି। କାହାର ସମ୍ପର୍କୀୟମାନଙ୍କ ମୃତ୍ୟୁ ଘଟିଲେ ଶବ ଦାହ କରିବା ଏକ ବିରାଟ ସମସ୍ୟା। ଯାହାର ଅର୍ଥ ବଳ ଅଛି ସେ ପରିବାର ନିଜ ସମ୍ପର୍କୀୟ ବ୍ୟକ୍ତିଙ୍କ ଶବକୁ ଅର୍ଥ ବ୍ୟୟ କରି ପୁରୀ ସ୍ୱର୍ଗଦ୍ୱାର ନେଉଛି କିମ୍ବା ସହରାଞ୍ଚଳରେ ଥିବା ବିଦ୍ୟୁତ ଚାଳିତ ଶବଦାହ କେନ୍ଦ୍ରକୁ ନେଉଛି। ଆଉ ଯାହାର ଅର୍ଥ ବଳ ନାହିଁ ସେ ପରିବାର ରାସ୍ତା କଡ଼, ଉଚ୍ଚ ସ୍ଥାନ କିମ୍ବା ନିଜ ବାଡ଼ିରେ ଶବଦାହ ଅତି କଷ୍ଟରେ କରିବାକୁ ବାଧ୍ୟ ହେଉଛି। କିନ୍ତୁ ବର୍ଷା ଋତୁ, କାଳବୈଶାଖୀ ତଥା ବିଭିନ୍ନ ପ୍ରାକୃତିକ ଆପଦ ସମୟରେ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟ ସରକାର ସାଧାରଣ ଲୋକଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ହୃଦୟଙ୍ଗମ କରି ପ୍ରତ୍ୟେକ ଗ୍ରାମରେ ସୁଲଭ ଶ୍ମଶାନ ନିର୍ମାଣ ବା ସ୍ୱର୍ଗଦ୍ୱାର ଶ୍ମଶାନ ନିର୍ମାଣ ପାଇଁ ପ୍ରତି ପଞ୍ଚାୟତ ଜରିଆରେ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିବା ବେଳେ ଧାମନଗରର ବିଭିନ୍ନ ପଞ୍ଚାୟତ ତଥା ପ୍ରଶାସନର ଉଦାସୀନତା ପାଇଁ ଏହି କାର୍ଯ୍ୟ କେବଳ ଘୋଷଣାରେ ରହି ଯାଇଛି। କେତେକ ଅଞ୍ଚଳରେ ଅଧପନ୍ତରିଆ ହୋଇ ପଡ଼ି ରହିଥିବା ବେଳେ ଆଉ କେତେକ ସ୍ଥାନରେ ନିର୍ମାଣ ହେଉ ହେଉ ଏହି ଶ୍ମଶାନ ଶବଦାହ ଗୃହ ଭାଙ୍ଗି ରୁଜି ଯାଇଥିବା ଦେଖିବାକୁ ମିଳିଛି। ଧାମନଗର ବ୍ଲକ ଏକ ଚିର ବନ୍ୟାପ୍ଲାବିତ ଅଞ୍ଚଳ ଏଠାରେ ତଳୁଆ ଅଞ୍ଚଳର ଲୋକେ ବର୍ଷାଦିନେ ବିଶେଷ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଆଉ ଗୋବିନ୍ଦପୁର, ଖପରପଦା, ଆସୁରାଳି, କୋଠାର, କଟସାହି ପ୍ରଭୃତି ପଞ୍ଚାୟତରେ କୌଣସି ଗ୍ରାମରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇ ନାହିଁ କିମ୍ବା ଗ୍ରାମ ପଞ୍ଚାୟତ ବା ପ୍ରଶାସନ ଏଥି ପ୍ରତି ମଧ୍ୟ ଆଗ୍ରହ ପ୍ରକାଶ କରୁଥିବାର ଦେଖିବାକୁ ମିଳୁନାହିଁ। ଫଳରେ ଜନ ସାଧାରଣଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ପ୍ରକାଶ ପାଇଛି। ଉପରୋକ୍ତ ଗ୍ରାମ ପଞ୍ଚାୟତରେ ସ୍ୱର୍ଗଦ୍ୱାର ଶ୍ମଶାନ ବା ଶବଦାହ ଘର ନିର୍ମାଣ ପାଇଁ ଦାବି ଜୋର ଧରିଛି।

ଚଡ଼ଦିଆ ପ୍ରାଥମିକ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଚାନ୍ଦବାଲି, ୪।୧(ସମିସ): ଚାନ୍ଦବାଲି ବ୍ଲକ ଚଡ଼ଦିଆ ପ୍ରାଥମିକ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କୁ ନେଇ ମେଧା ଅନ୍ୱେଷଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଛାତ୍ରଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ଏକକ ଅଭିନୟ ଭଳି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶେଷ କରି ଚଡ଼ଦିଆ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ ଜେନାଙ୍କ ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ କୁନିକୁନି ପିଲାଙ୍କୁ ନେଇ ଏଭଳି ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି ଉତ୍ସବରେ ଚଡଦିଆ, ଶୈଳେନ୍ଦ୍ରପଲ୍ଲୀ, ରାଜେନ୍ଦ୍ରପଲ୍ଲୀ ଓ ନଳଗୋହିରା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏଥିରେ ବଣିକ ସଂଘର କର୍ମକର୍ତ୍ତା ମାନେ ସହଯୋଗ କରିଥିବା ବେଳେ ମୁଖ୍ୟ ପ୍ରେରଣା ସାଜିଥିଲେ ପ୍ରଶାନ୍ତ ମହାଳିକ(ପସ), ଲକ୍ଷ୍ମୀଧର ଦାସ(ତୁଫାନ)। ଏହି କାର୍ଯ୍ୟକ୍ରମରେ କଂଗ୍ରେସରେ ବରିଷ୍ଠ ନେତା କିଣୁରାମ ଜେନା, ସରପଞ୍ଚଙ୍କ ପ୍ରତିନିଧି ପ୍ରସାନ୍ତ ମାଝୀ, ପୂର୍ବତନ ଶିକ୍ଷକ ଭାସ୍କର ଚନ୍ଦ୍ର ସାହୁ, ଦିବାକର ନାୟକ ସମେତ ଶ୍ୟାମପଦ ରାଉତ, ସୁନୀଲ ପଟ୍ଟନାୟକ, ବିଚିତ୍ର ସୁତାର, ହେମନ୍ତ ମହାଳିକ ପ୍ରମୁଖ ଉପସ୍ଥିତ ରହିଥିଲେ।

ବୋଡ଼କରେ ବିଜେଡିର କର୍ମୀ ସମ୍ମିଳନୀ

ତିହିଡ଼ି, ୪।୧(ସମିସ): ଧାମନଗର ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ବୋଡ଼କ ପଞ୍ଚାୟରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଶଶଧର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠି ସଭାରେ ସାଂସଦ ମଞ୍ଜୁଲତା ମଣ୍ଡଳ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଆମ ଓଡ଼ିଶା ନବୀନ ଓଡ଼ିଶା ଭଦ୍ରକ ଜିଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ସରପଞ୍ଚ ସୁବାଷିନୀ ଜେନା, ସମିତି ସଭ୍ୟ ଜୟପ୍ରକାଶ ମଲିକ, ସମବାୟ ସମିତି ସଭାପତି ରତିକାନ୍ତ ମଲିକ, ଯୁବ ସଭାପତି ପ୍ରଶାନ୍ତ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଦଳର ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ନିର୍ବାଚନରେ ଧାମନଗର ନିର୍ବାଚନ ମଣ୍ଡଳୀ ନିଶ୍ଚିତ ଭାବେ ବିଜେଡି ବିଜୟଲାଭ କରିବ ଓ କର୍ମୀମାନେ ସମର୍ପିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ପଞ୍ଚାୟତରେ ୩ ଜଣ ୱାର୍ଡ଼ ସଭ୍ୟଙ୍କ ସମେତ ବହୁ କର୍ମୀ ଅନ୍ୟଦଳ ପରିତ୍ୟାଗ କରି ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗଦେଇଥିଲେ। ପଞ୍ଚାୟତର ରାଣାପ୍ରତାପ ନାୟକ, ସ୍ମୃତିରଞ୍ଜନ ସାମଲ, କାଳିନ୍ଦୀ ଓଝା, ଦେବାଶୀଷ ନାୟକ, ଦେବାଶୀଷ ଭୋଇ, ସନ୍ତୋଷ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଭଦ୍ରକ, ୪।୧(ସମିସ): ଗରଦପୁର ସ୍ଥିତ ସତ୍ୟସାଇ ବିଷ୍ଣୁମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଆସନ୍ତା ୧୨ ଓ ୧୩ ତାରିଖରେ ମହାଆଡ଼ମ୍ବରରେ ହେବାକୁ ଯାଉଅଛି। ଏହି ଉପଲକ୍ଷେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ରାଜନେତା ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କୁ ଉଦ୍‌ବୋଧନ ଦେବେ ବୋଲି ସଦୟ ସ୍ୱୀକୃତି ପ୍ରଦାନ କରିଅଛନ୍ତି। ୧୨ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଓଡ଼ିଶାର ପ୍ରସିଦ୍ଧ ହ୍ୟୁମାନ୍ ସାଗର ମେଲୋଡ଼ି ତାଙ୍କର ସବୁ ପ୍ରକାର କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଏବଂ ସମ୍ପାଦକ ମୀନା ପଣ୍ଡା ସମସ୍ତଙ୍କୁ ଏଥିରେ ଯୋଗଦେବାକୁ ଅନୁରୋଧ କରୁଛନ୍ତି।

୧୯୭୬ ମାଟ୍ରିକ ବ୍ୟାଚ ବନ୍ଧୁମିଳନ ଉତ୍ସବ

ତିହିଡ଼ି, ୪।୧(ସମିସ): ତିହିଡ଼ି ଚନ୍ଦ୍ର ଶେଖର ରତ୍ନାକର ସହଯୋଗ ଉଚ୍ଚ ବିଦ୍ୟାଳୟ ୧୯୭୬ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଭୂପେନ୍ଦ୍ର କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ ଯୋଗଦେଇ ସେମାନଙ୍କ ଛାତ୍ର ଜୀବନର ସ୍ମୃତି ରୋମନ୍ଥନ କରିଥିଲେ। ସଭା ଆରମ୍ଭରେ ପରଲୋକ ଗମନ କରିଥିବା ଶିକ୍ଷକ ଓ ବନ୍ଧୁମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ରୌପ୍ୟ ଜୟନ୍ତୀ ଉତ୍ସବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବନ୍ଧୁ ମିଳନରେ ମୁକ୍ତିକାନ୍ତ ନାୟକ, ମହେଶ୍ୱର ଦୀକ୍ଷିତ, ଅଶୋକ ସାହୁ, ରତ୍ନାକର ସାହୁ, ରବିଶଙ୍କର ଦାଶ, ମାୟାଧର ପାଢ଼ୀ, ଆଦିକନ୍ଦ ସାହୁ, ଅରକ୍ଷିତ ସାହୁ, ସୁରେଶ ଚନ୍ଦ୍ର ତ୍ରିପାଠୀ, ସୁଧୀର ପାଣିଗ୍ରାହୀ, ହରେକୃଷ୍ଣ ମାହୁନ୍ତ ପ୍ରମୁଖ ବହୁ ଛାତ୍ରମାନେ ଯୋଗଦେଇଥିଲେ।

ଶାରଦା ଦେବୀଙ୍କ ଜୟନ୍ତୀ ପାଳିତ

ମଞ୍ଜୁରୀରୋଡ, ୪।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ କୁଲଣା ବାସୁଳାଇ ପୀଠ ନିକଟ ବିଶୋଳ ଆଶ୍ରମଠାରେ ମା'ଶାରଦା ଦେବୀଙ୍କ ୧୭୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମ ସଭାପତି ସ୍ୱାମୀ ରାମେଶ୍ୱରାନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଜୟନ୍ତୀ କାର୍ଯ୍ୟକ୍ରମରେ ରାମକୃଷ୍ଣଙ୍କ ଅନୁଗତ ଅନେକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଦିବସ ବ୍ୟାପୀ କାର୍ଯ୍ୟକ୍ରମକୁ ବ୍ରହ୍ମ ଚାରିଣୀ ଦେବବତୀଙ୍କ ସମେତ କଳ୍ପତରୁ ଜେନା, ମାଣିକ ଜେନା, ଶାରଦା ନାୟକ, ବିଶ୍ୱରୂପା ଜେନା, କୌଶଲ୍ୟା ରାଉତ ପ୍ରମୁଖ ପରିଚାଳନା କରିଥିଲେ।

କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଅସୁରାଳି, ୪।୧(ସମିସ): ଯାଜପୁର ଜିଲ୍ଲାର କଳିଙ୍ଗନଗର ଠାରେ ପୁଲିସ ଗୁଳିରେ ପ୍ରାଣ ହରାଇଥିବା ଆଦିବାସୀମାନଙ୍କ ସ୍ମୃତିରେ ଆଜି ଧାମନଗର ବ୍ଲକ କଂଗ୍ରେସ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ଆଇନଜୀବୀ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ମହମବତୀ ଜାଳି ମୃତ ଆଦିବାସୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶ୍ରୀକାନ୍ତ ପଣ୍ଡା, ମାନସରଞ୍ଜନ ସାହୁ, ସୁଶାନ୍ତ ପଣ୍ଡା, ସୁଦର୍ଶନ ଜେନା, ବିକ୍ରମ ମହାପାତ୍ର, ସନ୍ତୋଷ ମୁଦୁଲି, ଚିନ୍ମୟ ମାଝୀ, ଅକ୍ଷୟ ପଲେଇ, ଭରତ ଜେନା, ନାରାୟଣ ଚନ୍ଦ୍ର ପୁଞ୍ଜୁଆ ପ୍ରମୁଖ ଅନ୍ୟ କଂଗ୍ରେସର ଛାମୁଆ ନେତା ଉପସ୍ଥିତ ଥିଲେ।

ଡ.ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧ ଦିବସ ପାଳିତ

ଧାମନଗର, ୪।୧(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ, ନବ ଉତ୍କଳର ନିର୍ମାଣ, ଉତ୍କଳକେଶରୀ ଡ.ହରେକୃଷ୍ଣ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

୪୪୧ କନିଷ୍ଠ ଯନ୍ତ୍ରୀଙ୍କୁ...

କରିଥାଏ। ଏହି ବିଭାଗର ଯନ୍ତ୍ରୀମାନେ ଚାଷ ଜମିକୁ ଜଳ ଯୋଗାଣ, ବନ୍ୟା ଦାଉରୁ ସୁରକ୍ଷା ଏବଂ ପାନୀୟ ଜଳ, ଶିଳ୍ପ, ମତ୍ସ୍ୟ ଚାଷ ଏବଂ ଅନେକ ଜୀବନ ପରିବର୍ତ୍ତନକାରୀ କାର୍ଯ୍ୟ ନିଜ ହାତକୁ ନେଇଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ରାଜ୍ୟରେ ଏବେ ୪ ହଜାରରୁ ଅଧିକ ଡ୍ୟାମ୍ ରହିଥିବା ବେଳେ ଆହୁରି ଅନେକ ପ୍ରକଳ୍ପର ନିର୍ମାଣ କାମ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୩୦ଟି ନଦୀଗର୍ଭ ଜଳାଶୟ କାମ ଆରମ୍ଭ ହୋଇଥିଲା ବେଳେ ପରବର୍ତ୍ତି ପର୍ଯ୍ୟାୟରେ ଆଉ ୪୧ଟି ପ୍ରକଳ୍ପ ଆରମ୍ଭ ହେବ। ଏହି ପ୍ରକଳ୍ପ ଗୁଡିକ ଜଳ ସଂରକ୍ଷଣ, ଗ୍ରାମୀଣ ଅଞ୍ଚଳକୁ ଜଳ ଯୋଗାଣ, ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହେବ। ଜଳବାୟୁ ପରିବର୍ତ୍ତନ ଜନିତ ଆହ୍ୱାନର ମୁକାବିଲା କରିବାରେ ଏହି ପ୍ରକଳ୍ପ ଗୁଡିକ ବେଶ୍ ଉପାଦେୟ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ଏହି ଅବସରରେ ରାଜ୍ୟ ଜଳସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ଚାଷୀମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ଉଦ୍ୟମ କରୁଛନ୍ତି। ଏକ ନୂତନ ଓଡ଼ିଶା ଗଠନରେ ଚାଷୀମାନେ ଅଗ୍ରଣୀ ଭୂମିକା ନିର୍ବାହ କରିବେ। ରାଜ୍ୟର ରୂପାନ୍ତରଣ ଯାତ୍ରାରେ ଯନ୍ତ୍ରୀମାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଦୁଇ ଜଣ ନବ ନିଯୁକ୍ତ ଯନ୍ତ୍ରୀ ବିଷ୍ଣୁପ୍ରିୟା ସାମଲ ଓ ଜୀବନ ଜ୍ୟୋତି ରାଉତ କହିଥିଲେ, ଅଟୋମେଟିକ୍ ଚଏସ୍ ଲକିଂ ବ୍ୟବସ୍ଥା ମାଧ୍ୟରେ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛ ଓ ତ୍ୱରିତ ହୋଇଥିବା ପ୍ରକାଶ କରିଛନ୍ତି। ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ କହିଛନ୍ତି ଯେ ଆମେ ଜଳସମ୍ପଦ ଭିତ୍ତିଭୂମି ସୃଷ୍ଟି କରୁଥିବାରୁ କୃଷକ ସଶକ୍ତିକରଣରେ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଏହି ବିଭାଗର କାର୍ଯ୍ୟ ପରିସର ଓ ଦାୟିତ୍ୱ ବୃଦ୍ଧି ପାଉଥିବାରୁ ଆପଣମାନେ ଏକ ଟିମ୍ ଭାବେ କାମ କରି ଅତ୍ୟାଧୁନିକ ବୈଷୟିକ କୌଶଳ ଜରିଆରେ ନିର୍ଦ୍ଧାରିତ ସମୟ ଭିତରେ ପ୍ରକଳ୍ପ ଶେଷ କରିବା ଉଚିତ। କାର୍ଯ୍ୟକ୍ରମ ଶେଷରେ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତି ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

୮ ମାସରେ ସୁନ୍ଦରଗଡ଼କୁ...

ପରିଦର୍ଶନ କରିବା ସହ ମନ୍ଦିରର ସୌନ୍ଦର୍ଯ୍ୟକରଣ କାମର ଅଗ୍ରଗତି ନେଇ ଟ୍ରଷ୍ଟବୋର୍ଡ ସହ ଆଲୋଚନା କରିଛନ୍ତି। ସମଲେଇ ମନ୍ଦିର ବ୍ୟତୀତ ରାଉରକେଲାର ବେଦବ୍ୟାସ ମନ୍ଦିର, ଗୋଘର ଶିବ ମନ୍ଦିର ଓ ବେଲସରା ଶିବ ମନ୍ଦିର ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା କରିଛନ୍ତି ଶ୍ରୀ ପାଣ୍ଡିଆନ୍। ଏହାପରେ ରାଜଗାଙ୍ଗପୁରର ଜାମପାଲି ପଡ଼ିଆଠାରେ ଆୟୋଜିତ ଏକ ବିରାଟ ଜନ ସମାବେଶରେ ଯୋଗ ଦେଇଛନ୍ତି। ସମାବେଶରେ ସେ ସାଧାରଣ ଲୋକଙ୍କ ନିକଟକୁ ଯାଇ ସେମାନଙ୍କୁ ନବବର୍ଷ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ଓ ସେମାନଙ୍କର ଆପତ୍ତି ଅଭିଯୋଗ ଶୁଣିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ଓଡ଼ିଶାକୁ ସଶକ୍ତ କରିବା ହିଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ। ସେଥିପାଇଁ ଏ ସରକାର ସାଧାରଣ ଲୋକଙ୍କର ଓ ଆପଣମାନଙ୍କର ସରକାର। ଏଥିପାଇଁ ମୁଖ୍ୟମନ୍ତ୍ରୀ ମା'ମାନଙ୍କୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ମା'ମାନେ ଆଗେଇ ଆସିଲେ ଓଡ଼ିଶା ଦୌଡ଼ିବ, ଅଧିକ ସଶକ୍ତ ହେବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗତ ମାର୍ଚ୍ଚ ମାସ ୧୨ ତାରିଖରେ ସେ ସୁନ୍ଦରଗଡ଼ ଜିଲ୍ଲାକୁ ଆସିଥିଲେ। ସେତେବେଳେ ସେ ରାଜଗାଙ୍ଗପୁରବାସୀଙ୍କ ପାଖରୁ ୪୦୦ଟି ଅଭିଯୋଗ ପତ୍ର, ଦରଖାସ୍ତ ନେଇ ସମାଧାନ ପାଇଁ ଏଠାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ନେଇ ଯାଇଥିଲେ। ଏହି ଆଧାରରେ ପ୍ରାୟ ସୁନ୍ଦରଗଡ ଜିଲ୍ଲା ପାଇଁ ୯୭୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଲୋକଙ୍କ ଦାବି ଅନୁଯାୟୀ ମୁଖ୍ୟମନ୍ତ୍ରୀ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ଆଦିର ବିକାଶ ପାଇଁ ୯୦ ପ୍ରତିଶତ ପ୍ରକଳ୍ପ ପାଇଁ ଟଙ୍କା ମଞ୍ଜୁର କରିଛନ୍ତି। ରାଜଗାଙ୍ଗପୁରବାସୀଙ୍କ ସବୁଠାରୁ ବଡ଼ ଦୁଃଖ କୁହାଯାଉଥିବା ୧୫ ବର୍ଷର ଅସମାଧିତ ସମସ୍ୟା ରାଜଗାଙ୍ଗପୁରର ରେଲୱେ ଓଭର ବ୍ରିଜ ସମ୍ପର୍କରେ ଅବଗତ ହେବା ପରେ ଏହାକୁ ସମାଧାନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ୪୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସ ମନ୍ଦିରର ରୂପାନ୍ତରଣ ତଥା ସର୍ବାଙ୍ଗୀନ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ୧୪ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ସରବତୀ ଦେବୀ ମହାବିଦ୍ୟାଳୟ, ଡାଲମିଆ ମହାବିଦ୍ୟାଳୟ ଓ ବେଦବ୍ୟାସ ମହାବିଦ୍ୟାଳୟ ପାଇଁ ୧ କୋଟି ୨୫ ଲକ୍ଷ ଲେଖାଏଁ ୩ କୋଟି ୭୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଭିତ୍ତିଭୂମି ତଥା ଗୁଣାତ୍ମକ ଶିକ୍ଷା ନିମନ୍ତେ ରାଜଗାଙ୍ଗପୁରରେ ଥିବା ସମସ୍ତ ସ୍କୁଲ କଲେଜକୁ ୫-ଟି ରୂପାନ୍ତରଣ ଯୋଜନାରେ ସାମିଲ କରାଯାଇଛି। ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସ, ସାଇନ୍ସ କ୍ଲାସ୍ ଆଦି ରୂପାନ୍ତରୀକରଣ କାର୍ଯ୍ୟ ଚାଲିଛି। ଏହିମାସ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ସମାପ୍ତ ହୋଇଯିବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି। ମାର୍ଚ୍ଚ ୧୨ ତାରିଖରୁ ଏପର୍ଯ୍ୟନ୍ତ ମାତ୍ର ୮ ମାସ ଭିତରେ ବିଭିନ୍ନ ଅଭିଯୋଗପତ୍ରର ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ବିକାଶମୂଳକ ପାଇଁ ମୋଟ୍ ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଆଜି ବି ଯେଉଁ ଦରଖାସ୍ତ ତଥା ଅଭିଯୋଗପତ୍ର ମିଳିଛି, ସେସବୁକୁ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିବେ। ମନ୍ଦିର, ମସଜିଦ୍ ଚର୍ଚ୍ଚ ଏବଂ କମ୍ୟୁନିଟି ହଲ୍ ନିର୍ମାଣ ବା ରୂପାନ୍ତରଣ ପାଇଁ ଯେଉଁ ଦରଖାସ୍ତ ଆସିଛି, ସେ ବିଷୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ଆସନ୍ତା ୧୦ ଦିନ ଭିତରେ ଖୁସି ଖବର ଘୋଷଣା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ପାଇଁ ବିଜୁ ସ୍ୱାସ୍ଥ୍ୟ ଯୋଜନା କରିଛନ୍ତି। ଏଥିରେ ପୁରୁଷଙ୍କ ଚିକିତ୍ସା ପାଇଁ ୫ ଲକ୍ଷ, ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଗ୍ରାମାଞ୍ଚଳରେ ସବୁ ଲୋକେ ଯେପରି ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସିତ ହୋଇପାରିବେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନବୀନ କାର୍ଡ ପ୍ରଣୟନ କରିଛନ୍ତି। ଗ୍ରାମାଞ୍ଚଳରେ ଯେଉଁମାନଙ୍କର ବିଜୁ ସ୍ୱାସ୍ଥ୍ୟ କାର୍ଡ ନାହିଁ ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ମାସ ୬ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ନିଜ ନିଜ ନାମ ପଞ୍ଜିକରଣ କରିପାରିବେ।

ଲକ୍ଷ୍ମୀ ଯୋଜନାରେ ଆସନ୍ତା ଫେବୃଆରୀ ମାସରୁ ପ୍ରତି ପଞ୍ଚାୟତରୁ ବ୍ଲକ୍ ପର୍ଯ୍ୟନ୍ତ ଲକ୍ଷ୍ମୀ ବସ୍ ଗଡ଼ିବ। ମାତ୍ର ୫ ଟଙ୍କାରେ ଏହି ବସ୍‌ରେ ସମସ୍ତେ ଯାତ୍ରା କରିପାରିବେ। ସୁନ୍ଦରଗଡ଼ ଜିଲ୍ଲାର ବହୁ ପଞ୍ଚାୟତରେ ବ୍ୟାଙ୍କିଂ ସୁବିଧା ନାହିଁ। ମୁଖ୍ୟମନ୍ତ୍ରୀ ଏବେ ସବୁ ପଞ୍ଚାୟତରେ ବ୍ୟାଙ୍କିଂ ସୁବିଧା କରିବାକୁ 'ଆମ ବ୍ୟାଙ୍କ' ଯୋଜନା ଘୋଷଣା କରିଛନ୍ତି। ସେଠାରେ ଆପଣ ବିଭିନ୍ନ ଭତ୍ତାଠାରୁ ଆରମ୍ଭ କରି ଋଣ ଆଦି ସୁବିଧା ନେଇପାରିବେ ବୋଲି ସେ କହିଛନ୍ତି। ସେହିପରି ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ନୂଆଗାଁଠାରେ ଆୟୋଜିତ ସଭାରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ୨ଟି ଏବଂ ବଣେଇ ନିର୍ବାଚନମଣ୍ଡଳୀ ପାଇଁ ଗୋଟିଏ ନୂଆ ସରକାରୀ ଡିଗ୍ରୀ କଲେଜ ଖୋଲିବା ନେଇ ସେ ଘୋଷଣା କରିଛନ୍ତି। ଏହା ବ୍ୟତୀତ ବଣେଇଁରେ ଡାଏଲେସିସ ସେଣ୍ଟର ପାଇଁ ମୁଖ୍ୟମନ୍ତ୍ରୀ ୧.୮୧ କୋଟି ଟଙ୍କା ମଞ୍ଜୁର କରିଥିବା ଶ୍ରୀ ପାଣ୍ଡିଆନ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଜିଲ୍ଲାକୁ ବହୁତ ଭଲ ପାଆନ୍ତି। ତାର ବାସ୍ତବ ନିଦର୍ଶନ ହେଉଛି ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ଠାରେ ବିଶ୍ୱର ସର୍ବ ଶ୍ରେଷ୍ଠ ହକି ଷ୍ଟାଡିୟମ୍ ନିର୍ମାଣ। ଏହାଦ୍ୱାରା ସୁନ୍ଦରଗଡ଼କୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ନୂଆ ପରିଚୟ ଦେଇ ଓଡ଼ିଶାରେ ଇତିହାସ ସୃଷ୍ଟି କରିଛନ୍ତି। ସୁନ୍ଦରଗଡ଼ ହେଉଛି ହକିର ଏନ୍ଥୁଡ଼ିଶାଳ, ଯେଉଁଠାରୁ ବହୁ ସଂଖ୍ୟାରେ ଯୁବ କ୍ରୀଡାବିତ୍ ହକିରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରି ଓଡ଼ିଶା ପାଇଁ ଗୌରବ ସାଉଁଟିଛନ୍ତି। ଆନ୍ତର୍ଜାତୀୟ ମାନଚିତ୍ରରେ ସୁନ୍ଦରଗଡ଼କୁ ସ୍ଥାନ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ମାତ୍ର ୧୫ ମାସ ମଧ୍ୟରେ ରାଉରକେଲାରେ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ ହକି ଷ୍ଟାଡିୟମ୍ ନିର୍ମାଣ ସମ୍ପୂର୍ଣ୍ଣ କରାଇ ପୁରୁଷ ବିଶ୍ୱକପ୍ ଆୟୋଜନ କରିଛନ୍ତି। କଥା କମ୍ ଏବଂ କାମ ଅଧିକ କରିବାରେ ବିଶ୍ୱାସ ରଖୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁନ୍ଦରଗଡ ଜିଲ୍ଲାବାସୀଙ୍କୁ ଭଲ ପାଇବା ଏବଂ ଜିଲ୍ଲା ପ୍ରତି ପ୍ରତିବଦ୍ଧତାର ଏହା ଜ୍ୱଳନ୍ତ ଉଦାହରଣ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ।

ଉତ୍କଳ ସଂସ୍କୃତି...

ଜୟନ୍ତୀ ଅବସରରେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ସୁଜାତା ରାଉତ କାର୍ତ୍ତିକେୟନ ଏହା କହିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ବର୍ଷକ ମଧ୍ୟରେ ପ୍ରେକ୍ଷାଳୟ ନିର୍ମାଣ କରିବାକୁ ମଧ୍ୟ ସେ ଘୋଷଣା କରିଛନ୍ତି। ଶ୍ରୀମତୀ କାର୍ତ୍ତିକେୟନ କହିଛନ୍ତି, ସଂସ୍କୃତି ହିଁ ଗୋଟିଏ ସମାଜ, ଜାତି ଓ ମଣିଷର ପରିଚୟ। ଓଡ଼ିଶାର କଳା ଓ ସଂସ୍କୃତି ପ୍ରାଚୀନ କାଳରୁ ସମୃଦ୍ଧ ଓ ପରିଚିତି ହାସଲ କରିଛି। ପ୍ରତିଦିନ ସଂସ୍କୃତିରେ ପରିବର୍ତ୍ତନ ଘଟୁଛି। ପୂର୍ବରୁ ସାଧବ ପୁଆମାନେ ବିଦେଶ ଯାଇ ବାଣିଜ୍ୟ କାରବାର କରୁଥିଲେ। ଏବେ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ବିଦେଶକୁ ଯାଇ ବାଣିଜ୍ୟ କରୁଛନ୍ତି। ଏହା ହେଉଛି ପରିବର୍ତ୍ତିତ ସଂସ୍କୃତିର ପରିଚାୟକ। ଏହି ବିଶ୍ୱବିଦ୍ୟାଳୟ ପ୍ରାଚୀନ ସଂସ୍କୃତିକୁ ଲିପିବଦ୍ଧ କରିବା ସହ ଆଧୁନିକ ସଂସ୍କୃତିକୁ ଦିଗ୍‌ଦର୍ଶନ ଦେବାରେ ସକ୍ରିୟ ଓ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆଜିର ଯୁବପିଢ଼ିଙ୍କୁ ଆବଶ୍ୟକ ସାଂସ୍କୃତିକ ଦିଗ୍‌ଦର୍ଶନ ଦେବାରେ ମଧ୍ୟ ସହାୟକ ହେବ। ସମ୍ପ୍ରତି ଚାଲିଥିବା ଗବେଷଣା ଆଗାମୀ ପିଢ଼ି ପାଇଁ ମାର୍ଗପ୍ରଦର୍ଶକ ହେବ ବୋଲି ସେ ପ୍ରକାଶ କରିଛନ୍ତି।

ସେହିପରି ପୁରୁଣା ସଂସ୍କୃତିକୁ ପ୍ରାମାଣିକ କରିବା ପାଇଁ ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବା ଶ୍ରୀମତୀ କାର୍ତ୍ତିକେୟନ କହିଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶେଷସ୍ପର୍ଶ ପାଇବାକୁ ଯାଉଛି। ସମାନ୍ତରାଳ ଭାବେ ମେଟ୍ରୋ ପ୍ରକଳ୍ପ, ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପରିବେଷ୍ଟିତ କମ୍ପାନୀକୁ ଓଡ଼ିଶା ଆଣି ସରକାର ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରୁଛନ୍ତି। ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ଏକା ସମୟରେ ହେଉଥିବାରୁ ରାଜ୍ୟର ପ୍ରଗତି ତ୍ୱରାନ୍ୱିତ ହୋଇପାରିଛି। ରୂପାନ୍ତରଣ ପ୍ରକ୍ରିୟା ଏହାର ସୂତ୍ରଧର ବୋଲି ଶ୍ରୀମତୀ କାର୍ତ୍ତିକେୟନ କହିଛନ୍ତି। ଏହାସହ ସଫଳତାରେ ଆତ୍ମବିଭୋର କିମ୍ବା ବିଫଳତାରେ ଧୈର୍ଯ୍ୟହରା ନ ହୋଇ ନିଷ୍ଠାର ସହ କାର୍ଯ୍ୟ କଲେ ଆହୁରି ଅଧିକ ସଫଳତା ମିଳିପାରିବ। ପିତାମାତା ଓ ଗୁରୁଙ୍କୁ ସମ୍ମାନ ଦେବା ସହ ତାଙ୍କ ପରାମର୍ଶ ନେଇ କାର୍ଯ୍ୟକଲେ ସଫଳତାର ଶିଖର ଛୁଇଁ ହେବ ବୋଲି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ ସହ ରୌପ୍ୟ ଜୟନ୍ତୀ ସମାରୋହ ସମ୍ବନ୍ଧରେ ସୂଚନା ଦେଇ କହିଥିଲେ, ବୌଦ୍ଧିକ ବିକାଶ ପାଇଁ ଶିକ୍ଷା ସହ ସାହିତ୍ୟ, କଳା ଓ ଐତିହ୍ୟର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବୌଦ୍ଧିକ ବିକାଶ ହେଲେ ସମାଜର ବିକାଶ ହୋଇପାରିବ। କୁଳସଚିବ ଅନାମିକା ଅଧିକାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟରେ ପୂର୍ବରୁ ୧୯ଟି ବିଭାଗ ଥିବାବେଳେ ନୂତନ କରି ସାଂସ୍କୃତିକ ଐତିହ୍ୟ ଓ ସୁରକ୍ଷା ଏବଂ ସଂଗ୍ରହାଳୟ ବିଜ୍ଞାନ ବିଭାଗ ଭାବେ ଦୁଇଟି ସ୍ନାତକୋତ୍ତର ବିଭାଗ ଖୋଲିବ। ଏହାସହ ସୁନନ୍ଦା ପଟ୍ଟନାୟକ, ସାରଳା ଦାସ, ଭୀମଭୋଇ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ନିମନ୍ତେ ଚାରିଟି ଚେୟାର ପ୍ରତିଷ୍ଠା କରାଯାଇଥିବା କୁଳସଚିବ ସୂଚନା ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି, ଡ. ନରେନ୍ଦ୍ର କୁମାର ମିଶ୍ର, ପ୍ରଫେସର ଦେବେନ୍ଦ୍ରନାଥ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଅମ୍ବିକା ନନ୍ଦ ଓ ଛାତ୍ର ହିମାଂଶୁ ମହନ୍ତଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହାପରେ ଅତିଥିମାନେ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ ସହ ଦୃଶ୍ୟକଳା ବିଭାଗର କ୍ୟାଟ୍‌ଲଗ୍ "ସୃଷ୍ଟି', ସାହିତ୍ୟଭିତ୍ତିକ ପତ୍ରିକା "ରୂପାୟନ', ବିଶ୍ୱବିଦ୍ୟାଳୟର ସ୍ମରଣିକା "ସଂସ୍କୃତି' ଏବଂ ସ୍ନାତକୋତ୍ତର ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରାଙ୍କ "ଦ କ୍ଲେ ଇମେଜ୍ ଆଣ୍ଡ ପୋଟର୍ସ ଅଫ୍ ଓଡ଼ିଶା' ପୁସ୍ତକ ଉନ୍ମୋଚନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ଡ. ସିକତା ଦାସ, ଉତ୍କଳ ସଂଗୀତ ବିଶ୍ୱବିଦ୍ୟାଳୟର ଅଧକ୍ଷ ଡ. ବିଜୟ ଜେନା, ବି.କେ. ଆର୍ଟ କଲେଜର ଅଧକ୍ଷ ଡ. ଗଜେନ୍ଦ୍ର ପାଢ଼ୀ, ସରକାରୀ ଓ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧକ୍ଷ ସୁବ୍ରତ କୁମାର ମଲ୍ଲିକଙ୍କ ସମେତ ସହବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧାପକ ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

ଆଜିଠୁ ଗାଡ଼ି ଚାଳକଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

ଭୁବନେଶ୍ୱର, ୪।୧(ସମିସ): ହିଟ୍ ଆଣ୍ଡ ରନ୍ ମାମଲାରେ ଦଣ୍ଡବିଧାନ ବ୍ୟବସ୍ଥାକୁ ବିରୋଧ କରି ଆଜିଠାରୁ ସର୍ବଭାରତୀୟସ୍ତରରେ ଗାଡ଼ି ଚାଳକମାନେ ଧର୍ମଘଟ ଆରମ୍ଭ କରିଥିବା ବେଳେ ଆସନ୍ତାକାଲିଠାରୁ ଓଡ଼ିଶା ଡ୍ରାଇଭର୍ ମହାସଂଘ ଏଥିରେ ସାମିଲ ହେବ। ଆଇନ୍ ପ୍ରତ୍ୟାହାର ଏବଂ ପୁରୁଣା ଦାବିକୁ ନେଇ ଓଡ଼ିଶାର ଗାଡ଼ି ଚାଳକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିଅରିଂଛାଡ଼ ଆନ୍ଦୋଳନ କରିବେ ବୋଲି ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି। ଏଥିଯୋଗୁଁ ଆସନ୍ତାକାଲିଠାରୁ ରାଜ୍ୟରେ ସାଧାରଣ ପରିବହନ ବ୍ୟବସ୍ଥା ବ୍ୟାହତ ହେବା ଆଶଙ୍କା ରହିଛି। ତେବେ ଏହି ଧର୍ମଘଟ ଯୋଗୁଁ ବଜାରରେ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ଅଭାବ ଦେଖାଦେଇପାରେ। ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର୍ସ ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି, ଆଜି ସମଗ୍ର ରାଜ୍ୟରେ ଡିପୋରୁ ଟାଙ୍କିକୁ ଇନ୍ଧନ ପରିବହନ ସ୍ୱାଭାବିକ ରହିଛି। ଓଡ଼ିଶାରେ ଯେତିକି ପେଟ୍ରୋଲ, ଡିଜେଲ ଅଛି, ତାହା ଦୁଇ/ତିନି ଦିନର ଆବଶ୍ୟକତା ପୂରଣ କରିପାରିବ। ଧର୍ମଘଟ ଅଧିକ ଦିନ ରହିଲେ ପେଟ୍ରୋଲ, ଡିଜେଲର ଅଭାବ ଦେଖା ଦେଇପାରେ ବୋଲି ଶ୍ରୀ ଲାଠ

ଆଜିଠୁ ବରୋଦା-ଓଡ଼ିଶା ରଣଜୀ ମୁକାବିଲା

୧୭ ବର୍ଷରେ ୫ଥର ମୁହାଁମୁହିଁ; ବରୋଦା ହାରିନି

କଟକ,୪।୧(ସମିସ)

ବିସିସିଆଇର ଘରୋଇ କ୍ରିକେଟ ମହାକୁମ୍ଭ ରଣଜୀ ଟ୍ରଫି ଶୁକ୍ରବାରଠାରୁ ଆରମ୍ଭ ହେବ। ଓଡ଼ିଶା ତା'ର ପ୍ରଥମ ମୁକାବିଲାରେ ବରୋଦାକୁ ଭେଟିବ। ବରୋଦାର ମୋତିବାଗ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଉଭୟ ଦଳ ଗତ ୧୭ବର୍ଷ ଭିତରେ ୫ଥର ମୁହାଁମୁହିଁ ହୋଇଛନ୍ତି। ଯେଉଁଥିରୁ ୪ଟି ମ୍ୟାଚ୍ ଅମୀମାଂସିତ ଥିବାବେଳେ ଗୋଟିଏ ମ୍ୟାଚ୍ ବରୋଦା ଜିତିଛି। ଏହି ଧାରା ଭାଙ୍ଗିବା ଲକ୍ଷ୍ୟ ନେଇ ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଶୁକ୍ରବାର ପଡ଼ିଆକୁ ଓହ୍ଲାଇବ।

ନେଟ୍ସରେ ବୋଲିଂ ଅବସରରେ ସୂର୍ଯ୍ୟକାନ୍ତ ପ୍ରଧାନ

ଗତ ସିଜନରେ ବରୋଦା ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ଡ୍ର ରଖିଥିଲା। ବିଷ୍ଣୁ ସୋଲାଙ୍କି'ଙ୍କ ନେତୃତ୍ୱାଧିନ ବରୋଦା ପାଳି ଅଗ୍ରଣୀ ହାସଲ କରି ଅଧିକ ପଏଣ୍ଟ ହାତେଇଥିଲା। ବିଷ୍ଣୁଙ୍କ ନେତୃତ୍ୱରେ ଗଠିତ ବରୋଦା ଦଳରେ ଅଧିକ ପରିବର୍ତ୍ତନ ଅଣାଯାଇ ନାହିଁ। ଦଳରେ ଜ୍ୟୋସ୍ନିଲ ସିଂହ, ଭାର୍ଗବ ଭଟ୍ଟ, କୃନାଲ ପାଣ୍ଡ୍ୟା, ଲୁକମାନ ମେରିୱାଲା, ଅତିତ ସେଠଙ୍କ ଭଳି ନାମିଦାମୀ ଖେଳାଳି ରହିଛନ୍ତି। ଭାର୍ଗବ ଓ ନିନାଦଙ୍କ ସ୍ପିନ୍ ଆଟାକ୍ ଓଡ଼ିଶା ବ୍ୟାଟରଙ୍କୁ ସମସ୍ୟାରେ ପକାଇପାରେ। ସେହିପରି ଜ୍ୟୋସ୍ନିଲ ଓ ବିଷ୍ଣୁ ବିଗତ କିଛି ବର୍ଷ ହେବ ବରୋଦା ପାଇଁ ରନ୍ ମେସିନ ଭାବେ କାର୍ଯ୍ୟ କରୁଛନ୍ତି। ଅପରପକ୍ଷରେ ସନ୍ତୁଳିତ ଦଳ ନେଇ ଶାନ୍ତନୁଙ୍କ ନେତୃତ୍ୱାଧୀନ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବାକୁ ଲକ୍ଷ୍ୟ ରଖିଛି। ଅନୁରାଗ ଷଡ଼ଙ୍ଗୀ, ସନ୍ଦୀପ ପଟ୍ଟନାୟକ, ଶୁଭ୍ରାଂଶୁ ଶେଖର ସେନାପତି, କାର୍ତ୍ତିକ ବିଶ୍ୱାଳ, ରାଜେଶ ଧୂପରଙ୍କ ସହ ନବାଗତ ଆଶୀର୍ବାଦ ସ୍ୱାଇଁ ଓଡ଼ିଶାର ବ୍ୟାଟିଂ ଭାର ସମ୍ଭାଳିବେ। ୱିକେଟକିପର ଭାବେ ଆଶୀର୍ବାଦଙ୍କୁ ପଦାର୍ପଣ କରିବାର ସୁଯୋଗ ମିଳିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏକମାତ୍ର ସ୍ପିନର ଭାବେ ଚୂଡାନ୍ତ ଏକାଦଶରେ ଜୟନ୍ତ ବେହେରାଙ୍କୁ ସାମିଲ କରାଯାଇ ପାରେ। ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ ଓ ସୁନୀଲ ରାଉଳ ଓଡ଼ିଶାର ପେସ୍ ବୋଲିଂ ଭାର ବହନ କରିବେ। ପ୍ରଶିକ୍ଷକ ଦୀନେଶ ମୋଙ୍ଗିଆଙ୍କ ପାଇଁ ଏହି ପ୍ରତିଯୋଗିତା ମଧ୍ୟ ବେଶ୍ ମହତ୍ୱପୂର୍ଣ୍ଣ ରଖିଛି।

ଓଡ଼ିଶା ଦଳ: ଶାନ୍ତନୁ ମିଶ୍ର (ଅଧିନାୟକ), ଅନୁରାଗ ଷଡଙ୍ଗୀ, ସନ୍ଦୀପ ପଟ୍ଟନାୟକ, ଶୁଭ୍ରାଂଶୁ ସେନାପତି, କାର୍ତ୍ତିକ ବିଶ୍ୱାଳ, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଜୟନ୍ତ ବେହେରା, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁନୀଲ କୁମାର ରାଉଳ, ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, ପ୍ରୟାସ ସିଂହ।

● ମ୍ୟାଚ୍ ପୂର୍ବରୁ ଓଡ଼ିଶାକୁ ବଡ଼ ଝଟକା

ବୟସ ଜାଲିଆତି ଅଭିଯୋଗରେ ସୁମିତ ବାସନ୍ଦ

ରଣଜୀ ଟ୍ରଫି ଆରମ୍ଭ ପୂର୍ବରୁ ଓଡ଼ିଶା କ୍ରିକେଟକୁ ଏକ ବଡ଼ ଝଟକା ଲାଗିଛି। ଦଳ ସହ ବରୋଦା ଯାତ୍ରା କରିଥିବା ବାମହାତୀ ସ୍ପିନର ସୁମିତ ଶର୍ମାଙ୍କୁ ବୟସ ଜାଲିଆତି ଘଟଣାରେ ବିସିସିଆଇ ଦୁଇ ବର୍ଷ ବାସନ୍ଦ କରିଛି। କିଛି ବର୍ଷର ବ୍ୟବଧାନ ପରେ ପୁଣିଥରେ ରାଜ୍ୟ କ୍ରିକେଟରେ ବୟସ ଜାଲିଆତି ଯୋଗୁଁ ଜଣେ ଖେଳାଳିଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ଜନ୍ମପ୍ରମାଣ ପତ୍ର ଦାଖଲରେ ତ୍ରୁଟି କରିଥିବା ହେତୁ ସୁମିତଙ୍କୁ ଏଭଳି ବାସନ୍ଦାଦେଶ ମିଳିଛି ବୋଲି ଓଡିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଗୁରୁବାର ସ୍ପଷ୍ଟ କରାଯାଇଛି। ୨୦୧୫-୧୬ ମସିହାରେ କନିଷ୍ଠ ବର୍ଗରୁ ଖେଳୁଥିବାବେଳେ ସୁମିତ ଯେଉଁ ଜନ୍ମ ପ୍ରମାଣପତ୍ର ଦାଖଲ କରିଥିଲେ ତାହା ଚଳିତ ସଂସ୍କରଣ ନିମନ୍ତେ ଦାଖଲ କରିଥିବା ଜନ୍ମ ପ୍ରମାଣପତ୍ର ସହ ମେଳ ଖାଉନାହିଁ। ଏହି ପରିପ୍ରେକ୍ଷୀରେ ସୁମିତଙ୍କ ବିରୋଧରେ ବିସିସିଆଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଶୁକ୍ରବାରଠାରୁ ରଣଜୀ ଟ୍ରଫି ଆରମ୍ଭ ହେବ। ବରୋଦାରେ ଥିବା ସୁମିତ ଓଡ଼ିଶା ଫେରିବେ। ତାଙ୍କ ବଦଳରେ ଦ୍ରୁତ ବୋଲର ତାରିଣୀ ସ'ଙ୍କୁ ଦଳରେ ସାମିଲ କରାଯାଇଛି।

୪୮ ଭେନ୍ୟୁରେ ୩୮ ଦଳ ମଧ୍ୟରେ ରଣଜୀ ଟ୍ରଫି ଲଢ଼େଇ

ନୂଆଦିଲ୍ଲୀ, ୪।୧ (ଏଜେନ୍ସି)

ଦେଶର ସବୁଠାରୁ ଶ୍ରେଷ୍ଠ କ୍ରିକେଟ୍ ପ୍ରତିଯୋଗିତା ରଣଜୀ ଟ୍ରଫିର ୮୯ତମ ସଂସ୍କରଣ ଶୁକ୍ରବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ଆନୁକୂଲ୍ୟରେ ଆୟୋଜିତ ଏହି ଅଗ୍ରଣୀ ପ୍ରଥମଶ୍ରେଣୀ ପ୍ରତିଯୋଗିତାର ଚଳିତ ସଂସ୍କରଣରେ ୩୨ ଗୋଟି ଦଳ ଏଲିଟ୍ ଗ୍ରୁପ୍‌ରେ ରହି ଟ୍ରଫି ପାଇଁ ଲଢ଼େଇ କରିବେ। ଏହି ୩୨ ଗୋଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତି ଗ୍ରୁପ୍‌ରେ ରହିଥିବା ଦଳ ପରସ୍ପର ବିପକ୍ଷରେ ଗୋଟିଏ ଲେଖାଏ କରି ୭ଟି ମ୍ୟାଚ୍ ଖେଳିବେ। ଏହାପରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ ଗୋଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଏହାପରେ ମାର୍ଚ୍ଚ ୧୦ରୁ ଫାଇନାଲ ମ୍ୟାଚ୍ ଆରମ୍ଭ ହେବ।

ସେହିଭଳି ପ୍ଲେଟ୍ ପର୍ଯ୍ୟାୟରେ ୬ ଗୋଟି ଦଳକୁ ନେଇ ମ୍ୟାଚ୍ ଫେବ୍ରୁଆରୀ ୧୭ରୁ ଆରମ୍ଭ ହେବ। ଏହି ୬ ଗୋଟି ଦଳ ହେଲେ ହାଇଦରାବାଦ୍, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମେଘାଳୟ, ମିଜୋରାମ ଓ ସିକ୍କିମ। ଏମାନେ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ ଏବଂ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଫାଇନାଲରେ ପ୍ରବେଶ କରିଥିବା ଦୁଇ ଦଳ ହିଁ ପରବର୍ତ୍ତୀ ରଣଜୀ ଟ୍ରଫି ସିଜନରେ ଏଲିଟ୍ ଗ୍ରୁପ୍‌କୁ ଯୋଗ୍ୟତା ଅର୍ଜନ କରିବେ। ଗତ ସଂସ୍କରଣରେ ବିହାର ଓ ମଣିପୁର ଫାଇନାଲରେ ପ୍ରବେଶ କରିଥିବାରୁ ଚଳିତ ରଣଜୀ ଟ୍ରଫିରେ ଏଲିଟ୍ ପର୍ଯ୍ୟାୟରେ ସାମିଲ ହୋଇଛନ୍ତି।

ଚଳିତ ରଣଜୀ ସଂସ୍କରଣରେ ଗ୍ରୁପ୍-ଏ'ରେ ଡିଫେଣ୍ଡିଂ ଚାମ୍ପିଅନ ସୌରାଷ୍ଟ୍ର ସହ ଦୁଇଥରର ବିଜେତା ବିଦର୍ଭ, ହରିୟାଣା ଓ ସର୍ଭିସେସ୍ ଭଳି ଶକ୍ତିଶାଳୀ ଦଳ ରହିଛନ୍ତି। ସେହିଭଳି ୪୧ଥରର ଚାମ୍ପିଅନ ମୁମ୍ବାଇ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଅନ୍ୟମାନଙ୍କ ମଧ୍ୟରେ ୮ଥରର ବିଜେତା କର୍ଣ୍ଣାଟକ, ଗତ ସଂସ୍କରଣର ଉପବିଜେତା ବେଙ୍ଗଲ, ଆନ୍ଧ୍ରପ୍ରଦେଶ ପ୍ରମୁଖ ରହିଛନ୍ତି। ଚଳିତ ରଣଜୀ ଟ୍ରଫି ଦେଶର ୪୮ ଗୋଟି ଭେନ୍ୟୁରେ ଖେଳାଯିବ। ଚଳିତ ବର୍ଷ ରଣଜୀ ଟ୍ରଫିରେ ଅଜିଙ୍କ୍ୟା ରାହାଣେ, ଚେତେଶ୍ୱର ପୂଜାରା, ହନୁମା ବିହାରୀ, ମୟଙ୍କ ଅଗ୍ରୱାଲ, ଉମେଶ ଯାଦବ, ଇଶାନ୍ତ ଶର୍ମାଙ୍କ ଭଳି ଭେଟେରାନ ତାରକାଙ୍କୁ ବିଭିନ୍ନ ଦଳରେ ଦେଖିବାକୁ ମିଳିବ।

● ଓଡ଼ିଶା ମହିଳା ଲିଗ୍

ସ୍ପୋର୍ଟ୍ସ ଓଡ଼ିଶା, ଓଜିପି ବିଜୟୀ

କଟକ,୪।୧(ସମିସ): ଓଡ଼ିଶା ମହିଳା ଲିଗ୍‌ରେ ଗୁରୁବାର ଅନୁଷ୍ଠିତ ଦୁଇ ମ୍ୟାଚ୍‌ରେ ସ୍ପୋର୍ଟସ ଓଡ଼ିଶା ଏବଂ ଓଡ଼ିଶା ସରକାରୀ ପ୍ରେସ୍ (ଓଜିପି) ଦଳ ବିଜୟୀ ହୋଇଛି। ଭୁବନେଶ୍ୱର ୟୁନିଟ-୧ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ୨-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ପରାସ୍ତ କରିଥିଲା। ଖେଳର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟାର୍ଦ୍ଧର ୬୯ତମ ଓ ୮୬ତମ ମିନିଟରେ ଶୁଭଶ୍ରିତା ଶୁଭଦର୍ଶିନୀ ଦାସ ଏବଂ ଆଞ୍ଚଳ ସିଂହ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଟିଏମ ଚୌହାର ଗ୍ରାଉଣ୍ଡରେ ଓଜିପି କ୍ଲବ ୩-୦ ଗୋଲରେ କିଟ-କିସ୍‌କୁ ହରାଇଥିଲା। ଓଜିପି ପକ୍ଷରୁ ସୁନୀତା ସ୍ୱାଇଁ, ଶୀଲା ସିଂହ ଓ ଅଙ୍କିତା ସିଂହ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି।

● ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ଟେନିସ

ସେମିରେ ପହଞ୍ଚିଲା କିଟ୍

ଭୁବନେଶ୍ୱର, ୪।୧ (ସମିସ): ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ ରାଜସ୍ଥାନ ଜୟପୁରଠାରେ ଚାଲିଥିବା ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଆନ୍ତଃଜୋନ ପୁରୁଷ ଟେନିସ ପ୍ରତିଯୋଗିତାରେ କିଟ୍ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର କିଟ୍ ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କିଟ୍ ୩-୧ରେ ବିଜୟୀ ହୋଇଥିଲା। କିଟ୍ ଦଳର ଅଧିନାୟକ କବୀର ହଂସ ଉଭୟ ଏକକ ଓ ଯୁଗଳରେ ବିଜୟ ଲାଭ କରିଥିଲେ। ବିଜୟୀ ଦଳରେ ଅନ୍ୟମାନଙ୍କ ମଧ୍ୟରେ ଅଥର୍ବ ଶର୍ମା, ଅଂଶୁମାନ ସିଂ, ଆଶିଷ କୁମାର ପରିଡ଼ା ରହିଛନ୍ତି। ମହମ୍ମଦ ଏନାମୁଲ ହକ୍ କିଟ୍ ଦଳ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି।

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସିନିୟର ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିଅନସିପ୍‌ର ଉଭୟ ପୁରୁଷ ଓ ମହିଳା ବିଭାଗରେ ରେଳବାଇ ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଅତିଥିଙ୍କ ସହ ପଦକ ବିଜୟିନୀ ମହିଳା ଜିମ୍ନାଷ୍ଟ।

ମହିଳା କ୍ରିକେଟ: ଆସାମଠାରୁ ଓଡ଼ିଶା ପରାସ୍ତ

କଟକ,୪।୧(ସମିସ)

ଜାତୀୟ ବରିଷ୍ଠ ମହିଳା ଏକଦିବସୀୟ ଟ୍ରଫି ଗୁରୁବାରଠାରୁ ଆରମ୍ଭ ହୋଇଛି। ପୁଡୁଚେରୀର କାପ-୨ ଗ୍ରାଉଣ୍ଡରେ ଆସାମଠାରୁ ୫ ୱିକେଟରେ ଓଡ଼ିଶା ପରାସ୍ତ ହୋଇଛି। ଟସ୍ ହାରି ବ୍ୟାଟିଂ ନିମନ୍ତ୍ରଣ ପାଇଥିବା ଓଡ଼ିଶା ୫ ୱିକେଟ ବିନିମୟରେ ୨୧୭ ରନ କରିଥିଲା। ଉପଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ସର୍ବାଧିକ ୫୪, ତନ୍ମୟୀ ବେହେରା ୪୪ ରନ ସଂଗ୍ରହ କରିଥିଲେ। ଆସାମ ପକ୍ଷରୁ ମୌସୁମୀ ନାରହାଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ଆସାମ ୪୯ତମ ଓଭରର ଅନ୍ତିମ ବଲରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଗାୟତ୍ରୀ ଗୁରୁଙ୍ଗ ୬୮ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଅର୍ଦ୍ଧଶତକୀୟ ପାଳି ଖେଳିଥିବା ସୁଶ୍ରୀ ଓଡ଼ିଶା ନିମନ୍ତେ ୨ଟି ୱିକେଟ ଦଖଲ କରିଥିଲେ। ଲକ୍ଷ୍ମୀପ୍ରିୟା ନାଏକଙ୍କୁ ମଧ୍ୟ ୨ଟି ୱିକେଟ ମିଳିଥିଲା। ୬ ତାରିଖରେ ମଣିପୁର ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ଆରମ୍ଭ

ରମାଦେବୀ, ଉତ୍କଳ, କିସ୍ ବିଜୟୀ

ଭୁବନେଶ୍ୱର, ୪।୧ (ସମିସ): କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁବାର ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ। ଓଡ଼ିଶା ଭଲିବଲ୍ ସଂଘର ଉପସଭାପତି ବିଜୟ କୁମାର ଧଳ, ସମ୍ପାଦକ ତଥା କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କୋଷାଧ୍ୟକ୍ଷ ସୁଧାଂଶୁ ଭୂଷଣ ମିଶ୍ର, ଜାତୀୟ ରେଫରୀ ପ୍ରମୋଦ ବେହେରା, କିଟ୍‌ର ଉପକ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି, କିସ୍‌ର ଉପକ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖଙ୍କ ଉପସ୍ଥିତିରେ ଏହି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା।

ଅତିଥିଙ୍କ ଗହଣରେ ରମାଦେବୀ ଭଲିବଲ୍ ଦଳ

ଉଦ୍‌ଘାଟନୀ ଦିବସରେ ଓଡ଼ିଶାର ୩ ବିଶ୍ୱବିଦ୍ୟାଳୟ ରମାଦେବୀ, ଉତ୍କଳ ଓ ଆୟୋଜକ କିସ୍ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ରମାଦେବୀ ପ୍ରତିପକ୍ଷ ତେଜପୁର ବିଶ୍ୱବିଦ୍ୟାଳୟକୁ, କିସ୍ ପାତାଳିପୁତ୍ର ବିଶ୍ୱବିଦ୍ୟାଳୟକୁ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ବିନୋବା ଭାବେ ବିଶ୍ୱବିଦ୍ୟାଳୟକୁ ହରାଇ ଅଭିଯାନ ଆରମ୍ଭ କରିଛି। ପୂର୍ବାଞ୍ଚଳର ୪୨ ବିଶ୍ୱବିଦ୍ୟାଳୟରୁ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିବ। ଜାନୁଆରୀ ୯ରୁ ଏହି ପ୍ରତିଯୋଗିତା ମଧ୍ୟ କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ହେବ।

ଜାତୀୟ ଭାରୋତ୍ତୋଳନରେ ସୁରେଶଙ୍କୁ ୨ ପଦକ

ଭୁବନେଶ୍ୱର, ୪।୧ (ସମିସ): ଅରୁଣାଚଳ ପ୍ରଦେଶ ଭାରୋତ୍ତୋଳନ ସଂଘ ଆନୁକୂଲ୍ୟରେ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ଜାତୀୟ ବରିଷ୍ଠ, କନିଷ୍ଠ ଓ ଉପକନିଷ୍ଠ ଭାରୋତ୍ତୋଳନରେ ଓଡ଼ିଆ ଖେଳାଳିଙ୍କ ପଦକ ବିଜୟ ଧାରା ଜାରି ରହିଛି। ଗୁରୁବାର ପୁନିତ୍ ଚନ୍ଦ୍ର ସାହୁ କନିଷ୍ଠ ୯୬ କିଗ୍ରା ବିଭାଗରେ ରୌପ୍ୟ ପଦକ ଜିତିଛନ୍ତି। ସେ ସ୍ନାଚରେ ୧୨୫, କ୍ଲିନ ଆଣ୍ଡ ଜର୍କରେ ୧୭୭ ସହ ମୋଟ୍ ୩୦୨ କିଗ୍ରା ଭାର ଉଠାଇଥିଲେ। ସେହିଭଳି ସୁରେଶ ଯାଦବ ବରିଷ୍ଠ ୯୦ କିଗ୍ରା ବିଭାଗରେ ମୋଟ୍ ୩୧୧ କିଗ୍ରା ସହ ଓଭରଅଲ୍ କାଂସ୍ୟ ଓ ଇଣ୍ଟରଷ୍ଟେଟ୍‌ରେ ସ୍ୱର୍ଣ୍ଣ ସହ ୨ଟି ପଦକ ଜିତିଛନ୍ତି। ପୂର୍ବରୁ ବରିଷ୍ଠ ବର୍ଗରେ ସ୍ନେହା ସୋରେନ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ମହିଳା ୫୫ କିଗ୍ରା ଯୁବା ବର୍ଗରେ ମୀନା ସାଣ୍ଟା ରୌପ୍ୟ ପଦକ ହାସଲ କରିଥିଲେ।

ପୁନିତ୍ ଚନ୍ଦ୍ର ସାହୁ ଓ ସୁରେଶ ଯାଦବ

ଧନଞ୍ଜୟ ଶ୍ରୀଲଙ୍କା ନୂଆ ଟେଷ୍ଟ ଅଧିନାୟକ

କଲମ୍ବୋ,୪।୧(ଏଜେନ୍ସି)

ଟି-୨୦ ଓ ଦିନିକିଆ ପରେ ଶ୍ରୀଲଙ୍କା ଟେଷ୍ଟ ଫର୍ମାଟର ନେତୃତ୍ୱ ପରିବର୍ତ୍ତନ କରିଛି। ଦିମୁଥ କରୁଣାରତ୍ନେଙ୍କୁ ହଟାଇ ଧନଞ୍ଜୟ ଡିସିଲଭାଙ୍କୁ ଟେଷ୍ଟ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏନେଇ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ମୁଖ୍ୟ ଚୟନକର୍ତ୍ତା ଉପୁଲ ଥରଙ୍ଗା ଗୁରୁବାର ସୂଚନା ଦେଇଛନ୍ତି। ପୂର୍ବରୁ ୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଜିମ୍ବାୱେ ବିପକ୍ଷ ଘରୋଇ ଟି-୨୦ ଓ ଦିନିକିଆ ସିରିଜ ପାଇଁ ଭିନ୍ନ ଭିନ୍ନ ଅଧିନାୟକଙ୍କୁ ନିଯୁକ୍ତ କରାଯାଇଥିଲା। କୁସଲ ମେଣ୍ଡିସଙ୍କୁ ଦିନିକିଆ ଓ ୱାନିନ୍ଦୁ ହସରଙ୍ଗାଙ୍କୁ ଟି-୨୦ ଦଳର ଅଧିନାୟକ ନିଯୁକ୍ତି କରାଯାଇଥିଲା। ଧନଞ୍ଜୟ ଏଥିସହ ଶ୍ରୀଲଙ୍କାର ୧୮ତମ ଟେଷ୍ଟ ଅଧିନାୟକ ବିବେଚିତ ହୋଇଛନ୍ତି।

ସେ ଶ୍ରୀଲଙ୍କା ପାଇଁ ଏପର୍ଯ୍ୟନ୍ତ ୫୧ ଟେଷ୍ଟ ଖେଳି ୩୯.୭୭ ହାରରେ ୩୩୦୧ ରନ ସଂଗ୍ରହ କରିଛନ୍ତି।

ସକାଳ
THE SAKALA
www.thesakala.in
We require the following posts for various locations urgently.

1. District Correspondent
For Various District
Qualification: MJMC with 5 yrs. experience.

2. Sub-Editor
For Bhubaneswar / Sambalpur
Qualification: MJMC with 5 yrs. experience

3. Layout Designer
For Bhubaneswar
Qualification: Minimum 3 yrs experience in respective field.

4. Reporter
For Bhubaneswar / Cuttack / Sambalpur
Qualification: MJMC with Minimum 3 yrs. experience.

Send your CV by 05.01.2024 to
DGM, HR
Email: hr@thesakala.com
Mob.: 9437016499

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

ଦ୍ୱିତୀୟ ଦିନରେ ବର୍ଷା ବାଧକ; ଅଷ୍ଟ୍ରେଲିଆ ୧୧୬/୨

ସିଡନୀ, ୪।୧(ଏଜେନ୍ସି)

ସ୍ଥାନୀୟ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ପାକିସ୍ତାନ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଦିବସ ଖେଳ ବର୍ଷା ଓ ଓଦା ଆଉଟଫିଲ୍ଡ ଯୋଗୁ ବାଧାପ୍ରାପ୍ତ ହୋଇଛି। ଗୁରୁବାର ଦ୍ୱିତୀୟ ଦିବସରେ ମାତ୍ର ୪୬ ଓଭର ଖେଳ ସମ୍ଭବ ହୋଇପାରିଥିଲା। ଷ୍ଟମ୍ପ ଅପସାରଣ ବେଳକୁ ଅଷ୍ଟ୍ରେଲିଆ ତା'ର ପ୍ରଥମ ପାଳିରେ ୪୭ ଓଭରରେ ଦୁଇ ୱିକେଟ ହରାଇ ୧୧୬ ରନ ସଂଗ୍ରହ କରିଛି। ଫଳରେ ୮ ୱିକେଟ ବାକି ଥାଇ ଅଷ୍ଟ୍ରେଲିଆ ଏବେ ୧୯୭ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ମାର୍ନସ ଲାବୁସେନ ୨୩ ଓ ଅଭିଜ୍ଞ ଷ୍ଟିଭେନ ସ୍ମିଥ୍ ୬ ରନ କରି ଅପରାଜିତ ରହିଛନ୍ତି। ଅସମାପ୍ତ ପ୍ରଥମ ପାଳି ସ୍କୋର ୬/୦ରୁ ଅଷ୍ଟ୍ରେଲିଆ ଖେଳ ଆରମ୍ଭ କରି ଦୁଇ

■ ବୁମ୍‌ରାଙ୍କୁ ୬ ୱିକେଟ, ମାର୍କରାମଙ୍କ ଶତକ ■ ସିରାଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ■ ସିରିଜ ୧-୧ରେ ବରାବର

ଦେଢ଼ ଦିନରେ ଟେଷ୍ଟ ଜିତିଲା ଭାରତ

କେପ୍‌ଟାଉନ୍, ୪।୧ (ଏଜେନ୍ସି)

ସ୍ଥାନୀୟ ନ୍ୟୁଲାଣ୍ଡସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍ ମାତ୍ର ଦେଢ଼ ଦିନରେ ଶେଷ ହୋଇଛି । ଏହି ଦେଢ଼ଦିନର ଲଢ଼େଇରେ ଭାରତ ୭ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ଏସିଆ ମହାଦେଶର ପ୍ରଥମ ଦେଶ ଭାବେ ଏଠାରେ ଟେଷ୍ଟ ଜିତିବା ପରେ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ ୧-୧ରେ ଅମୀମାଂସିତ ରହିଛି । ଏହା ପୂର୍ବରୁ ସେଞ୍ଚୁରିଆନରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌କୁ ଘରୋଇ ଦକ୍ଷିଣ ଆଫ୍ରିକା ଏକ ପାଳି ଓ ୩୨ ରନ୍‌ରେ ବିଜୟୀ ହୋଇଥିଲା । କେପ୍‌ଟାଉନ୍‌ରେ ଘରୋଇ ଦଳର ପ୍ରଥମ ପାଳିରେ ୧୫ ରନ୍ ଦେଇ ୬ଟି ଓ ଦ୍ୱିତୀୟ ପାଳିରେ ଗୋଟିଏ ୱିକେଟ ନେଇଥିବା ଭାରତୀୟ ଫାଷ୍ଟ ବୋଲର ମହମ୍ମଦ ସିରାଜଙ୍କୁ ଏହି ଟେଷ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ସେହିପରି ୨ଟିଯାକ ଟେଷ୍ଟରେ ମୋଟ ୧୨ଟି ୱିକେଟ ନେଇଥିବା ଭାରତର ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ୨୦୧ ରନ୍ କରିଥିବା ଦକ୍ଷିଣ ଆଫ୍ରିକାର ଓପନର ଡିନ୍ ଏଲଗାରଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହିମୁକାବିଲା ସହ ଦିନିକିଆ ବିଶ୍ୱକପ୍ ପରେ ଭାରତର ପ୍ରଥମ ପୂର୍ଣ୍ଣାଙ୍ଗ ସିରିଜ୍ ଶେଷ ହୋଇଛି । ପୂର୍ବରୁ ଟି-୨୦ ସିରିଜ ୧-୧ରେ ବରାବର ରହିଥିଲା । କିନ୍ତୁ ଦିନିକିଆ ସିରିଜ୍‌କୁ ଭାରତ ୨-୧ ବ୍ୟବଧାନରେ ବିଜୟୀ ହୋଇଥିଲା । ଏହା ପରେ ଭାରତ ଘରୋଇ ମାଟିରେ ଆଫଗାନିସ୍ତାନ ସହ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ । ଏହି ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ମୋହାଲି, ଇନ୍ଦୋର ଓ ବେଙ୍ଗାଲୁରୁରେ ଯଥାକ୍ରମେ ଜାନୁଆରୀ ୧୧, ୧୪ ଓ ୧୭ରେ ଖେଳାଯିବ । ଏହା ପରେ ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆୟୋଜିତ ହେବ ।

ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ପ୍ରଥମ ପାଳି: ୫୫/୧୦, ୨୩.୨ ଓଭର (ଭେରିନ୍-୧୫, ସିରାଜ- ୯-୩-୧୫-୬, ମୁକେଶ-୨.୨-୨-୦-୨. ବୁମ୍‌ରା-୨/୨୫) ।

ଭାରତ ପ୍ରଥମ ପାଳି: ୧୫୩/୧୦, ୩୪.୫ ଓଭର (ବିରାଟ କୋହଲି-୪୬, ରୋହିତ ଶର୍ମା-୩୯, ଶୁବମାନ ଗିଲ-୩୬, ଲୁଙ୍ଗି ଏନ୍‌ଗିଡି-୩/୩୦, କାଗିସୋ ରାବାଡା-୩/୩୮, ନାନ୍ଦ୍ରେ ବର୍ଗର-୩/୪୨) ।

ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳି: ୧୭୬/୧୦, ୩୬.୫ ଓଭର (ମାର୍କରାମ-୧୦୬, ବୁମ୍‌ରା-୧୩.୫-୦-୬୧-୬, ମୁକେଶ-୨/୫୬) ।

ଭାରତ ଦ୍ୱିତୀୟ ପାଳି: ୮୦/୩, ୧୨ ଓଭର (ଯଶସ୍ୱୀ ଜୟସ୍ୱାଲ-୨୮, ରୋହିତ ଶର୍ମା-୧୭*, କୋହଲି-୧୨, ଜାନସେନ-୧/୧୫) ।

ବୋଲର ଯଶପ୍ରୀତ୍ ବୁମ୍‌ରା ଓ ୨୦୧ ରନ୍ କରିଥିବା ଦକ୍ଷିଣ ଆଫ୍ରିକାର ଓପନର ଡିନ୍ ଏଲଗାରଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହିମୁକାବିଲା ସହ ଦିନିକିଆ ବିଶ୍ୱକପ୍ ପରେ ଭାରତର ପ୍ରଥମ ପୂର୍ଣ୍ଣାଙ୍ଗ ସିରିଜ୍ ଶେଷ ହୋଇଛି । ପୂର୍ବରୁ ଟି-୨୦ ସିରିଜ ୧-୧ରେ ବରାବର ରହିଥିଲା । କିନ୍ତୁ ଦିନିକିଆ ସିରିଜ୍‌କୁ ଭାରତ ୨-୧ ବ୍ୟବଧାନରେ ବିଜୟୀ ହୋଇଥିଲା ।

ମାର୍କରାମଙ୍କ ପରାକ୍ରମୀ ଶତକ

ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିବା କେପ୍‌ଟାଉନ୍‌ର ନ୍ୟୁଲାଣ୍ଡ୍ସ ପିଚ୍‌ରେ ପ୍ରଥମ ବଲରୁ ହିଁ ବୋଲରଙ୍କୁ ସହାୟତା ମିଳିଥିଲା । ଏଠାରେ ରନ୍ ସଂଗ୍ରହ କରିବା ଅତ୍ୟନ୍ତ କଷ୍ଟକର ହୋଇଥିଲାବେଳେ ଦକ୍ଷିଣ ଆଫ୍ରିକାର ଓପନର ଏଡେନ ମାର୍କରାମ ବୀରତ୍ୱପୂର୍ଣ୍ଣ ବ୍ୟାଟିଂ କରି ଶତକ ହାସଲ କରିଥିଲେ । ସେ ଭାରତର ସମସ୍ତ ବୋଲରଙ୍କୁ ଚମତ୍କାର ସଟ୍‌ମାରି ଏଠାରେ ଏକ ସ୍ମରଣୀୟ ପାଳି ଖେଳିଥିଲେ । ସେ ୭୩ ରନ୍ କରିଥିଲାବେଳେ ବୁମ୍‌ରାଙ୍କ ବୋଲିଂରେ ଲୋକେଶ ରାହୁଲ ତାଙ୍କ କ୍ୟାଚ୍ ଛାଡ଼ିଦେଇଥିଲେ । କିନ୍ତୁ ସିରାଜ ପ୍ରଥମପାଳି ଭଳି ପ୍ରଭାବୀ ବୋଲିଂ କରିପାରି ନ ଥିଲେ ମଧ୍ୟ ଦ୍ୱିତୀୟ ପାଳିରେ ମାର୍କରାମଙ୍କ ଗୁରୁତ୍ୱପୂର୍ଣ୍ଣ ୱିକେଟ ଅକ୍ତିଆର କରିଥିଲେ । ମାର୍କରାମ ୧୦୩ଟି ବଲ୍ ଖେଳି ୧୭ଟି ଚୌକା ଓ ୨ଟି ଆକର୍ଷଣୀୟ ଛକା ସହ ୧୦୬ ରନ୍ କରିଥିଲେ । ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ଘାତକ ବୋଲିଂ କରି ୧୩.୫ ଓଭରରେ ୬୧ ରନ୍ ଦେଇ ସର୍ବାଧିକ ୬ଟି ୱିକେଟ ଅକ୍ତିଆର କରିଥିଲେ । ମୁକେଶ କୁମାରଙ୍କୁ ୨ଟି ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଗୋଟିଏ ୱିକେଟ ମିଳିଛି ।

୧୨ ଓଭରରେ ବିଜୟ

ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ପାଳି ୧୭୬ ରନ୍‌ରେ ଶେଷ ହେବା ପରେ ଭାରତ ଆଗରେ ମାତ୍ର ୭୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଏହି ଲକ୍ଷ୍ୟକୁ ପିଛା କରି ଭାରତ ମାତ୍ର ୧୨ ଓଭର ଖେଳରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା । ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ୨୩ ବଲ୍‌ରେ ୬ ଚୌକା ସହ ସର୍ବାଧିକ ୨୮, ଶୁବମାନ ଗିଲ୍ ୧୦ ଓ ବିରାଟ କୋହଲି ୧୨ ରନ୍ କରି ଆଉଟ ହୋଇଥିଲେ । ରୋହିତ ଶର୍ମା ୧୭ ଓ ଶ୍ରେୟସ ଆୟର ୪ ରନ୍‌କରି ଶେଷଯାଏ ଅପରାଜିତ ରହିଥିଲେ । ପୂର୍ବରୁ ପ୍ରଥମ ପାଳିରେ ଦ. ଆଫ୍ରିକା ୫୫ ଓ ଭାରତ ୧୫୩ ରନ୍ କରିଥିଲା ।

ଛୋଟିଆ ଟେଷ୍ଟ ମ୍ୟାଚ୍‌ରେ ବିଶ୍ୱରେକର୍ଡ

କେପ୍‌ଟାଉନ୍, ୪।୧ (ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଦ୍ୱିତୀୟ ଦିନ ଅଧାରେ ଶେଷ ହୋଇଛି । ଏହି ମ୍ୟାଚ୍ ୪ଟି ପୂରା ଓ ଆଉ ଅଧା ସେସନ ଖେଳ ଓ ୬୪୨ଟି ବଲ୍ ବୋଲିଂ ହେବା ପରେ ଫଳାଫଳ ବାହାରିଛି । ଭାରତ ୭ ୱିକେଟରେ ଏହି ମ୍ୟାଚ୍‌ରେ ବିଜୟୀ ହୋଇଛି । ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ କମ୍‌ବଲ ବୋଲିଂ ହେବାରେ ଏହି ମ୍ୟାଚ୍‌ରେ ବିଶ୍ୱରେକର୍ଡ ହୋଇଛି । ଏହା ପୂର୍ବରୁ ୧୯୩୨ରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମେଲବୋର୍ଣ୍ଣରେ ଖେଳାଯାଇଥିବା ଟେଷ୍ଟ ମାତ୍ର ୬୫୬ଟି ବଲ୍‌ରେ ଶେଷ ହୋଇଥିଲା । ମେଲବୋର୍ଣ୍ଣରେ ହୋଇଥିବା ରେକର୍ଡ କେପ୍‌ଟାଉନ୍‌ରେ ଭାଙ୍ଗିଛି ।

୫ଟି ସେସନ ଓ ୬୪୨ଟି ବଲ୍‌ରେ ମ୍ୟାଚ୍ ଶେଷ

କେପ୍‌ଟାଉନ୍‌ରେ ପ୍ରଥମ ବିଜୟ: ନ୍ୟୁଲାଣ୍ଡସରେ ଭାରତ ଖେଳିଥିବା ସପ୍ତମ ମୁକାବିଲାରେ ପ୍ରଥମ ଟେଷ୍ଟ ବିଜୟ ହାସଲ କରିଛି । ଦକ୍ଷିଣ ଆଫ୍ରିକା ସହ ଭାରତ ଏଠାରେ ପୂର୍ବରୁ ୬ଟି ମ୍ୟାଚ୍ ଖେଳି ୪ଟିରେ ହାରିଥିଲାବେଳେ ୨ଟି ମ୍ୟାଚ୍ ଅମୀମାଂସିତ ରଖିଥିଲା ।

୪ଟି ମ୍ୟାଚ୍ ଦୁଇ ଦିନରେ ଶେଷ: ନ୍ୟୁଲାଣ୍ଡସରେ ଖେଳାଯାଇଥିବା ଟେଷ୍ଟ ମଧ୍ୟରୁ ଏହାକୁ ମିଶାଇ ୪ଟି ଟେଷ୍ଟ ଦୁଇ ଦିନରେ ଶେଷ ହୋଇଛି । ସେହିପରି ଟେଷ୍ଟ କ୍ରିକେଟ ଇତିହାସରେ ୨୮ଟି ଟେଷ୍ଟର ଫଳାଫଳ ଦୁଇଦିନରେ ନିର୍ଣ୍ଣିତ ହୋଇଛି । ଏହା ମଧ୍ୟରେ ଭାରତ ଖେଳିଥିବା ୩ଟି ଟେଷ୍ଟ ସାମିଲ । ଏହା ପୂର୍ବରୁ ୨୦୨୧ ଅହମ୍ମଦାବାଦ୍‌ରେ ଭାରତ ବନାମ ଇଂଲଣ୍ଡ ଓ ୨୦୧୮ ବେଙ୍ଗାଲୁରୁରେ ଭାରତ ବନାମ ଆଫଗାନିସ୍ତାନ ଟେଷ୍ଟ ଦୁଇ ଦିନରେ ଶେଷ ହୋଇଥିଲା ।

ଗୋଟିଏ ଟେଷ୍ଟରେ ସବୁଠାରୁ କମ୍ ରନ୍: ଏହି ଟେଷ୍ଟରେ ଉଭୟ ଦଳ ମିଳିତ ଭାବେ ୪୬୪ ରନ୍ ସଂଗ୍ରହ କରିଛନ୍ତି । ଗୋଟିଏ ଟେଷ୍ଟରେ ଏହା ହେଉଛି ସବୁଠାରୁ କମ୍ ରନ୍ ସଂଗ୍ରହ । ପୂର୍ବରୁ ଏହି ରେକର୍ଡ ନାଗପୁରରେ ହୋଇଥିଲା । ୨୦୧୫ରେ ଖେଳାଯାଇଥିବା ଏହି ଟେଷ୍ଟରେ ୬୫୨ ରନ୍ ସ୍କୋର ହୋଇଥିଲା ।

ବିଜୟୀ ଦଳର ଅର୍ଦ୍ଧଶତକ ଶୂନ: ଭାରତୀୟ ପାଳିରେ କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ ନ କରି ମ୍ୟାଚ୍ ଜିତିବାରେ ଏହା ଦ୍ୱିତୀୟ ଅବସର । ଏହି ଟେଷ୍ଟରେ ଭାରତ ପକ୍ଷରୁ ବିରାଟ କୋହଲି ସର୍ବାଧିକ ୪୬ ରନ୍ କରିଥିଲେ । ସେହିପରି ୨୦୧୫ ନାଗପୁରରେ ଭାରତ ୧୨୪ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା । ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ମୁରଲୀ ବିଜୟ ସର୍ବାଧିକ ୪୦ ରନ୍ କରିଥିଲେ ।

ଜାତୀୟ ଜିମ୍ନାଷ୍ଟିକ୍ସ: ରାକେଶଙ୍କୁ ୪ ପଦକ

ଭୁବନେଶ୍ୱର, ୪।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଜାତୀୟ ବରିଷ୍ଠ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଗୁରୁବାର ଶେଷ ହୋଇଛି । ଏଥିରେ ଓଡ଼ିଶାର ରାକେଶ ପାତ୍ରଙ୍କୁ ୪ଟି ପଦକ ମିଳିଛି । ସେ ଅଲରାଉଣ୍ଡ ଓ ରିଙ୍ଗ୍ସରେ ସ୍ୱର୍ଣ୍ଣ, ପାରାଲେଲ ବାରରେ ରୌପ୍ୟ ଓ ହୋରାଇଜୋଣ୍ଟାଲ ବାର୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । ତାଙ୍କ ବ୍ୟତୀତ ସର୍ଭିସେସ୍‌ର ଗୌରବ କୁମାରଙ୍କୁ ମଧ୍ୟ ୪ଟି ପଦକ ମିଳିଛି । ରେଳବାଇର ସିଦ୍ଧାର୍ଥ ବର୍ମସେ ଫ୍ଲୋର ଏକ୍ସରସାଇଜ୍‌ରେ ସ୍ୱର୍ଣ୍ଣ ସହ ଏହି ପଦକ ବିଜୟୀ ହୋଇଛନ୍ତି । ମହିଳା ବିଭାଗରେ ଅଲିମ୍ପିଆନ ପ୍ରଣତି ଦାସଙ୍କୁ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ, ପ୍ରଣତି ନାୟକଙ୍କୁ ଭଲ୍ଟରେ ସ୍ୱର୍ଣ୍ଣ ଓ ବାଲାନ୍ସ ବିମ୍‌ରେ କାଂସ୍ୟ ପଦକ ମିଳିଛି । ଖେଳ ଶେଷରେ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭିନୀଲ କ୍ରିଷ୍ଣା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ବ୍ୟକ୍ତିଗତ ମହିଳା ବିଭାଗ ଭଲ୍ଟରେ ରେଳବାଇର ପ୍ରଣତି ନାୟକ, ଅନ୍‌ଇଭିନ୍ ବାରରେ ରେଳବାଇର ପ୍ରଣତି ଦାସ, ବାଲାନ୍ସ ବିମ୍‌ରେ ବେଙ୍ଗଲର ରାତୁ ଦାସ, ଫ୍ଲୋର ଏକ୍ସରସାଇଜ୍‌ରେ ପ୍ରଣତି ଦାସ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ପୁରୁଷ ବିଭାଗ ଫ୍ଲୋର ଏକ୍ସରସାଇଜ୍‌ରେ ଗୌରବ କୁମାର, ପୋମେଲ ହର୍ଷରେ ହରିକ୍ରିଷ୍ଣା, ରିଙ୍ଗସରେ ରାକେଶ, ଭଲ୍ଟରେ ସିଦ୍ଧାର୍ଥ ବର୍ମା, ପାରାଲେଲ ବାରରେ ସୈଫ ତାମ୍ବୋଲି, ହୋରାଇଜୋଣ୍ଟାଲ ବାରରେ ଯୋଗେଶ୍ୱର ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଓଡ଼ିଶାର ତପନ ମହାନ୍ତି ରିଙ୍ଗସରେ କାଂସ୍ୟ ପଦକ ପାଇଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର